ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com



ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ଶୁକ୍ରବାର ୨୪ ଏପ୍ରିଲ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 24 April 2026
Vol.No. 36 ■ No.107 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଖୁବ୍‌ଶୀଘ୍ର ଆସୁଛି
ସାଗରିକା
(ବିଷୁବସଂଖ୍ୟା)
ଡିଜିଟାଲ୍ ଫର୍ମାଟରେ
ମଧ୍ୟ ଉପଲବ୍ଧ...
website : sagarika.in.net

# ତାମିଲନାଡୁ ଓ ପଶ୍ଚିମବଙ୍ଗରେ ବମ୍ପର ଭୋଟିଂ

## ପଶ୍ଚିମବଙ୍ଗରେ ୯୨ ପ୍ରତିଶତ, ତାମିଲନାଡୁରେ ୮୨ ପ୍ରତିଶତ ପାର

### ମୁର୍ଶିଦାବାଦରେ ମତଦାନ ସମୟରେ ହୁମାୟୁନ କବୀର-ଟିଏମସି କର୍ମୀଙ୍କ ମଧ୍ୟରେ ସଂଘର୍ଷ : ନୌଦା ବିଧାନସଭା ନିର୍ବାଚନ ମଣ୍ଡଳୀରେ ବୋମା ମାଡ଼





ନୂଆଦିଲ୍ଲୀ,୨୩/୪ : ତାମିଲନାଡୁ ଓ ପଶ୍ଚିମବଙ୍ଗରେ ବମ୍ପର ଭୋଟିଂ। ସନ୍ଧ୍ୟା ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ୮୯.୯୩ ପ୍ରତିଶତ, ତାମିଲନାଡୁରେ ୮୨.୨୪ ପ୍ରତିଶତ ଭୋଟିଂ। ସରିଲା ତାମିଲନାଡୁ ନିର୍ବାଚନ। ୨୩୪ଟି ଆସନ ପାଇଁ ସାବ୍ୟସ୍ତ କଲେ ମତଦାତା । ପଶ୍ଚିମବଙ୍ଗରେ ବି ପଡିଲା ପ୍ରଥମ ପର୍ଯ୍ୟାୟ ଭୋଟ। ପଶ୍ଚିମବଙ୍ଗରେ ୧୬ଟି ଜିଲ୍ଲାର ୧୫୨ଟି ଆସନରେ ମତଦାନ ହୋଇଛି। ପଶ୍ଚିମବଙ୍ଗରେ ଆସନ୍ତା ୨୯ରେ ଦ୍ୱିତିୟ ପର୍ଯ୍ୟାୟ ଭୋଟ ଗ୍ରହଣ ହେବ। ୧୪୨ ଟି ଆସନ ପାଇଁ ମତସାବ୍ୟସ୍ତ କରିବେ ମତଦାତା। ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଆଜି ମତଦାନ ହୋଇଥିଲା। ହାଇଭୋଲଟେଜ ନନ୍ଦିଗ୍ରାମ ଆସନରୁ ବିଜେପିର ଶୁଭେନ୍ଦୁ ଅଧିକାରୀ ନିର୍ବାଚନ ଲଢୁଛନ୍ତି। ଆଜି ସେଠାରେ ଭୋଟିଂ ହେଉଛି। ଏହି ଆସନରେ ମମତା ବାନାର୍ଜୀଙ୍କୁ ୨୦୨୧ ନିର୍ବାଚନରେ ହରାଇଥିଲେ ଶୁଭେନ୍ଦୁ ଅଧିକାରୀ। ତେବେ ପଶ୍ଚିମବଙ୍ଗରେ ମୋଟ ୨୯୪ ଟି ବିଧାନସଭା ଆସନ ଥିବା ବେଳେ ପ୍ରଥମ ପର୍ଯ୍ୟାୟରେ ପଶ୍ଚିମବଙ୍ଗରେ ମୁଖ୍ୟତଃ ଟିଏମସି ଓ ବିଜେପି ମଧ୍ୟରେ ସିଧାସଳଖ ଲଢେଇ ହେବ ବୋଲି କୁହାଯାଉଛି। ତାମିଲନାଡୁ ଏଥର ତ୍ରିମୁଖୀ ଲଢେଇ ହେବ ବୋଲି କୁହାଯାଉଛି। ଏଆଇଡିଏମକେ ଓ ବିଜେପି ମେଣ୍ଟ, ଶାସକ ଦଳ ଡିଏମକେ ଓ କଂଗ୍ରେସ ମେଣ୍ଟରେ ମଇଦାନରେ ଅଛନ୍ତି। ଅଭିନେତା ବିଜୟଙ୍କ ପାର୍ଟି ଟିଭିକେ ମଧ୍ୟ ସମସ୍ତ ୨୩୪ଟି ଆସନରେ ପ୍ରାର୍ଥି ଦେଇଛନ୍ତି। ପଶ୍ଚିମବଙ୍ଗର ମୁର୍ଶିଦାବାଦ ଜିଲ୍ଲାରେ ମତଦାନ ସମୟରେ ଗଣ୍ଡଗୋଳ ଘଟିଛି। ତୃଣମୂଳ କଂଗ୍ରେସ ଦଳ ଛାଡିଥିବା ହୁମାୟୁନ୍ କବୀର ଏବଂ ଟିଏମସି କର୍ମୀଙ୍କ ମଧ୍ୟରେ ସଂଘର୍ଷ ହୋଇଛି। ହୁମାୟୁନ୍ କବୀରଙ୍କ ବିରୋଧରେ ସ୍ଲୋଗାନ ଦିଆଯିବା ସହିତ ସେଠାରେ ନିୟୋଜିତ ସୁରକ୍ଷା କର୍ମୀଙ୍କ ସହ ମଧ୍ୟ ଧସ୍ତାଧସ୍ତି ହୋଇଥିବା ଜଣାପଡ଼ିଛି।

◆◆ପୃଷ୍ଠା ୭

## ବାରମ୍ବାର ଆକ୍ରମଣ ପରେ ଜନଗଣନାକାରୀଙ୍କ ସୁରକ୍ଷା ପାଇଁ ଆସିଲା ୮ ସୂତ୍ରୀ ଏସଓପି: ସମ୍ବେଦନଶୀଳ ସ୍ଥାନକୁ ସାଥିରେ ଯିବେ ପୁଲିସ




ଭୁବନେଶ୍ୱର, ୨୩/୪ (ନି.ପ୍ର): ଜନଗଣନାକାରୀଙ୍କ ଉପରେ ଲଗାତାର ଆକ୍ରମଣ ଭିତରେ କଠୋର ହୋଇଛନ୍ତି ସରକାର। ଜନଗଣନାକାରୀଙ୍କ ସୁରକ୍ଷା ପାଇଁ ଆଣିଛନ୍ତି ୮ ସୂତ୍ରୀ ଏସଓପି। ଯାହା ଜନଗଣନା କର୍ମଚାରୀଙ୍କ ସୁରକ୍ଷାକୁ ସୁନିଶ୍ଚିତ କରିବ। ଅନ୍ୟପଟେ କାମାକ୍ଷାନଗର ଓ ଟାଙ୍ଗୀରେ ଜନଗଣନାକାରୀଙ୍କ ଆକ୍ରମଣ ପରେ ଆକ୍ସନ ମୋଡକୁ ଆସିଛି ପୁଲିସ। ଆକ୍ରମଣ ପରେ ଆକ୍ସନ। ଜନଗଣନା କର୍ମଚାରୀଙ୍କୁ କାମାକ୍ଷାନଗରରେ ମରଣାନ୍ତକ ଆକ୍ରମଣ, ଠିକ୍ ପରେ ପରେ ପୁଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ। ଯେସାକୁ ତେସା ନୀତିରେ ଆକ୍ରମଣକାରୀ ବାପା ଓ ପୁଅକୁ ପୁଲିସ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ସେହିଭଳି ଖୋର୍ଦ୍ଧା ଗୋବିନ୍ଦପୁର ସାହିରେ ଜନଗଣନା କରିବାକୁ ଯାଇଥିବା ଶିକ୍ଷୟତ୍ରୀ ଆକ୍ରମଣର ଶିକାର ହୋଇଛନ୍ତି। ଗୋବିନ୍ଦପୁର ଗାଁର ଯୁବକ ଠେଙ୍ଗା ଧରି ବାଡେଇବାକୁ ଗୋଡାଉଥିବା ଭିଡ଼ିଓ ଭାଇରାଲ ହୋଇଥିଲା। ଏନେଇ ଟାଙ୍ଗୀ ବିଡ଼ିଓ ଓ ପୁଲିସ ପହଞ୍ଚିବା ପରେ ଉକ୍ତ ଯୁବକ କ୍ଷମା ମାଗିଛନ୍ତି। ଅନ୍ୟପଟେ ଶିକ୍ଷୟତ୍ରୀଙ୍କ ଉପରେ ଆକ୍ରମଣକୁ ବରଦାସ୍ତ କରାଯିବନି ବୋଲି କହିଛନ୍ତି ଗଣଶିକ୍ଷା ମନ୍ତ୍ରୀ। ଜନଗଣନା ଅଧିକାରୀଙ୍କୁ ମରଣାନ୍ତକ ଆକ୍ରମଣ ଭିତରେ ଆକ୍ସନମୋଡକୁ ଆସିଛନ୍ତି ସରକାର। ଜନଗଣନାକୁ ଯାଉଥିବା କର୍ମଚାରୀଙ୍କ ସୁରକ୍ଷାକୁ ପ୍ରାଥମିକତା ଦେବା ସହ ଆଣିଛନ୍ତି ୮ ସୂତ୍ରୀ ଏସଓପି।

◆◆ପୃଷ୍ଠା ୭

## ୬ ମାସ ଭିତରେ କାର୍ଯ୍ୟକାରୀ ହେବ ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତି

ଭୁବନେଶ୍ୱର, ୨୩/୪ (ନି.ପ୍ର): ୬ ମାସ ଭିତରେ କାର୍ଯ୍ୟକାରୀ ହେବ ଓଡ଼ିଶା ସିଟି ଗ୍ୟାସ୍ ବିତରଣ ନୀତି । ଏନେଇ ସୂଚନା ଦେଇଛନ୍ତି ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର । କାଲି କ୍ୟାବିନେଟ ମଞ୍ଜୁରୀ ପରେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଲକ୍ଷ୍ୟ ରଖିଛୁ ୬ ମାସ ଭିତରେ ସିଟି ଗ୍ୟାସ୍ ବିତରଣ ନୀତି କାର୍ଯ୍ୟକାରୀ ହେବ । ସହରରେ ପିଏନଜି, ସିଏଜି ବ୍ୟବସ୍ଥା ହେବ । ସିଏନଜି ଗାଡ଼ିକୁ ପ୍ରୋତ୍ସାହନ ମିଳିବ ବୋଲି ମନ୍ତ୍ରୀ କହିଛନ୍ତି ।

## ୪୦ ଡିଗ୍ରି ଉପରେ ରାଜ୍ୟର ବହୁ ସହର




ଭୁବନେଶ୍ୱର, ୨୩/୪ (ନି.ପ୍ର): ରାଜ୍ୟରେ ତାପମାତ୍ରା ଲଗାତାର ଭାବେ ବଢ଼ି ଚାଲିଛି । ସାରା ରାଜ୍ୟରେ ତାତି ଓ ଗୁଳୁଗୁଳି ଲୋକଙ୍କୁ ଅସହ୍ୟ ଯନ୍ତ୍ରଣା ଦେଲାଣି। ଘରୁ ବାହାରକୁ ବାହାରିଲେ ଲୋକ ତ୍ରାହି ତ୍ରାହି ଡାକୁଛନ୍ତି । ରାଜ୍ୟବାସୀ ଅନେଇ ବସିଛନ୍ତି ବର୍ଷାକୁ। କାଳବୈଶାଖୀ ଆସିଲେ ଯାଇଁ ତାତିରୁ ମିଳିବ ତ୍ରାହି। ଗରମ ପାଣିରେ ଫୁଟିଲା ଭଳି ଫୁଟୁଛି ଝାରସୁଗୁଡ଼ା । ଦେଶର ସବୁଠୁ ଉତ୍ତପ୍ତ ସହର ପାଲଟିଛି ଏଇ ସହର। ଭୁବନେଶ୍ୱରରେ ମଧ୍ୟ ତାତି ୪୦ ଡିଗ୍ରୀ ଅତିକ୍ରମ କରିଛି । ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଆଜି ଦିନ ଅଢ଼େଇଟା ସୁଦ୍ଧା ରାଜ୍ୟର ବହୁ ସ୍ଥାନରେ ତାପମାତ୍ରା ୪୦ ଡେଇଁଛି । ଅନେକ ଜିଲ୍ଲାରେ ଦ୍ରୁତ ଶିଳ୍ପାୟନ, ବଢୁଥିବା ସହରୀକରଣ ଓ ନିର୍ଦ୍ଦିଷ୍ଟ ଭୌଗୋଳିକ କାରଣ ଗୁଡିକର ମିଶ୍ରଣ ଯୋଗୁଁ ଓଡ଼ିଶାର ତାପମାତ୍ରା ବୃଦ୍ଧି ପାଉଛି।

◆◆ପୃଷ୍ଠା ୭

## ରତ୍ନଭଣ୍ଡାର ଚାବି ନେଇ ପୁଣି ମୁହାଁମୁହିଁ ବିଜେପି-ବିଜେଡି: ନିର୍ବାଚନ କଥା ମନେପକାଇ ବିଜେଡି କଲା କଟାକ୍ଷ

ଭୁବନେଶ୍ୱର, ୨୩/୪ (ନି.ପ୍ର): ରତ୍ନଭଣ୍ଡାର ଚାବିକୁ ନେଇ ପୁଣି ମୁହାଁମୁହିଁ ବିଜେପି-ବିଜେଡି। ପୁଣି ତୁତୁମେଁମେଁ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଚାବି ହଜିବା ପ୍ରସଙ୍ଗକୁ ନେଇ ଓଡ଼ିଶା ରାଜନୀତି ପୁଣି ଥରେ ଉଷ୍ମ ହୋଇଛି। ଶାସକ ବିଜେପି ଏବଂ ବିରୋଧୀ ବିଜେଡି ମଧ୍ୟରେ ଆରମ୍ଭ ହୋଇଛି ଶାଣିତ ବାକଯୁଦ୍ଧ। ସୋସିଆଲ ମିଡିଆରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସଙ୍କ ଏକ ପୋଷ୍ଟ ପରେ ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ କଡ଼ା ଜବାବ ରଖିଛନ୍ତି । ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ଅଭିଯୋଗ କରିଥିଲେ ଯେ, ରତ୍ନଭଣ୍ଡାରକୁ ନେଇ ବିଜେପି କେବଳ ଅପପ୍ରଚାର କରୁଛି। ରାଜନୈତିକ ଫାଇଦା ପାଇଁ ଗୁଜବ ସୃଷ୍ଟି କରି ଲୋକଙ୍କ ମନରେ ଭୟ ଓ ସନ୍ଦେହ ଭରିବା ଓଡ଼ିଶାବାସୀଙ୍କ ଭାବନା ସହ ଏକ କ୍ରୁର ପରିହାସ। ଏହାକୁ ସେ ଗଣତନ୍ତ୍ର ପାଇଁ ଏକ କଳଙ୍କିତ ଅଧ୍ୟାୟ ବୋଲି ଅଭିହିତ କରିଛନ୍ତି। ବିଜେଡିର ଏହି ଅଭିଯୋଗ ଉପରେ ବର୍ଷିଛନ୍ତି ଆଇନ ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ସେ କହିଛନ୍ତି ଯେ, ବିଜେପି ମିଥ୍ୟାଚାର କରେ ନାହିଁ। ଯଦି ଚାବି ଥିଲା, ତେବେ ପୂର୍ବ ସରକାର ରତ୍ନଭଣ୍ଡାର କାହିଁକି ଖୋଲିଲେ ନାହିଁ? 'ଡୁପ୍ଲିକେଟ ଚାବି' କେଉଁଠୁ ଆସିଲା ଏବଂ ତାହା ତାଲା ସହ କାହିଁକି ମେଳ ଖାଇଲା ନାହିଁ, ତାହାର ଉତ୍ତର ବିଜେଡି ପାଖରେ ନାହିଁ। ମନ୍ତ୍ରୀ ଚେତାବନୀ ଦେଇ କହିଛନ୍ତି ଯେ, ଯଦି ସରକାର ଏହି ଅସମାହିତ ପ୍ରଶ୍ନ ପଚାରିବା ଆରମ୍ଭ କରିବେ, ତେବେ ବିଜେଡି ନେତାମାନେ ନିରୁତ୍ତର ହୋଇଯିବେ।

## ସ୍କୁଲରେ ନିମ୍ନମାନର ଖାଦ୍ୟ ଦିଆଗଲେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୨୩/୪ (ନି.ପ୍ର): ଯଦି କେଉଁଠି ସ୍କୁଲରେ ନିମ୍ନ ମାନର ଖାଦ୍ୟ ଦିଆଯାଉଛି, ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ, ଯେଉଁଠି ଅଭିଯୋଗ ଆସିବ ତଦନ୍ତ ହୋଇ ସମ୍ପୃକ୍ତ ଶିକ୍ଷକ ଏବଂ ଶିକ୍ଷୟିତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ।

## ଇସଲାମାବାଦରେ ଅଘୋଷିତ କର୍ଫ୍ୟୁ: ଆମେରିକା-ଇରାନ ଶାନ୍ତି ଆଲୋଚନା ପୂର୍ବରୁ ସ୍ଥାଣୁ ହେଲା ଜନଜୀବନ

ନୂଆଦିଲ୍ଲୀ,୨୩/୪ : ଆମେରିକା ଓ ଇରାନ ମଧ୍ୟରେ ସମ୍ଭାବ୍ୟ ଶାନ୍ତି ଆଲୋଚନା ପାଇଁ ପାକିସ୍ତାନର ରାଜଧାନୀ ଇସଲାମାବାଦ ବର୍ତ୍ତମାନ ଏକ ଅଘୋଷିତ 'ପିଞ୍ଜରା'ରେ ପରିଣତ ହୋଇଥିବା ବେଳେ ଏହି ହାଇ-ପ୍ରୋଫାଇଲ୍ ବୈଠକକୁ ନେଇ ଚରମ ଅନିଶ୍ଚିତତା ଦେଖାଦେଇଛି। ସହରର ଖାଲି ରାସ୍ତା, ବନ୍ଦ ବଜାର ଓ ସେନାବାହିନୀର କଡ଼ା ପହରା ମଧ୍ୟରେ ସାଧାରଣ ଜନଜୀବନ ସମ୍ପୂର୍ଣ୍ଣ ସ୍ଥାଣୁ ହୋଇଯାଇଥିବା ବେଳେ ଆମେରିକାର ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କ ଗସ୍ତ ଶେଷ ମୁହୂର୍ତ୍ତରେ ସ୍ଥଗିତ ରହିବା ଏବଂ ଇରାନୀ ପ୍ରତିନିଧିମଣ୍ଡଳୀଙ୍କ ଆଗମନକୁ ନେଇ କୌଣସି ସ୍ପଷ୍ଟ ସୂଚନା ନ ମିଳିବା ଫଳରେ ସମଗ୍ର ସହରରେ ଏକ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହୋଇଛି। ଲଗାତାର ସୁରକ୍ଷା କଟକଣା ଯୋଗୁଁ ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡ଼ିଥିବା ବେଳେ ଦୈନିକ ମଜୁରିଆଙ୍କ ଜୀବିକା ବିପନ୍ନ ହୋଇଛି ଏବଂ ଶିକ୍ଷାର୍ଥୀମାନଙ୍କୁ ହଠାତ୍ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯିବା ଫଳରେ ସାଧାରଣ ନାଗରିକଙ୍କ ମଧ୍ୟରେ ଅସନ୍ତୋଷ ତେଜିବାରେ ଲାଗିଛି। ଇସଲାମାବାଦ ଓ ପଡ଼ୋଶୀ ରାୱଲପିଣ୍ଡି ସହରରେ ଗତ କିଛି ଦିନ ହେବ ଜାରି ରହିଥିବା ଏହି କଡ଼ା ସୁରକ୍ଷା ବଳୟ ଯୋଗୁଁ ବ୍ୟବସାୟିକ ପ୍ରତିଷ୍ଠାନ ଓ ରେଷ୍ଟୁରାଣ୍ଟଗୁଡ଼ିକ ବନ୍ଦ ରହିଛି।

## ଆଗୁଆ ହୋଇପାରେ ଖରା ଛୁଟି

ଭୁବନେଶ୍ୱର, ୨୩/୪ (ନି.ପ୍ର): ଆଗୁଆ ହେବ ଖରା ଛୁଟି। ଦିନ ଦୁଇ ଦିନ ମଧ୍ୟରେ ସ୍କୁଲରେ ଆଗୁଆ ଖରାଛୁଟି ନେଇ ଚୂଡାନ୍ତ ନିଷ୍ପତି ନିଆଯିବ। ରାଜସ୍ୱ ବିଭାଗ ଏବଂ ଗଣ ଶିକ୍ଷା ବିଭାଗ ଆଲୋଚନା ପରେ ମୁଖ୍ୟମନ୍ତ୍ରୀଙ୍କ ପାଖକୁ ପ୍ରସ୍ତାବ ପଠାଯାଇଛି। ଏସମ୍ପର୍କରେ ସୂଚନା ଦେଇ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି ଆଜି ଗଣ ଶିକ୍ଷା ବିଭାଗ, ରାଜସ୍ୱ ବିଭାଗ ଏବଂ ଏସଆରସିଙ୍କ ମିଳିତ ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପରେ ଆଗୁଆ ଛୁଟି ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ନିକଟକୁ ପ୍ରସ୍ତାବ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଦିନେ ଦୁଇ ଦିନ ଭିତରେ ନିଷ୍ପତି ନେଇପାରନ୍ତି। ତେବେ ଅଙ୍ଗନବାଡି ବନ୍ଦ ହେଲେ ପିଲାଙ୍କ ପାଖରେ ଖାଦ୍ୟ ପହଂଚାଇବାର ବ୍ୟବସ୍ଥା କରିବୁ ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ।

## ସାରା ବିଶ୍ୱକୁ ଇରାନ ଦେଲା ଚେତାବନୀ: ଏବେ ବିପଦରେ ସମୁଦ୍ର ତଳ ଇଣ୍ଟରନେଟ୍ କେବୁଲ



ନୂଆଦିଲ୍ଲୀ,୨୩/୪ : ଯୁଦ୍ଧ ଭିତରେ ଇରାନର ବଡ଼ ଚେତାବନୀ। ମଧ୍ୟପ୍ରାଚ୍ୟ ଦେଶ ସହ ଭାରତରେ ମଧ୍ୟ ଠପ୍ ହୋଇପାରେ ଇଣ୍ଟରନେଟ୍ ସେବା । ଅନ୍ୟପଟେ ହର୍ମୁଜ ପାଇଁ ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତ୍ୟାନ୍ୟାହୁ ବଡ଼ ଯୋଜନା ପ୍ରସ୍ତୁତ କରୁଛନ୍ତି ଯେଉଁଥିରେ ଭାରତ ମଧ୍ୟ ସାମିଲ ଅଛି। ବିଶ୍ୱ ଅର୍ଥନୀତି ଏବଂ ଯୋଗାଯୋଗ ବ୍ୟବସ୍ଥାକୁ ନେଇ ଇରାନ ଚିନ୍ତାଜନକ ଚେତାବନୀ ଦେଇଛି। ଇରାନର ରିଭଲ୍ୟୁସନାରୀ ଗାର୍ଡ ପକ୍ଷରୁ କୁହାଯାଇଛି, ହର୍ମୁଜ ପ୍ରଣାଳୀ ଦେଇ ଯାଇଥିବା ସମୁଦ୍ର ତଳ ଇଣ୍ଟରନେଟ୍ କେବୁଲ୍‌କୁ ସହଜରେ କ୍ଷତି ପହଞ୍ଚାଯାଇ ପାରିବ। ଯଦି କୌଣସି ଦୁର୍ଘଟଣା ବଶତଃ କିମ୍ବା ଉଦ୍ଦେଶ୍ୟମୂଳକ ଭାବେ ଏହି କେବୁଲ୍‌ଗୁଡ଼ିକୁ କାଟି ଦିଆଯାଏ, ତେବେ ସାରା ବିଶ୍ୱରେ ଡିଜିଟାଲ୍ ସଂକଟ ଦେଖାଦେବ।ଏହି କେବୁଲ୍‌ଗୁଡ଼ିକ ବିଶ୍ୱର ଡାଟା ଟ୍ରାଫିକ ପାଇଁ ଜୀବନରେଖା ସଦୃଶ। ଯଦି ଏଥିରେ କିଛି ବାଧା ଉପୁଜେ, ତେବେ ଭାରତ ସମେତ ଅନେକ ଏସୀୟ ଏବଂ ୟୁରୋପୀୟ ଦେଶରେ ଇଣ୍ଟରନେଟ୍ ସେବା ସମ୍ପୂର୍ଣ୍ଣ ଠପ୍ ହୋଇଯିବାର ଆଶଙ୍କା ରହିଛି। ବିଶେଷ କରି ବ୍ୟାଙ୍କିଙ୍ଗ୍, ଆଇଟି ସେବା ଏବଂ ପ୍ରତିରକ୍ଷା ଯୋଗାଯୋଗ ଉପରେ ଏହାର ଗୁରୁତର ପ୍ରଭାବ ପଡ଼ିବ। ଇରାନର ଏହି ବୟାନ ପରେ ବିଶ୍ୱ ସମୁଦାୟ ଏବଂ ଭାରତୀୟ ସୁରକ୍ଷା ବିଶେଷଜ୍ଞଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଛି। ସମୁଦ୍ର ମଧ୍ୟରେ ବିଛାଯାଇଥିବା ଏହି ଅପ୍ଟିକାଲ୍ ଫାଇବର କେବୁଲ୍‌ର ସୁରକ୍ଷା ଏବେ ବଡ଼ ଆହ୍ୱାନ ଭାବେ ଉଭା ହୋଇଛି। ହର୍ମୁଜ ପ୍ରଣାଳୀକୁ ଏଡାଇବା ପାଇଁ ଇସ୍ରାଏଲ ତିଆରି କରୁଛି ମାଷ୍ଟର ପ୍ଲାନ୍। ଭାରତ-ମଧ୍ୟପ୍ରାଚ୍ୟ-ୟୁରୋପ ଅର୍ଥନୈତିକ କରିଡରକୁ ନେଇ ଏବେ ଏକ ବଡ଼ ଅପଡେଟ୍ ସାମ୍ନାକୁ ଆସିଛି।

◆◆ପୃଷ୍ଠା ୭

## ଭାରତ-ଚୀନ୍ ବିରୋଧରେ ଟ୍ରମ୍ପଙ୍କ 'ନର୍କ କୁଣ୍ଡ' ମନ୍ତବ୍ୟ: ବିଶ୍ୱବ୍ୟାପୀ ଅସନ୍ତୋଷ



ନୂଆଦିଲ୍ଲୀ,୨୩/୪ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଟ୍ରୁଥ୍ ସୋସିଆଲ୍'ରେ ଏକ ପୋଷ୍ଟ୍ ଅନ୍ତର୍ଜାତୀୟ କୂଟନୈତିକ ମହଲରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଏଥିରେ ବିଶ୍ୱର ଦୁଇ ଜନବହୁଳ ଦେଶ ଭାରତ ଓ ଚୀନ୍‌କୁ ନର୍କ କୁଣ୍ଡ' (ହେଲ୍‌ହୋଲ୍‌ସ) ଭାବେ ଅଭିହିତ କରାଯାଇଛି ଏବଂ ସେହି ଦେଶର ନାଗରିକମାନେ ଆମେରିକାର ଜନ୍ମଗତ ନାଗରିକତା ଆଇନର ଅପବ୍ୟବହାର କରି ଉଚ୍ଚ-ପ୍ରଯୁକ୍ତିବିଦ୍ୟା ଚାକିରି ହଡ଼ପ କରୁଥିବା ଅଭିଯୋଗ ହୋଇଛି। ଗତ ରାତିରେ ରାଷ୍ଟ୍ରପତି ଟ୍ରମ୍ପ ଭାଷ୍ୟକାର ମାଇକେଲ୍ ସାଭେଜ୍‌ଙ୍କ ଏକ ଚିଠିକୁ ସେୟାର କରିବା ପରେ ଏହି ବିବାଦ ସୃଷ୍ଟି ହୋଇଥିଲା। ଏହି ଚିଠିରେ ଭାରତୀୟ ଏବଂ ଚୀନ୍‌ର ପ୍ରଯୁକ୍ତିବିଦ୍ୟା ପେଶାଦାରମାନଙ୍କୁ ଲ୍ୟାପଟପ୍‌ଧାରୀ ଗ୍ୟାଙ୍ଗଷ୍ଟର ଭାବେ ବର୍ଣ୍ଣନା କରାଯାଇଛି ଏବଂ ଦାବି କରାଯାଇଛି ଯେ ଏହି ଦେଶଗୁଡିକରୁ ଆସୁଥିବା 'ଜନ୍ମ ପର୍ଯ୍ୟଟନକ୍' ଆମେରିକାର ସାର୍ବଭୌମତ୍ୱକୁ ନଷ୍ଟ କରିବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହି ପ୍ରସଙ୍ଗରେ ଏକ ସଂଯମପୂର୍ଣ୍ଣ ଆଭିମୁଖ୍ୟ ଗ୍ରହଣ କରିଛି। ଏକ ଗୁରୁତ୍ୱପୂର୍ଣ୍ଣ ପ୍ରେସ୍ ବ୍ରିଫିଂ ସମୟରେ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୈସୱାଲ କୌଣସି ପ୍ରକାରର ବାକ୍ ଯୁଦ୍ଧରେ ନ ପଶି ନିଜର ପ୍ରତିକ୍ରିୟା ରଖିଥିଲେ। ସେ କହିଥିଲେ, ଆମେ କିଛି ରିପୋର୍ଟ ଦେଖିଛୁ। ମୁଁ ଏହାକୁ ଏତିକିରେ ହିଁ ରଖିବାକୁ ଚାହିଁବି। ବିଶ୍ଳେଷକଙ୍କ ମତରେ, ଭାରତ ଓ ଆମେରିକା ମଧ୍ୟରେ ବାଣିଜ୍ୟ ଏବଂ ପ୍ରତିରକ୍ଷା ଚୁକ୍ତିକୁ ନେଇ ଆଲୋଚନା ଚାଲିଥିବା ବେଳେ ଟ୍ରମ୍ପ ପ୍ରଶାସନ ସହ ସମ୍ପର୍କକୁ ଅଧିକ ତିକ୍ତ ନ କରିବା ପାଇଁ ଭାରତ ଏହି ରଣନୈତିକ ନୀରବତା ଅବଲମ୍ବନ କରିଛି। ଅନ୍ୟପକ୍ଷରେ ଏହି ମାମଲାରେ ତେହେରାନ ପକ୍ଷରୁ କଡ଼ା ଜବାବ ଦିଆଯାଇଛି। ଭାରତ ଏବଂ ଚୀନକୁ ସମର୍ଥନ କରି ଇରାନ ସରକାର ଏହି ଦୁଇ ଦେଶକୁ ମାନବ ସଭ୍ୟତାର ବିକାଶଭୂମି ବୋଲି ବର୍ଣ୍ଣନା କରିଛି। ଏକ ଶାଣିତ ସମାଲୋଚନାରେ ଇରାନ ଅଧିକାରୀମାନେ ଏହି ମନ୍ତବ୍ୟକୁ ହର୍ମୁଜ ପ୍ରଣାଳୀ ଚାରିପଟେ ଜାରି ରହିଥିବା ଆମେରିକାର ନୌସେନା ଅବରୋଧ ସହ ଯୋଡ଼ିଛନ୍ତି।

# ବେଲପାହାଡ଼ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କଲେ ରାଜସ୍ୱ ମନ୍ତ୍ରୀ

ଝାରସୁଗୁଡା, ୨୩/୦୪ (ନି.ପ୍ର): ବେଲପାହାଡ଼ ପୌରପାଳିକାର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପ ସମ୍ପର୍କରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ ସୁରେଶ ପୂଜାରୀ ଲୋକସେବା ଭବନରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା କରିଛନ୍ତି । ୨୦୨୪-୨୫,୨୦୨୫-୨୬ ଆର୍ଥିକ ବର୍ଷରେ ଆରମ୍ଭ ହୋଇ ପାରିନଥିବା କାର୍ଯ୍ୟ ସବୁର ପୂର୍ବ କାର୍ଯ୍ୟାଦେଶ ବାତିଲ୍ କରି ନୂଆ ଟେଣ୍ଡର୍ ଆହ୍ୱାନ କରି ୨୦୨୬-୨୭ ବର୍ଷର ବଜେଟରୁ ଅର୍ଥ ବ୍ୟୟ ବ୍ୟବସ୍ଥା କରି ଯଥାଶୀଘ୍ର କାର୍ଯ୍ୟ କରିବାକୁ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ବିଭିନ୍ନ କାରଣରୁ ଅବହେଳା କରି କାମ ସାରି ନଥିବା ସଂସ୍ଥା ଅଥବା ଠିକାଦାରମାନଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବା ସହ ଆବଶ୍ୟକସ୍ଥଳେ କାର୍ଯ୍ୟାଦେଶ ରଦ୍ଦ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଖୁବ୍ ଶୀଘ୍ର ଗୃହ ଏବଂ ନଗର ଉନ୍ନୟନ ବିଭାଗର ଏକ ଉଚ୍ଚସ୍ତରୀୟ କମିଟି ବେଲପାହାଡ଼ ପୌରାଂଚଳ ଗସ୍ତ କରି ଅଟକି ଥିବା ବିଭିନ୍ନ ପ୍ରକଳ୍ପ ସବୁର ସମୀକ୍ଷା କରି ସେ ସମ୍ପର୍କିତ ସମସ୍ୟାସବୁ ବାବଦରେ ଅବଗତ ହେବା ସହ ତୁରନ୍ତ ସମାଧାନ ସହ ପ୍ରକଳ୍ପ କାର୍ଯ୍ୟ ସୁନିଶ୍ଚିତ କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି ।

ବିଭିନ୍ନ ବଡ଼ ପ୍ରକଳ୍ପ ମଧ୍ୟରେ ମାର୍କେଟ୍ କମ୍ପ୍ଲେକ୍ସ, ମୁଖ୍ୟମନ୍ତ୍ରୀ ସହରୀ ବିକାଶ ଯୋଜନା ଅଧୀନରେ ସହରାଂଚଳ ବାସହୀନ ଲୋକଙ୍କ ପାଇଁ ଆଶ୍ରୟସ୍ଥଳୀ, ଗେଷ୍ଟ୍ ହାଉସ୍, ଶନିବାରିଆ ବଜାର, ପାଥ୍ ୱେ ଆଦିର ସ୍ଥିତି ସମ୍ପର୍କରେ ବୈଠକରେ ସବିଶେଷ ଆଲୋଚନା ହୋଇଥିଲା । ଆଗାମୀ ୬ ମାସ ଭିତରେ ସମସ୍ତ ପ୍ରକଳ୍ପ ସମାପ୍ତ କରିବା ନିମନ୍ତେ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଟେଣ୍ଡର୍ ସମୟରୁ ହିଁ ପୂର୍ବରୁ କାର୍ଯ୍ୟ ଯୋଜନା ବା ୱାର୍କ୍ ପ୍ଲାନ୍ ନିର୍ଦ୍ଧାରଣ କରି ତଦନୁସାରେ ନିର୍ଦ୍ଦିଷ୍ଟ ଦିନ ସୁଦ୍ଧା ନିର୍ଦ୍ଧାରିତ କାମ କରିବାକୁ ଠିକାଦାରମାନଙ୍କୁ ତାଗିଦ୍ କରିବାକୁ ମାନ୍ୟବର ମନ୍ତ୍ରୀ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ସହକାରୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କ୍ଷ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ସମ୍ପର୍କରେ ମାନ୍ୟବର ମନ୍ତ୍ରୀ ସମୀକ୍ଷା କରିବା ସହ ଆବଶ୍ୟକସ୍ଥଳେ ଟ୍ୟାଙ୍କର୍ ଯୋଗେ ପାନୀୟ ଜଳ ଯୋଗାଣ ସୁନିଶ୍ଚିତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଛନ୍ତି । ଝାରସୁଗୁଡ଼ା ଅଂଚଳରେ ଫ୍ଲାଏ ଆଶ୍ ପକାଉଥିବା ଟ୍ରକମାନଙ୍କୁ ତାଗିଦ୍ କରି କାର୍ଯ୍ୟାନୁଷ୍ଠାନ ନେବା ନିମନ୍ତେ ଏସପି ଏବଂ ଆଇଆଇସିଙ୍କୁ ମନ୍ତ୍ରୀ ଫୋନ୍ ଯୋଗେ ନିର୍ଦ୍ଦେଶ ଦେଇଛନ୍ତି । ବେଲପାହାଡ଼ ପୌରାଂଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ ହେବା ସହ ସେସବୁର ସମାଧାନ ପାଇଁ ମନ୍ତ୍ରୀ ବୈଠକରେ ସୁବିସ୍ତୃତ ଆଲୋଚନା କରିଥିଲେ । ସରକାରଙ୍କ ତରଫରୁ ଯୋଗାଇଦିଆଯାଇଥିବା ଅର୍ଥ, ଅର୍ଥ କମିଶନଙ୍କ ଦ୍ୱାରା ପ୍ରଦତ ଅର୍ଥ, ପଶ୍ଚିମ ଓଡ଼ିଶା ବିକାଶ ପରିଷଦ, ଜିଲ୍ଲା ଖଣିଜ ପ୍ରତିଷ୍ଠାନର ପାଣ୍ଠି ଏବଂ ସିଏସଆର୍ ପାଣ୍ଠି ଅଧୀନରେ ଚାଲିଥିବା ପ୍ରକଳ୍ପ ସବୁର ସମୀକ୍ଷା କରାଯାଇଥିଲା । ୨୦୨୬-୨୭ ଆର୍ଥିକ ବର୍ଷ ନିମନ୍ତେ ପ୍ରସ୍ତାବିତ ପ୍ରକଳ୍ପ ସବୁକୁ ତ୍ୱରାନ୍ୱିତ କରିବା ସହ ସେଥିନିମନ୍ତେ ବ୍ୟୟ ହେବାକୁଥିବା ପାଣ୍ଠିର ଶତପ୍ରତିଶତ ସଦୁପଯୋଗ କରିବା ଉପରେ ମାନ୍ୟବର ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ରାଜସ୍ୱ ମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ପ୍ରଦୀପ କୁମାର ସାହୁ, ବେଲପାହାଡ଼ ପୌରପାଳିକାର ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ, ସହକାରୀ ଯନ୍ତ୍ରୀ, ଅନ୍ୟାନ୍ୟ ଜନପ୍ରତିନିଧି ତଥା ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ

କେନ୍ଦୁଝର, ୨୩/୦୪ (ନି.ପ୍ର): କେନ୍ଦୁଝର ଜିଲ୍ଲା ଶ୍ରମ ବିଭାଗ ଏବଂ ବ୍ଲକ ପ୍ରଶାସନ ମିଳିତ ଆନୁକୂଲ୍ୟରେ ହରିଚନ୍ଦନପୁର ବ୍ଲକ ଶଗଡପଟା ଗ୍ରାମ ପଂଚାୟତ ଅନ୍ତର୍ଗତ ବିଲା ଗାଁରେ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ୧୮୮ଜଣ ଯୋଗ ଦେଇଥିଲେ । ଏଥିମଧ୍ୟରୁ ୯୮ଜଣ ବିଭିନ୍ନ ନିର୍ମାଣ କାର୍ଯ୍ୟରେ ନିୟୋଜିତ ଶ୍ରମିକ,ଅଣ ସଂଗଠିତ କାର୍ଯ୍ୟରେ ନିୟୋଜିତ ୬୪ଜଣ ଶ୍ରମିକ,୬୦ ବର୍ଷରୁ ଉର୍ଦ୍ଧ୍ୱ ୧୨ଜଣ ଏବଂ ୧୭ଜଣ ଅଣଶ୍ରମିକ ଉପସ୍ଥିତ ଥିଲେ । ଜିଲ୍ଲା ଶ୍ରମ ଅଧିକାରୀ ଆକାଶ ବିଷୋୟୀଙ୍କ ପ୍ରତକ୍ଷ୍ୟ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କ୍ୟାମ୍ପରେ ସହକାରୀ ଶ୍ରମ ଅଧିକାରୀ ସୁଚିସ୍ମିତା ପାଣିଗ୍ରାହୀ ୧୪ଜଣ ନିର୍ମାଣ ଶ୍ରମିକଙ୍କୁ ଲେବର କାର୍ଡ ବଂଟନ କରିଥିଲେ ଏବଂ ଅନ୍ୟ ଯୋଗ୍ୟ ଶ୍ରମିକମାନଙ୍କୁ ଓଡିଶା କୋଠାବାଡି ଏବଂ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧିନରେ ପଞ୍ଜିକରଣ କରିବା ପାଇଁ ପରାମର୍ଶ ଦେଇଥିଲେ । ବ୍ଲକ ପ୍ରଶାସନ ପକ୍ଷରୁ ୭୦ଜଣଙ୍କୁ ଜବକାର୍ଡ ପ୍ରଦାନ କରାଯାଇଥିଲା । ଏଥିସହିତ ଶ୍ରମିକମାନଙ୍କୁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ଯୋଜନା ବିଷୟରେ ଅବଗତ କରାଯାଇଥିଲା । ନିଯୁକ୍ତିଦାତାମାନଙ୍କୁ ଗ୍ରୀଷ୍ମପ୍ରବାହ ସମୟରେ କାର୍ଯ୍ୟ ସମୟକୁ ପରିବର୍ତ୍ତନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ମଧ୍ୟରେ କାମ ନ କରିବାକୁ ସଚେତନ କରାଯାଇଥିଲା । ନିର୍ମାଣଧିନ ସ୍ଥାନରେ ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା,ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା ଏବଂ ଓଆରଏସ୍ ପ୍ୟାକେଟର ବ୍ୟବସ୍ଥା କରିବାକୁ କୁହାଯାଇଥିଲା । ସଚେତନତା କାର୍ଯ୍ୟକ୍ରମରେ ଶ୍ରମିକମାନଙ୍କ ନିମନ୍ତେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ସର୍ବନିମ୍ନ ମଜୁରୀ ବିଷୟରେ ଅବଗତ କରାଯାଇଥିଲା । ଶିଶୁ ଶ୍ରମିକ ନିରୋଧ ଆଇନ ଏବଂ ଏଥିରେ ଥିବା ଦଣ୍ଡବିଧାନ,ପ୍ରବାସୀ ଶ୍ରମିକମାନଙ୍କୁ ପଂଚାୟତସ୍ତରରେ ପଞ୍ଜିକରଣ ବାବଦରେ ଅବଗତ କରାଯାଇଥିଲା । ବିଶେଷ କରି ବାହାର ରାଜ୍ୟକୁ କାମ କରିବାକୁ ଯାଉଥିବା ଶ୍ରମିକମାନେ ପଂଚାୟତସ୍ତରରେ ସ୍ୱେଚ୍ଛାକୃତ ଭାବେ ପଞ୍ଜିକରଣ କରି କେଉଁ ସ୍ଥାନକୁ ଏବଂ କେଉଁ ଠିକାଦାରଙ୍କ ଦ୍ୱାରା କାମ କରିବାକୁ ଯାଉଛନ୍ତି ତାହାର ସମ୍ପୂର୍ଣ୍ଣ ତଥ୍ୟ ଦେବାକୁ କୁହାଯାଇଥିଲା । ଏହା ମୁଖ୍ୟତଃ ଶ୍ରମିକମାନଙ୍କ ସାମାଜିକ ସୁରକ୍ଷା ଏବଂ ସରକାରୀ ସୁବିଧା ସହିତ ଯୋଡିବା ପାଇଁ କରାଯାଇଥାଏ । ଶ୍ରମିକମାନେ ନିଜ ଗ୍ରାମ ପଂଚାୟତ କାର୍ଯ୍ୟାଳୟରେ ଉପଲବ୍ଧ ଫର୍ମ ପୂରଣ କରି ଅଫ୍ଲାଇନରେ ପଞ୍ଜିକରଣ କରିପାରିବେ ।

# ବଲାଙ୍ଗିର ପୌରାଞ୍ଚଳରେ ଗ୍ରୀଷ୍ମକାଳୀନ ଜଳଛତ୍ର ଆରମ୍ଭ

ବଲାଙ୍ଗିର, ୨୩/୦୪ (ନି.ପ୍ର): ବଲାଙ୍ଗିର ପୌରାଞ୍ଚଳ ରେ ଗ୍ରୀଷ୍ମକାଳୀନ ଜଳଛତ୍ର ଆରମ୍ଭ ହୋଇ ଯାଇଚି.ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନଙ୍କୁ ସଂସ୍ଥା ତରଫରୁ ପାନୀୟ ଜଳ ବଣ୍ଟନ ଦାୟିତ୍ୱ ଦିଆଯାଇଛି । ମେଡିକାଲ କଲେଜ ଛକ, ଷ୍ଟେଟବ୍ୟାଙ୍କ ଆଗରେ, ସୁବର୍ଣ୍ଣପୁର ରାସ୍ତାରେ ପୁଇଁତଲା ବ୍ଲକ ପାଖରେ ଓ ଟିଟିଲାଗଡ ରାସ୍ତାର ନୂତନ ବସ ଟର୍ମିନାଲ ରାସ୍ତାରେ ଚାରିଟି ସ୍ଥାନରେ ଥଣ୍ଡା ପାନୀୟ ଜଳ ସହିତ ଦହିପାଣି, ରସନା ସର୍ବତ ବଣ୍ଟନ କରାଯାଉଛି । ବଲାଙ୍ଗିର ଜିଲ୍ଲାରେ ଗତ କିଛି ଦିନ ହେଲା ଉତ୍ତାପ ବୃଦ୍ଧି ପାଇଛି, ପ୍ରବଳ ଉତ୍ତାପ ସହିତ ଗରମ ପବନ ପ୍ରବାହିତ ଯୋଗୁଁ ଜୀବନ ଯାତ୍ରା ବ୍ୟାହତ ହୋଇଛି।

# ନୂଆପଡ଼ା ଗ୍ରାମବାସୀଙ୍କ ପିଇବା ପାଣି ପାଇଁ ରାସ୍ତା ଅବରୋଧ

ବଲାଙ୍ଗିର, ୨୩/୦୪ (ନି.ପ୍ର): ଟିଟିଲାଗଡ ବ୍ଲକ ଅନ୍ତର୍ଗତ ଯଗୁଆ ଗ୍ରାମ ପଞ୍ଚାୟତ ଅଧିନସ୍ଥ ନୂଆପଡ଼ା ଗ୍ରାମବାସୀ ପିଇବା ପାଣି ନ ପାଇବାରୁ ରାସ୍ତା ଅବରୋଧ କରିଥିଲେ । ବର୍ଷ ବର୍ଷ ଧରି ପିଇବା ପାଣି ପାଇଁ ଅବହେଳିତ ଏହି ନୂଆପଡ଼ା ଗ୍ରାମବାସୀ । ତେବେ ଦିନକୁ ଦିନ ଗ୍ରୀଷ୍ମ ପ୍ରବାହ ବୃଦ୍ଧି ପାଉଥିବା ବେଳେ କେବଳ ଗୋଟିଏ ଟ୍ୟାଙ୍କର ପିଇବା ପାଣି ଦେବା ପାଇଁ ଆସୁଛି । ଯାହା ସମୁଦ୍ରକୁ ଶଙ୍ଖେ ସଦୃଶ, ସବୁ ଲୋକଙ୍କୁ ପାଣି ନ ଦେଇ ଚାଲି ଯାଉଛି ଟ୍ୟାଙ୍କର, ଶେଷରେ ଘରେ ଥିବା ଖାଲି ଗରା ବାଲଟି ଧରି ମଙ୍ଗଳବାର ଦ୍ୱିପହର ସମୟରେ ଏତେ ଖରାରେ ଗ୍ରାମର ମହିଳା ଓ ପୁରୁଷମାନେ ଟିଟିଲାଗଡ ସିନ୍ଧେକେଲା ଜାତୀୟ ରାଜପଥ ଅବରୋଧ କରିଥିଲେ । ରାସ୍ତା ଅବରୋଧ ଯୋଗୁଁ ବହୁତ ଯାନବାହନ ଅଟକି ରହିଥିଲା । ତେବେ ଖବର ପାଇ ଆର୍ ଡବଲୁ ଏସ୍ଏସ୍ ବିଭାଗର ବୃନ୍ଦାବନ ମେହେର ପହଞ୍ଚି ଗ୍ରାମବାସୀଙ୍କୁ ବୁଝାସୁଝା କରିବା ସହ ଖରା ଦିନେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହୁଏ ଏଏଂ ଆଜିଠୁ ପୁଣି ଥରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ହେବ ବୋଲି କହିବା ପରେ ରାସ୍ତା ଅବରୋଧ ହଟିଥିଲା । ତେବେ ଏଠାରେ ପ୍ରଶ୍ନ ଉଠେ ଯେ, ଗ୍ରୀଷ୍ମ ଋତୁ ଆସିବା ପୂର୍ବରୁ ଟିଟିଲାଗଡ ଉପଜିଲ୍ଲାପାଳ ପଦ୍ମନାଭ ସାମନ୍ତରାୟ ବିଭାଗୀୟ ଅଧିକାରୀଙ୍କୁ ତାଗିଦ କରିବା ସହ ଖରା ପୂର୍ବରୁ ଲୋକଙ୍କୁ ପାଣି ଯୋଗାଇବାକୁ କହିଥିଲେ । ତେବେ ପ୍ରତ୍ୟେକ ଘରକୁ ପାନୀୟ ଜଳ ଯୋଗାଣ ସରକାର କହୁଥିବା ବେଳେ ଆଜିବି ଅବହେଳିତ ଅବସ୍ଥାରେ ନୂଆପଡ଼ା ଗ୍ରାମବାସୀ । ତେବେ ଆଗକୁ ଯେପରି ଏଭଳି ଅସୁବିଧା ନ ହୁଏ ସେ ଦିଗରେ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି ଗ୍ରମାବାସୀ ।

# କୋଷ୍ଟାଲ ମାରାଥନ ଓଡିଶା ପର୍ଯ୍ୟଟନକୁ ଅଧିକ ଋଦ୍ଧିମନ୍ତ କରିବ

## କୋଷ୍ଟାଲ ମାରାଥନ ବିଜେତାଙ୍କୁ ଏକକୋଟିର ପୁରସ୍କାର ରାଶି: ଉପ ମୁଖ୍ୟମନ୍ତ୍ରୀ

ପୁରୀ , ୨୩/୦୪ (ନି.ପ୍ର): କୋଷ୍ଟାଲ ମାରାଥନ ଓଡିଶା ପର୍ଯ୍ୟଟନ କୁ ଅଧିକ ଋଦ୍ଧିମନ୍ତ କରିବ ।ଏହି ମାରାଥନ ପୁରୀରେ ଆସନ୍ତା ଡିସେମ୍ବର ୧୩ ତାରିଖ ଦ୍ୱିତୀୟ ରବିବାର ଅନୁଷ୍ଠିତ ହେବାକୁ ଯାଉଛି ।ମାରାଥନ ର ବିଜେତା ଙ୍କୁ ଏକ କୋଟି ର ପୁରସ୍କାର ରାଶି ପ୍ରଦାନ କରାଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ।ଓଡିଶା ପର୍ଯ୍ୟଟନ ବିଭାଗ ଏବଂ ଓଏମସି ସହଯୋଗ ରେ ପୁରୀ କୋଷ୍ଟାଲ ମାରାଥନ ନାମରେ ଏକ ମେଗା ବା ବୃହତ ମାରାଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ।ସଚେତନତା ଉଦ୍ଦେଶ୍ୟ ରେ ଆଜି ପୂର୍ବାହ୍ନରେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରୁ ତାଜ ହୋଟେଲ ପର୍ଯ୍ୟନ୍ତ ମାରାଥନ ଅନୁଷ୍ଠିତ ହୋଇଥିଲା ।ଏହି କାର୍ଯ୍ୟକ୍ରମ ରେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ଯୋଗ ଦେଇ ଅନ୍ତର୍ଜାତୀୟ ବାଲୁକା ଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଦ୍ୱାରା ବାଲୁକା କଳାରେ ପ୍ରସ୍ତୁତ ଏହି ଲୋଗୋକୁ ଉଦଘାଟନ କରିଥିଲେ। ପରେ ଉପ ମୁଖ୍ୟମନ୍ତ୍ରୀ ଓ ଅନ୍ୟ ଅତିଥି ମାନେ ପୁରୀ ବ୍ଲୁ ଫ୍ଲାଗ ବିଚ ଠାରେ ପତାକା ଦେଖାଇ ମାରାଥନ କ୍ରୀଡ଼ାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ମାରାଥନ ରେ ଅଂଶଗ୍ରହଣକାରୀ ମାନେ ପହଞ୍ଚିବା ପରେ ତାଜ ହୋଟେଲ ପରିସରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ନୂତନ ଟ୍ୟାଗ ଲାଇନ 'ଥିଙ୍କ ଇଣ୍ଡିଆ, ଥିଙ୍କ ଓଡିଶା'କୁ ଉନ୍ମୋଚନ କରାଯାଇଥିବା ବେଳେ ଓଡିଶା ପର୍ଯ୍ୟଟନ ବିଭାଗ ଓଏମସି ଦ୍ୱାରା ହେବାକୁ ଥିବା ଏହି କୋଷ୍ଟାଲ ମାରାଥନ ରେ ଭାଗ ନେବା ପାଇଁ ବିଭିନ୍ନ କ୍ରୀଡ଼ାବିତ ମାନଙ୍କୁ ନିମନ୍ତ୍ରଣ କରାଯାଇଥିଲା । ମୁଖ୍ୟ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ନିଜ ବକ୍ତବ୍ୟ ରେ ପର୍ଯ୍ୟଟନ ଆମ ଜୀବନ ରେଖା। ପୁରୀ ପାଇଁ ମହାପ୍ରଭୁଙ୍କ ଦର୍ଶନ ସହ ପର୍ଯ୍ୟଟନ ପାଇଁ ଲୋକ ମାନେ ଆସିଥାନ୍ତି। ତେଣୁ ଆମକୁ ଏପରି ଭାବରେ ପର୍ଯ୍ୟଟନ ର ବିକାଶ କରିବାକୁ ପଡିବ ଯାହା ଅଧିକ ପର୍ଯ୍ୟଟକଙ୍କୁ ଅଧିକ ଦିନ ପର୍ଯ୍ୟନ୍ତ ପୁରୀ ଓ ଓଡିଶା ରେ ରହିବାକୁ ଉତ୍ସାହିତ କରିବ ବୋଲି କହିଥିଲେ। ପର୍ଯ୍ୟଟନ ବିଭାଗ ର ପୂର୍ବାପେକ୍ଷା ବଜେଟ କୁ ବୃଦ୍ଧି କରି ହଜାରେ କୋଟି ରେ ପହଞ୍ଚାଯାଇଛି। ପର୍ଯ୍ୟଟନକୁ ଆଉ ସିକ୍ରେଟ ଭାବେ ନ ରଖି ସାର୍ବଜନୀନ କରି ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବାର ଆବଶ୍ୟକତା ରହିଛି ବୋଲି ସେ କହିଥିଲେ। ବିଭିନ୍ନ ସ୍ଥାନରେ ଏହି ଭଳି ଡମି ମାରାଥନ ମାଧ୍ୟମରେ ସଚେତନ ଓ ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସତ୍ୟବାଦୀ ବିଧାୟକ ଓମ ପ୍ରକାଶ ମିଶ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇ ଓଡିଶା ରେ ପର୍ଯ୍ୟଟନ ର ବିପୁଳ ଭଣ୍ଡାର ରହିଥିବା ବେଳେ ଏହାର ବିକାଶ ଓ ପର୍ଯ୍ୟଟକ ମାନଙ୍କୁ ଆକର୍ଷିତ କରିବାର ପ୍ରୟାସ ସ୍ୱାଗତଯୋଗ୍ୟ। ଏହା ଦ୍ୱାରା ଆର୍ଥିକ ଅଗ୍ରଗତି ଘଟିବା ସହ ରାଜ୍ୟ, ଜିଲ୍ଲା ଓ ସ୍ଥାନୀୟ ଅର୍ଥନୀତି କୁ ପ୍ରୋତ୍ସାହନ ମିଳିବ ବୋଲି କହିଥିଲେ । ଏହି ଅବସରରେ ରାଜ୍ୟ ପର୍ଯ୍ୟଟନ ସଚିବ ବଲବନ୍ତ ସିଂ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ, ଡିଏଫଓ ଧନଜ ରାକୋସ ମଗର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ବରିଷ୍ଠ କ୍ରୀଡାବିତ ମାନଙ୍କୁ ଅତିଥି ମାନେ ସମ୍ବର୍ଦ୍ଧିତ କରିଥିଲେ।

# ସମସେରପଦର ଗାଁରେ ପାନୀୟ ଜଳ ସଙ୍କଟ

ନୂଆପଡ଼ା, ୨୩/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଡୁଆଝର ଗ୍ରାମ ପଂଚାୟତର ସମସେରପଦର ଗାଁ। ଗାଁରେ ପ୍ରାୟ ଦୁଇ ଶହ ପରିବାରର ପନ୍ଦର ଶହ ଲୋକ ରହନ୍ତି। ଗାଁରେ ଏବେ ପିଇବା ପାଣିର ଘୋର ସମସ୍ୟା। ଗ୍ରାମକୁ ଦେଢ଼ ବର୍ଷ ତଳେ ବସୁଧା ଯୋଜନାରେ ପାଇପ ଯୋଗେ ପାନୀୟ ଜଳର ବ୍ୟବସ୍ଥା କରା ଯାଇଥିଲା। କିନ୍ତୁ ସବୁଦିନ ପାଣି ମିଳୁ ନଥିଲା। ଏବେ ଛଅ ମାସ ହେଲା ପାଇପରୁ ପାଣି ଆସିବା ବନ୍ଦ ହୋଇ ଯାଇଛି। ଫଳରେ ଲୋକେ ପାଣି ମୁନ୍ଦିଏ ପାଇଁ ନାହିଁ ନଥିବାର ଦୁଃଖ ଭୋଗ କରୁଛନ୍ତି। ଗାଁ ରେ ତିନିଟି ନଳକୂପ ଥିବା ବେଳେ ଗୋଟିଏ ନଳକୂପରୁ ପାଣି ବାହାରୁଛି। ତାହା କିନ୍ତୁ ଗ୍ରାମବାସୀଙ୍କ ଶୋଷ ମେଂଟାଇବାକୁ ଅକ୍ଷମ। ଏବେ ଖରା ମାସ ହେବାରୁ ଭୂମିତଳ ପାଣି ଶୁଖି ଯିବାରୁ ଠିକ୍ ହିସାବରେ ପାଣି ଆସୁନି। ମହିଳା ମାନେ ଦିନ ସାରା ଖରାରେ ପାଣି ଗୋଟିଏ ବାଲଟି ପାଇଁ ଅପେକ୍ଷା କରି ରହୁଛନ୍ତି। ଏନେଇ ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଜଣାଇଲେ ମଧ କେହି ଶୁଣୁ ନଥିବା ଅଭିଯୋଗ ହେଉଛି। ଶୀଘ୍ର ପାନୀୟ ଜଳର ଅଭାବ ଦୂର ନକଲେ ବ୍ଲକ ଘେରାଉ କରିବେ ବୋଲି ଚେତାବନୀ ଦେଇଛନ୍ତି ଗ୍ରାମବାସୀ। ଏନେଇ ଖଡ଼ିଆଳ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ନନ୍ଦଙ୍କୁ ପଚାରିବାରୁ ବିଭାଗୀୟ ଯନ୍ତ୍ରୀଙ୍କୁ ଗାଁକୁ ପଠାଇବେ ଓ ଶୀଘ୍ର ପାନୀୟ ଜଳର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି ।

# ଏପ୍ରିଲ ୨୬ ରେ ୧୭ତମ ଅଲଇଣ୍ଡିଆ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ପୁରୀ, ୨୩/୦୪ (ନି.ପ୍ର): ଏପ୍ରିଲ ୨୬ରେ ୧୭ ତମ ଅଲଇଣ୍ଡିଆ ନୀଳାଚଳ ଟ୍ରଫି କ୍ରିକେଟ ଟୁର୍ଣ୍ଣାମେଣ୍ଟ ତାଳବଣିଆ ସ୍ଥିତ ଜଗନ୍ନାଥ ଷ୍ଟାଡିୟମରେ ଆରମ୍ଭ ହୋଇ ମେ ୩ ତାରିଖ ଉଦଯାପିତ ହେବ । ଏ ସମ୍ପର୍କରେ ବୁଧବାର ପୂର୍ବାହ୍ନରେ ସ୍ୱର୍ଗଦ୍ୱାର ନିକଟ ବଙ୍ଗଲକ୍ଷ୍ମୀ ହୋଟେଲ ସଭାଗୃହରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଣ୍ଟର ସଂସ୍କରଣ ପାୟୋନିୟର କ୍ଲବର ସଦସ୍ୟ ତଥା ପୁରୀ ଆଥେଲେଟିକ ଆସୋସିଏସନର ପୂର୍ବତନ କ୍ରିକେଟ ସଚିବ ସ୍ୱର୍ଗତ ଜଗଦୀଶ ଚନ୍ଦ୍ର ରାଉତରାୟଙ୍କ ସ୍ମୃତିରେ ଉତ୍ସର୍ଗୀକୃତ କରାଯିବ । ଏହି ଖେଳ ୪୦ ଓଭର ଖେଳାଯିବ । ଏଥିରେ ୮ ଟି ଦଳ ଅଂଶଗ୍ରହଣ କରିବେ । ଦିଲ୍ଲୀ, କୋଲକାତା, କଟକ, ରାଉରକେଲା, ବାଲେଶ୍ୱର ଓ ପୁରୀରୁ ପ୍ରତେକ ଗୋଟିଏ ଲେଖାଁଏ ଟିମ ଏଥିରେ ଅଂଶଗ୍ରହଣ କରିବେ । ଭୁବନେଶ୍ୱରରୁ ୨ଟି ଟିମ ଏହିପରି ସମୁଦାୟ ୮ ଟି ଅଂଶଗ୍ରହଣ କରିବେ । ଚାମ୍ପିଅନ ଦଳକୁ ଏକଲକ୍ଷ ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ ।ଧାବନକାରୀ ଦଳକୁ ୭୦ ହଜାର ଟଙ୍କା ଓ ଟ୍ରଫି,ମ୍ୟାନ ଅଫ ଦି ସିରିଜ କୁ ୭ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ଏହା ସହ ଫାଇନାଲ ଖେଳରେ ମ୍ୟାନ ଅଫ ମ୍ୟାଚ ପାଇଥିବା ଖେଳାଳିଙ୍କୁ ୩ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯିବ । ଲିଗ ମ୍ୟାଚରେ ମ୍ୟାନ ଅଫ ମ୍ୟାଚ କୁ ୨ ହଜାର ଟଙ୍କା ଓ ଟ୍ରଫି, ଶ୍ରେଷ୍ଠ ବୋଲର, ଶ୍ରେଷ୍ଠ ବ୍ୟାଟସମ୍ୟାନ ଓ ଶ୍ରେଷ୍ଠ କ୍ଷେତ୍ର ରକ୍ଷକ ପ୍ରତେକଙ୍କୁ ୫ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଆୟୋଜକ କହିଛନ୍ତି । ନୀଳାଚଳ ଟ୍ରଫିର ସଭାପତି ମାଧବଚନ୍ଦ୍ର ଖୁଣ୍ଟିଆ, ଉପସଭାପତି ସୁନିଲ ମହାପାତ୍ର, ସମ୍ପାଦକ ହରେଶ କୁମାର ମିଶ୍ର, ଅଭ୍ୟର୍ଥନା କମିଟି ଚେୟାରମ୍ୟାନ ଇଂ ରାଜେଶ କୁମାର ମିଶ୍ର, ଯୁଗ୍ମ ସମ୍ପାଦକ ଅଗ୍ନେଶ ରାୟ,କୈଳାସ ଜେନା,ନରେନ୍ଦ୍ର ମହାପାତ୍ର, ରାକେଶ ରାଉତରାୟ ଓ ସୁମନ ମିଶ୍ର, କୋଷାଧ୍ୟକ୍ଷ ପ୍ରବୀଣ କୁମାର ବେଉରା, କମିଟି ସଭ୍ୟ ରଜନୀକାନ୍ତ ପୃଷ୍ଟି, ଦୀପକ ମହାନ୍ତି, ଦେବକାନ୍ତ ରାୟ, ପୁଲକ ମହାନ୍ତି, ସିଦ୍ଧାର୍ଥ ଜେନା, ସୁମନ ମିଶ୍ର, ରବିନାରାୟଣ ମହାନ୍ତି ଓ କାଳୀପ୍ରସନ୍ନ ଷଡଙ୍ଗୀ ପାୟୋନିୟର କ୍ଲବ ସଭାପତି ଶକ୍ତି ମିଶ୍ର, ସମ୍ପାଦକ ସଞ୍ଜୀବ ଦଇତାପତି, ଉପସଭାପତି ମୋହରି ପ୍ରତିହାରୀ ଓ ପାୟୋନିୟର କ୍ଲବ ଓ ନୀଳାଚଳ ଟ୍ରଫିର ସମସ୍ତ ସଦସ୍ୟ ପ୍ରମୁଖ ଉପସ୍ଥିତ ଥିଲେ ।

# ଚିକିତ୍ସା ଖୋଜୁଛି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସିଟି ସ୍କାନ ବିଭାଗ

କେନ୍ଦୁଝର, ୨୩/୦୪ (ନି.ପ୍ର): ଅନେକ ସମୟ ରେ ବିବାଦ ଘେରକୁ ଟାଣି ହୋଇ ଆସୁଛି କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟ। ୧୯୧୨ ରେ ନିର୍ମିତ ଏହି ଚିକିତ୍ସାଳୟ କେନ୍ଦୁଝର ଇତିହାସ ର ମୁକ ସାକ୍ଷୀ ହୋଇ ଅନେକ ଉଥାନ ପତନ ଦେଇ ଗତି କରି ଥିବା ବେଳେ ଏହି ଚିକିତ୍ସାଳୟ ଉପରେ କେନ୍ଦୁଝର ଜିଲା ଛଡା ପଡୋଶୀ ଜିଲା ମୟୁରଭଞ୍ଜର କରଞ୍ଜିଆ ଓ ଅନୁଗୁଳ ଜିଲାର ପାଲଲହଡା ସୁନ୍ଦରଗଡ଼ ଜିଲ୍ଲାର ବଣେଇ ଉପଖଣ୍ଡର ତଥା ପଡୋଶୀ ରାଜ୍ୟ ଝାଡ଼ଖଣ୍ଡର ଜୟନ୍ତଗଡ ଓ ଆଖପାଖ ଅଞ୍ଚଳର ରୋଗୀ ନିର୍ଭର କରୁଥିବା ବେଳେ ଅନେକ ସମୟରେ ପରିଚାଳନା ଗତ ତ୍ରୁଟି ପାଇଁ ଅନେକ ସମୟରେ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅନେକ ସମୟରେ ଦେଖିବା ପାଇଁ ମିଳିଥାଏ। ବର୍ତ୍ତମାନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ସି ଟି ସ୍କାନ ବିଭାଗ ଏକ ପ୍ରକାର ସଙ୍କଟ ଦେଇ ଗତି କରୁଛି। କେତେବେଳେ ଡାକ୍ତର ଅଭାବ ତ କେତେବେଳେ ବିଦ୍ୟୁତ ସରବରାହ ରେ ବ୍ୟାଘାତ ନେଇ ଅନେକ ସମୟ ରେ ବିବାଦ ରେ ରହିଥିବାବେଳେ ପ୍ରତିଦିନ ବିଦ୍ୟୁତ ବିଭାଗ ଦ୍ୱାରା ରକ୍ଷଣ ବେକ୍ଷଣ ପାଇଁ ସକାଳ ୫ ଟା ରୁ ୧୦ ଟା ପର୍ଯ୍ୟନ୍ତ ବିଦ୍ୟୁତ ସରବରାହ ବନ୍ଦ ରହୁଥିବାରୁ ମୁଖ୍ୟ ଡାକ୍ତରଖାନାରେ ସିଟି ସ୍କାନ ଏକ ପ୍ରକାର ଅଚଳ ହୋଇ ପଡିଛି। ଏହି ସମୟରେ ପ୍ରାୟ ରୋଗୀଙ୍କ ଭିଡ଼ ରହୁଥିବା ବେଳେ ପ୍ରବଳ ଗରମ ସତ୍ତ୍ୱେ ରୋଗୀ ପଡ଼ିରହିଥିବା ଦେଖିବା ପାଇଁ ମିଳିଛି । ଏପଟେ ଧରଣୀଧର ମେଡିକାଲ କଲେଜରୁ ରୋଗୀ ବୁହା ହୋଇ ଆସୁଛନ୍ତି। ଡିଜି ସେଟ ଏଠାରେ କେବେଠୁ ଖରାପ ଅଛି ହେଲେ କର୍ତ୍ତୃପକ୍ଷଙ୍କ ନଜର ନାହିଁ।

ନିଜ ସମ୍ପର୍କୀୟ ଗୁରୁତର ଥିବା ବେଳେ ଏଠି ଆସି ଦେଖୁଛୁ ଯେ ଲାଇନ୍ ନଥିବା ଯୋଗୁଁ ସିଟି ସ୍କାନ ବନ୍ଦ ପଡିଛି। ଫଳରେ ବହୁତ୍ ହଇରାଣ ହେଉଛୁ ବୋଲି ପ୍ରକାଶ କରିଛନ୍ତି ରୋଗୀର ସମ୍ପର୍କୀୟ ଏମ୍ ଡି ସମସେର। ସୁଦୂର ମୟୁରଭଞ୍ଜ ଜିଲ୍ଲା ଯଶିପୁରରୁ ନିଜ ପୁଅର ସିଟି ସ୍କାନ କରିବାକୁ ଆସି ହଇରାଣ ହେଉଥିବା ପ୍ରକାଶ କରିଛନ୍ତି କମଳିନୀ ମହାନ୍ତ। ଦୂରରୁ ଆସି ଏଭଳି ଅସୁବିଧା ହୋଇ କୁଆଡେ ଯିବୁ ବୋଲି ପ୍ରକାଶ କରିଛନ୍ତି କମଳିନୀ। ଏ ସମ୍ପର୍କରେ ସିଡିଏମଓ ଡ଼ ବିନୋଦ ବିହାରୀ ମିଶ୍ରଙ୍କୁ ପଚାରିବାରୁ ରକ୍ଷଣାବେକ୍ଷଣ ପାଇଁ ବିଦ୍ୟୁତ ସ୍ୱଂତଃ ବନ୍ଦ ରହିଥିବାରୁ ବିକଳ୍ପ ପନ୍ଥା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।ଅତି କମରେ ଏହା ପାଇଁ ଏବେ ଦୁଇଟି ନୂଆ ଡିଜି ସେଟ ଦରକାର ଥିବା ବେଳେ ପ୍ରଶାସନର କେବେ ନଜର ପଡୁଛି ଦେଖିବା ପାଇଁ ବାକିରହିଲା। ତେବେ ମୁଖ୍ୟ ମନ୍ତ୍ରୀ ଙ୍କ ଜିଲାରେ ଏପରି ଅବ୍ୟବସ୍ଥାକୁ ନେଇ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ଜୋର ଧରିଛି।

# ବିଶ୍ୱ ପୃଥିବୀ ଦିବସ ଅବସରରେ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ

ଜୟପୁର, ୨୩/୦୪ (ନି.ପ୍ର): 'ବିଶ୍ୱ ପୃଥିବୀ ଦିବସ' ଅବସରରେ ଜୟପୁର ସହରରେ ପରିବେଶ ସୁରକ୍ଷା ପ୍ରତି ସଚେତନତା ସୃଷ୍ଟି କରିବା ପାଇଁ ଏକ ଭବ୍ୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସାମାଜିକ ସଂଗଠନ 'ସିଓ୍ୱା' ଏବଂ ଜୟପୁର ସିଟି ହାଇସ୍କୁଲର ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ସଫଳତାର ସହ ସମ୍ପନ୍ନ ହୋଇଛି। କାର୍ଯ୍ୟକ୍ରମର ବିଦ୍ୟାଳୟ ପରିସରରୁ ପ୍ରାୟ ୩୦ ଜଣ ଛାତ୍ର ଛାତ୍ରୀ,ସିଓ୍ୱା ସଭ୍ୟ, ଜୟପୁର ସାଇକଲ କ୍ଲବ ର ସଭ୍ୟ ମାନଙ୍କ ଦ୍ୱାରା ଏକ ସଚେତନତା ସାଇକେଲ ଶୋଭାଯାତ୍ରା ମାଧ୍ୟମରେ ହୋଇଥିଲା। ଏହାକୁ ପ୍ରଧାନ ଶିକ୍ଷୟିତ୍ରୀ ବି ସୁଜାତା ଓ ସିଓ୍ୱା ସଭାପତି ଅଜୟ କୁମାର ମିଶ୍ର ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଲୋକମାନଙ୍କୁ ପ୍ରଦୂଷଣ ମୁକ୍ତ ଯାତାୟାତ ଏବଂ ଜଳବାୟୁ ପରିବର୍ତ୍ତନ ପ୍ରତି ସଚେତନ କରିବା ଏହି ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ ସିଓ୍ୱା ର ସମ୍ପାଦକ ଶ୍ରୀ ପ୍ରତାପ ପଟ୍ଟନାୟକ ଉପସ୍ଥିତ ଜନସାଧାରଣ ଓ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧିତ କରି କହିଥିଲେ, ପୃଥିବୀ ହେଉଛି ଆମର ଏକମାତ୍ର ଘର ଏବଂ ଏହାର ସୁରକ୍ଷା କରିବା କେବଳ ଜଣକର ନୁହେଁ, ବରଂ ଆମ ସମସ୍ତଙ୍କର ସାମୂହିକ ଦାୟିତ୍ୱ। ଆମକୁ ପ୍ଲାଷ୍ଟିକ ବର୍ଜନ କରି ପ୍ରକୃତିର ନିକଟତର ହେବାକୁ ପଡ଼ିବ।'ସଂସ୍ଥା ର ଉପ ସଭାପତି ଜି ଭେଙ୍କଟ ରେଡ୍ଡୀ ଛାତ୍ର ଛାତ୍ରୀ ମାନଙ୍କୁ ପୃଥିବୀ ର ସୁରକ୍ଷା ନିମନ୍ତେ ବୃକ୍ଷ ରୋପଣ କରିବା ପାଇଁ କହିଥିଲେ। ସିଓ୍ୱା ମହିଳା ଶାଖା ର ସଭା ନେତ୍ରୀ ସୁମନ ମୁନ୍ଦ୍ରା, ସଭ୍ୟା ଶୁଭସ୍ମିତା ସାହୁ, ମମତା ନାୟକ,ଭୁଲକ୍ଷ୍ମୀ ଆଚାରୀ ଓ ସିଓ୍ୱା ସଭ୍ୟ ମାନଙ୍କ ମଧ୍ୟରେ ପ୍ରଦୀପ୍ତ ସାହୁ, ବିନାୟକ ମହାପାତ୍ର, କେ ମୋହନ ରାଓ, ଅଶୋକ କୁମାର ଚୌଧୁରୀ, ଗୋପାଳ ନାୟକ ଓ ସାଇକଲ କ୍ଲବ ତରଫରୁ ସୂର୍ଯ୍ୟ ନାରାୟଣ ସାହୁ, ସଞ୍ଜୟ କୁମାର ନାୟକ ଆଦି ଯୋଗ ଦେଇ ଥିଲେ। ଗତ ୧୯ ତାରିଖ ରକ୍ତ ଦାନ କାର୍ଯ୍ୟକ୍ରମ ରେ ୨୫ ଜଣ ଛାତ୍ର ଛାତ୍ରୀ ମାନଙ୍କୁ ସେମାନଙ୍କ ସ୍ୱେଚ୍ଛା କୃତ ସେବା ପାଇଁ ପ୍ରମାଣ ପତ୍ର ଓ ପୁରସ୍କାର ସିଓ୍ୱା ମହିଳା ଶାଖା ଦ୍ୱାରା ପ୍ରଦାନ କରା ଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ସମସ୍ତ ପ୍ରତିଭାଗୀ ପରିବେଶକୁ ସ୍ୱଚ୍ଛ ଓ ସବୁଜ ରଖିବା ପାଇଁ ଶପଥ ପାଠ କରିଥିଲେ।


# ବେକରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

ନୂଆପଡ଼ା, ୨୩/୦୪ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସହରର ୱାର୍ଡ ନଂ ୭ର ନନ୍ଦୁଲାଲ ଅଗ୍ରୱାଲ(୩୮) ନମକ ଯୁବକ ଆଜି ବେକରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖବର ପାଇ ଖଡ଼ିଆଳ ପୋଲିସ ଘଟଣାସ୍ଥଳ ପହଞ୍ଚି ଘଟଣାର ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି। ସୂଚନା ଅନୁସାରେ ଖଡ଼ିଆଳ ସହରର ଡେଲି ମାର୍କେଟ ରାସ୍ତାରେ ନନ୍ଦୁଲାଲ ଅଗ୍ରୱାଲ ତିରୁପତି ହାର୍ଡୱେର ନାମକ ଏକ ଦୋକାନ କରିଥିଲେ। ଦୋକାନ ଠିକଠାକ ଚାଲିଥିବା ବେଳେ ଆଜି ନନ୍ଦୁଲାଲ ଅଗ୍ରୱାଲ ତାଙ୍କ ହାର୍ଡୱେର ଦୋକାନ ଭିତରେ ଏକ ପ୍ଲାଷ୍ଟିକ ଦୌଡ଼ି ବେକରେ ଲଗାଇ ଆତ୍ମହତ୍ୟା କରିଛନ୍ତି। ଖଡ଼ିଆଳ ପୋଲିସ ପହଞ୍ଚି ତଦନ୍ତ କରୁଥିବା ବେଳେ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଘଟଣାର ତଦନ୍ତ ଚଳାଇଥିବା ସୂଚନା ଦେଇଛନ୍ତି।

# ପୂର୍ଣ୍ଣିମା ରାୟଙ୍କ ନେତୃତ୍ୱରେ କେନ୍ଦୁଝର ମହିଳା କ୍ରିକେଟ ଦଳ ଘୋଷଣା

କେନ୍ଦୁଝର, ୨୩/୦୪ (ନି.ପ୍ର): ଓଡିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମ ଠାରେ ଟି -୨୦ ଫର୍ମାଟ ଚାଲିଥିବା ଆନ୍ତଃ ଜିଲ୍ଲା ମହିଳା କ୍ରିକେଟ ଟୁର୍ନାମେଂଟ ପାଇଁ ପୂର୍ଣ୍ଣିମା ରାୟଙ୍କ ନେତୃତ୍ୱରେ ଏକ ୧୫ ଜଣିଆ କେନ୍ଦୁଝର ଜିଲ୍ଲା ଦଳ ଗତକାଲି ସନ୍ଧ୍ୟାରେ ଘୋଷଣା କରାଯାଇଛି । ଜିଲ୍ଲା ଦଳ ପାଇଁ ମନୋନୀତ ହୋଇଥିବା ଖେଳାଳି ମାନେ ହେଲେ ପୁର୍ଣ୍ଣିମା ରାୟ (ଅଧିନାୟକ ), ତନବୀ ରଞ୍ଜନ (ଉପ ଅଧିନାୟକ ), ରାନୀ କେ ପ୍ରସାଦ, ସ୍ୱାତିଲଗ୍ନ ପ୍ରଧାନ, ଯଶସ୍ୱିନୀ ନାଏକ, ଦୀପା ଗାଗରାଇ , ସୀତା ସିଙ୍କୁ, ନାମୀ ମିଶ୍ର, ପୂଜା ଗାଗରାଇ, ସାଇ ପ୍ରତୀକ୍ଷା ଜେନା, ସାଇ ଲକ୍ଷ୍ମୀ ଜେନା, ତମନ୍ନା ସିଂହ, ଲିପସା ଜେନା, ସୋନାଲି ଦାସ, ମନୀଷା ନାଏକ । ଷ୍ଟାଣ୍ଡବାଇ ଖେଳାଳି ଭାବେ ଅନିଶା ସାହା, ସୁଶ୍ରୀ ମହାନ୍ତ, ଆର୍ଯ୍ୟସୂତ ଜେନା, ଭାଗ୍ୟଶ୍ରୀ ବଳ, ଶ୍ରେୟା ସାହୁ ରହିଛନ୍ତି । ଦଳ ସହ ମ୍ୟାନେଜର ଭାବେ ସସ୍ମିତା ମୁଣ୍ଡା ଏବଂ କୋଚ ଭାବେ ଅମରେନ୍ଦ୍ର ମହାନ୍ତି କେନ୍ଦୁଝର ଦଳ ସହ ଆଜି ସଖାଳେ ଟ୍ରେନ ଯୋଗେ କଟକ ଅଭିମୁଖେ ଯାତ୍ରା କରିଛନ୍ତି । ଲିଗ କମ ନକ ଆଉଟ ପଦ୍ଧତିରେ ଅନୁଷ୍ଠିତ ହେବାକୁଥିବା ଏହି ପ୍ରତିଯୋଗିତାରେ କେନ୍ଦୁଝର ତାର ପ୍ରଥମ ଖେଳରେ ନିମପୁର ପଡିଆରେ ଗତବର୍ଷର ଚମ୍ପିୟାନ ବଲାଙ୍ଗୀର ଜିଲ୍ଲାକୁ ଭେଟିବ ବୋଲି ଜିଲ୍ଲା କ୍ରୀଡା ସଂସ୍ଥା ସାଧାରଣ ସମ୍ପାଦକ ସଂଗ୍ରାମ କେଶରୀ ପଟ୍ଟନାୟକ ଠାରୁ ପ୍ରକାଶ ।

# ଯକୃତ କର୍କଟର ନିରାକରଣ ସମ୍ଭବ



ଲିଭର କ୍ୟାନ୍‌ସର ବା ଯକୃତ କର୍କଟ ଏକ ମାରାତ୍ମକ ରୋଗ। ତେବେ ଅନେକାଂଶରେ ଏହାର ନିରାକରଣ କରାଯାଇ ପାରିବ। ପ୍ରତିବର୍ଷ ସାରା ପୃଥିବୀରେ ୬ ଲକ୍ଷ ବ୍ୟକ୍ତି ଲିଭର କ୍ୟାନସରରେ ପ୍ରାଣ ହରାଇଥାନ୍ତି। ହିସାବକୁ ଦେଖିଲେ, ପୃଥିବୀରେ ଏହି କ୍ୟାନସର ଷଷ୍ଠ ସ୍ଥାନରେ ରହିଛି। ମହିଳାମାନଙ୍କ ଅପେକ୍ଷା ପୁରୁଷଙ୍କ କ୍ଷେତ୍ରରେ ଏହାର ପ୍ରାଦୁର୍ଭାବ ଅଧିକ। ଫୁସ୍‌ଫୁସ୍ କ୍ୟାନ୍‌ସର ଓ ପେଟ ପରେ ଲିଭର କ୍ୟାନସର ହିଁ ଅଧିକ ଜୀବନ ନେଇଥାଏ। ପ୍ରତିବର୍ଷ ଯକୃତର ଅବହେଳା କାରଣରୁ ଲକ୍ଷାଧିକ ଲୋକଙ୍କର ମୃତ୍ୟୁ ହୋଇଥାଏ। ଚଳିତ ବର୍ଷ ବିଶ୍ୱ ଯକୃତ ଦିବସର ବାର୍ତ୍ତା ରହିଥିଲା 'କଠିନ ଅଭ୍ୟାସ, ଶକ୍ତିଶାଳୀ ଯକୃତ' (ସଲିଡ୍ ହାବିଟ୍, ଷ୍ଟ୍ରଙ୍ଗ୍ ଲିଭର)।

ହେପାଟାଇଟିସ୍-ବି ଓ ସି ଏହି ରୋଗର ମୁଖ୍ୟ କାରଣ। ଏସିଆ ଓ ଆଫ୍ରିକା ମହାଦେଶରେ ହେପାଟାଇଟିସ୍-ବି ୮୦ ପ୍ରତିଶତ ଏବଂ ଆମେରିକା ଓ ଜାପାନରେ ହେପାଟାଇଟିସ୍-ସି ୭୫ ପ୍ରତିଶତ ଲିଭର କ୍ୟାନ୍‌ସରର କାରଣ ହୋଇଥାଏ।

ହେପାଟାଇଟିସ୍-ବି ଓ ସି ସାଧାରଣତଃ ଦୂଷିତ ରକ୍ତ, ଦୂଷିତ ସିରିଞ୍ଜ ବା ଛୁଞ୍ଚି ମାଧ୍ୟମରେ କିମ୍ବା ଅସୁରକ୍ଷିତ ଯୌନ ସମ୍ପର୍କ ଜରିଆରେ ଜଣଙ୍କ ଶରୀରରୁ ଅନ୍ୟ ଜଣଙ୍କୁ ସଂକ୍ରମିତ ହୋଇଥାଏ। ଯେଉଁମାନେ ଅତ୍ୟଧିକ ମଦ୍ୟପାନ କରନ୍ତି, ସେମାନେ ଲିଭର ସିରୋସିସ୍ ଓ କ୍ୟାନ୍‌ସରରେ ପୀଡ଼ିତ ହୁଅନ୍ତି। ଲିଭରରେ ଅତ୍ୟଧିକ ଚର୍ବି ଜମିବା, ଧୂମପାନ, ଡାଇବେଟିସ୍ ଓ ଆଫ୍ଲାଟକ୍ସିନ୍ ସେବନ ଯୋଗୁଁ ଲିଭର କ୍ୟାନସର ହୋଇଥାଏ। ହିମୋକ୍ରୋମାଟୋସିସ୍, ଟାଇରୋସିନୋସିସ୍, ଆଲ୍‌ଫା-୧ ଏଣ୍ଟିଟ୍ରିପ୍‌ସିନ୍‌ର ଅଭାବ ଥିଲେ ମଧ୍ୟ ଏହି କ୍ୟାନ୍‌ସର ହୁଏ। ହେପାଟାଇଟିସ୍-ବି, ସି, ମଦ୍ୟପାନ, ଧୂମପାନ, ଚର୍ବିଜନିତ ରୋଗ ଓ ଡାଏବେଟିସ୍ ପରବର୍ତ୍ତୀ ଅବସ୍ଥାରେ ଲିଭର କ୍ୟାନସର ଆକ୍ରାନ୍ତ କରାଏ।

ଆମ ଦେଶରେ ବହୁସଂଖ୍ୟକ ହେପାଟାଇଟିସ୍-ବି ଭୂତାଣୁ ବାହକ ଅଛନ୍ତି। ଛୋଟ ପିଲାମାନେ ସାଧାରଣତଃ ଜନ୍ମ ସମୟରେ ସଂକ୍ରମିତ ମା'ଠାରୁ ଭୂତାଣୁର ଶିକାର ହୋଇଥାନ୍ତି। ଏହାକୁ ସିଧା ପ୍ରସାରଣ କୁହାଯାଏ। ଭୂତାଣୁ ପ୍ରସାରଣର ଦ୍ୱିତୀୟ ମାଧ୍ୟମ ହେଉଛି, ଜଣେ ପିଲାଠାରୁ ଅନ୍ୟ ଜଣେ ପିଲାକୁ ସଂକ୍ରମଣ। ଏହାକୁ ସମାନ୍ତର ପ୍ରସାରଣ କୁହାଯାଏ। ଆମ ଦେଶରେ ଏବେ ପାଖାପାଖି ପାଞ୍ଚ କୋଟି ହେପାଟାଇଟିସ୍-ବି ଭୂତାଣୁ ବାହକ ଅଛନ୍ତି। ଏମାନେ ନିରୋଗ ଓ ସୁସ୍ଥ ଦେଖାଗଲେ ମଧ୍ୟ ପରବର୍ତ୍ତୀ କାଳରେ (୨୦-୨୫ ବର୍ଷ ପରେ) ଯକୃତ ସିରୋସିସ୍ ଓ ଯକୃତ କର୍କଟ ଆକ୍ରାନ୍ତ ହୋଇଥାନ୍ତି। ହେପାଟାଇଟିସ୍-ବି ଏଡ୍‌ସ ଠାରୁ ଶହେ ଗୁଣ ଅଧିକ ସଂକ୍ରାମକ। ଯକୃତ କର୍କଟରେ ୯୦-୯୫% ବ୍ୟକ୍ତି ଛଅ ମାସରୁ ଏକ ବର୍ଷ ଭିତରେ ମୃତ୍ୟୁମୁଖରେ ପଡ଼ିଥାନ୍ତି। ଆମେ ଯଦି ଟିକା ମାଧ୍ୟମରେ ହେପାଟାଇଟିସ୍-ବିର ନିରାକରଣ କରିପାରିବୁ, ତେବେ ଲିଭର କ୍ୟାନସର ଆକ୍ରାନ୍ତଙ୍କ ସଂଖ୍ୟା ମଧ୍ୟ କମିଯିବ। ମଦ୍ୟପାନ ବନ୍ଦ କରିବା ଅନ୍ୟ ଏକ ପଦକ୍ଷେପ। ଏହାଦ୍ୱାରା ଲିଭର ସିରୋସିସ୍ ଓ ଲିଭର କ୍ୟାନସରକୁ ରୋକାଯାଇ ପାରିବ। ରକ୍ତ ବ୍ୟାଙ୍କଗୁଡ଼ିକରେ ହେପାଟାଇଟିସ୍-ବି ଓ ସି ପରୀକ୍ଷା ମାଧ୍ୟମରେ ବି ଏହାର ନିୟନ୍ତ୍ରଣ କରିହେବ। ଡାଏବେଟିସ୍ ଓ ଅତ୍ୟଧିକ ଧୂମପାନ ଇତ୍ୟାଦି ମଧ୍ୟ ଅନେକାଂଶରେ ନିୟନ୍ତ୍ରଣ ସାପେକ୍ଷ।

# ଦାମୀ ବ୍ୟୁଟି ପ୍ରଡକ୍ଟ ନୁହେଁ, ଖରାଦିନେ ତ୍ୱଚାରେ ଚମକ୍ ଆଣିବ ଏହିସବୁ ଫଳ

ଖରାଦିନ ଆସିବା ସହ ତାପମାତ୍ରା ବଢ଼ିବା କାରଣରୁ ମୁହଁର ରଙ୍ଗ ଫିକା ପଡ଼ିଯାଏ । ଅତ୍ୟଧିକ ଖରା ଯୋଗୁଁ ମୁହଁର ଗ୍ଲୋ ବା ଚମକ ଟ୍ୟାନିଂରେ ପରିଣତ ହୋଇଯାଏ । ଟ୍ୟାନିଂରୁ ରକ୍ଷା ପାଇବା ଏବଂ ଚମକ ପାଇବା ପାଇଁ ଲୋକମାନେ ଦାମୀ ବ୍ୟୁଟି ପ୍ରଡକ୍ଟର ସାହାଯ୍ୟ ନିଅନ୍ତି, କିନ୍ତୁ ପ୍ରକୃତି ଆମକୁ ଖରାଦିନେ ଏମିତି କିଛି ଫଳ ଦେଇଛି, ଯାହା ଆମର ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବାରେ ସାହାଯ୍ୟ କରେ । ଆଜି ଆମେ ଆପଣଙ୍କୁ ଖରାଦିନେ ମିଳୁଥିବା ସେହି ଫଳଗୁଡ଼ିକ ବିଷୟରେ କହିବୁ, ଯାହା ଆପଣଙ୍କ ତ୍ୱଚାକୁ ପ୍ରାକୃତିକ ଚମକ ଦେବ ।

ତ୍ୱଚାକୁ ଚମକଦାର କରିବା ପାଇଁ କ'ଣ ଖାଇବେ ?



୧. ନଡ଼ିଆ ପାଣି:
ନଡ଼ିଆ ପାଣି ଶରୀରକୁ ହାଇଡ୍ରେଟ୍ ରଖିବା ସହ ତ୍ୱଚାକୁ ଚମକଦାର ଏବଂ କୋମଳ ରଖିବାରେ ସାହାଯ୍ୟ କରେ । ଯଦି ଖରାଦିନେ ପ୍ରତିଦିନ ଗୋଟିଏ ନଡ଼ିଆ ପାଣି ପିଇବେ, ତେବେ ପେଟ ଏବଂ ତ୍ୱଚା ଉଭୟ ସୁସ୍ଥ ରହିବ ।

୨. ତରଭୁଜ:
ତରଭୁଜରେ ପ୍ରଚୁର ପରିମାଣରେ ଭିଟାମିନ୍ ସି, ଫାଇବର ଏବଂ ପାଣି ଥାଏ । ଭିଟାମିନ୍ ସି ଟ୍ୟାନିଂ ଦୂର କରିବାରେ ସାହାଯ୍ୟ କରେ । ଯଦି ଆପଣ ଖରାଦିନେ ଟ୍ୟାନିଂ ସମସ୍ୟାରେ ଅସୁବିଧା ଭୋଗୁଛନ୍ତି, ତେବେ ନିଜ ଖାଦ୍ୟରେ ତରଭୁଜକୁ ନିଶ୍ଚୟ ସାମିଲ କରନ୍ତୁ । ମୁହଁକୁ ଚମକଦାର କରିବା ସହ ତରଭୁଜ ଶରୀରର ତାପମାତ୍ରାକୁ ସନ୍ତୁଳିତ ରଖିବାରେ ମଧ୍ୟ ସାହାଯ୍ୟ କରେ ।

୩. କାକୁଡ଼ି:
କାକୁଡ଼ି କେବଳ ସାଲାଡର ଏକ ଅଂଶ ନୁହେଁ, ବରଂ ଏହା ପେଟ ଏବଂ ତ୍ୱଚା ଉଭୟ ପାଇଁ ସ୍ୱାସ୍ଥ୍ୟର ଭଣ୍ଡାର । କାକୁଡ଼ି ସମ୍ପୂର୍ଣ୍ଣ ଶରୀରକୁ ହାଇଡ୍ରେଟ୍ ରଖେ ଏବଂ ମୁହଁର ଶୁଷ୍କତାକୁ କମ୍ କରିବାରେ ସାହାଯ୍ୟ କରେ । ଅନେକ ସ୍କିନ୍ ଟ୍ରିଟମେଣ୍ଟରେ କାକୁଡ଼ି ବ୍ୟବହାର କରାଯାଏ ।

୪. ଆମ୍ବ:
ଆମ୍ବର ତାସିର ଗରମ ହୋଇଥିଲେ ମଧ୍ୟ ଏହା ତ୍ୱଚା ପାଇଁ ଲାଭଦାୟକ । ଆମ୍ବରେ ଭିଟାମିନ୍ ସି ଏବଂ ଆଣ୍ଟି-ଅକ୍ସିଡାଣ୍ଟ ଥାଏ, ଯାହା ମୁହଁର ହଜିଯାଇଥିବା ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ । ଯଦି ସଠିକ୍ ପରିମାଣରେ ଆମ୍ବ ସେବନ କରାଯାଏ, ତେବେ ଏହା ସମ୍ପୂର୍ଣ୍ଣ ଶରୀର ପାଇଁ ଫାଇଦା ମିଳିଥାଏ ।

୫. କମଳା:
କମଳାରେ ପ୍ରଚୁର ଭିଟାମିନ୍ ସି ଥାଏ । ଏହାର ଚୋପା ଠାରୁ ଆରମ୍ଭ କରି ରସ ପର୍ଯ୍ୟନ୍ତ ସବୁକିଛି ତ୍ୱଚା ପାଇଁ ଉପକାରୀ । କମଳା କେବଳ ମୁହଁକୁ ଗଭୀର ଭାବରେ ପୋଷଣ ଦିଏ ନାହିଁ, ବରଂ କଳା ଦାଗକୁ ହାଲୁକା କରିବାରେ ସାହାଯ୍ୟ କରେ । କମଳା ଚୋପାର ବ୍ୟବହାର ଫେସ୍‌ପ୍ୟାକ୍‌ରେ ମଧ୍ୟ କରାଯାଇଥାଏ ।



# ଫଳରୁ ଷ୍ଟିକର ଛଡ଼ାଇ ଖାଆନ୍ତୁ



ଖାଦ୍ୟ ଓ ପାନୀୟରେ ଅସାବଧାନତା ଅନେକ ସମୟରେ ମହଙ୍ଗା ପଡ଼ିପାରେ। ନିକଟରେ ଭାରତୀୟ ଖାଦ୍ୟ ସୁରକ୍ଷା ଓ ମାନକ ପ୍ରାଧିକରଣ ଫଳ ଓ ପନିପରିବା ଉପରେ ଷ୍ଟିକର ଲଗାଇବାକୁ ନେଇ ଏକ ଚେତାବନୀ ଜାରି କରିଛନ୍ତି। କହିଛନ୍ତି ଯେ, ଏହି ଷ୍ଟିକରଗୁଡ଼ିକର ପଛପଟେ ବ୍ୟବହୃତ ଅଠାଜାତୀୟ ପଦାର୍ଥ ଖାଦ୍ୟ ଉପଯୋଗୀ ନୁହେଁ, ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ହୋଇପାରେ। ଆମେ ପ୍ରାୟତଃ ଫଳ ତଥା ପନିପରିବା କିଣିବା ସମୟରେ ସେଥିରେ ଲାଗିଥିବା ଷ୍ଟିକରଗୁଡ଼ିକୁ ଅଣଦେଖା କରିଦେଉ। ତେବେ ଏହି ଛୋଟ ଭୁଲ୍ ସମସ୍ୟା ସୃଷ୍ଟି କରିପାରେ। ବିଶେଷଜ୍ଞଙ୍କ ମତରେ, ଷ୍ଟିକରଗୁଡ଼ିକରେ ବ୍ୟବହୃତ ଗ୍ଲୁ, କାଳି ଓ ଅନ୍ୟ ରାସାୟନିକ ପଦାର୍ଥ ଶରୀର ପାଇଁ ନିରାପଦ ନୁହେଁ। ତେଣୁ ଖାଇବା ପୂର୍ବରୁ ସେଗୁଡ଼ିକୁ ବାହାର କରିବା ଦରକାର। ସ୍ୱାସ୍ଥ୍ୟ ବିଶେଷଜ୍ଞ କହିଛନ୍ତି ଯେ, ଯଦି ଭୁଲ୍‌ବଶତଃ ଏଥିରୁ ଛୋଟ ଖଣ୍ଡଟିଏ ଶରୀର ଭିତରକୁ ଯାଏ, ତେବେ ବିରାଟ କ୍ଷତି କରିପାରେ। ଏହାଦ୍ୱାରା ପେଟ ଖରାପ, ସାମାନ୍ୟ ବାନ୍ତି କିମ୍ବା ପାଚନ ସମସ୍ୟା ଦେଖାଦେଇପାରେ। କେତେକ ସମୟରେ ଶ୍ୱାସରୁଦ୍ଧର ଆଶଙ୍କା ବି ବଢ଼ାଇପାରେ। ତେଣୁ ସତର୍କତା ଅବଲମ୍ବନ କରିବା ଭଲ। ଏହି ବିପଦ ଏଡ଼ାଇବାର ସବୁଠାରୁ ସହଜ ଉପାୟ ହେଉଛି, ଖାଇବା ପୂର୍ବରୁ ଫଳ ଓ ପନିପରିବାକୁ ଭଲ ଭାବେ ଧୋଇ ତା' ଉପରେ ଲାଗିଥିବା ଷ୍ଟିକରଗୁଡ଼ିକୁ କାଢ଼ିଦେବା। ଉଷୁମ ପାଣିରେ ଅଳ୍ପ ପରିମାଣର କ୍ଲୋରିନ୍ ମିଶାଇ ତାହାକୁ ସଫା କରାଯାଇପାରିବ। ତେବେ ସାବୁନ କିମ୍ବା କୌଣସି ରାସାୟନିକ କ୍ଲିନର୍ ବ୍ୟବହାର କରିବା ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ହୋଇଥାଏ।

# ପ୍ରୋଟିନ୍ ପାଇଁ ସକାଳ ଜଳଖିଆରେ ଅଣ୍ଡା ଭଲ ନା ପନିର

ଶରୀରକୁ ସୁସ୍ଥ ରଖିବାକୁ ଜଣଙ୍କୁ ସମସ୍ତ ଭିଟାମିନ୍‌ଜାତୀୟ ଖାଦ୍ୟ ପଦାର୍ଥ ସହ ପ୍ରୋଟିନ୍ ଆବଶ୍ୟକ ହୋଇଥାଏ। ଦିନଯାକର ଖାଦ୍ୟପେୟ ଭିତରୁ ସକାଳ ଜଳଖିଆର ଗୁଣମାନ ଉପରେ ଅଧିକ ଗୁରୁତ୍ୱ ଦିଆଯିବା ଉଚିତ। ଏହି ଖାଦ୍ୟରେ ପ୍ରୋଟିନ୍‌ର ପରିମାଣ ଉପରେ ନଜର ଦେବା କଥା। କାରଣ ଏହା ଟିସୁ ନିର୍ମାଣ ଓ ଶରୀରର ରକ୍ଷଣାବେକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ମାଂସପେଶୀ, ଚର୍ମ, କେଶ, ଏପରିକି ଏନ୍‌ଜାଇମ୍ ଓ ହରମୋନ୍‌ର ମୂଳଦୁଆ ପକାଏ, ଯାହା ଶରୀରର ପ୍ରମୁଖ କାର୍ଯ୍ୟକୁ ନିୟନ୍ତ୍ରଣ କରିଥାଏ। ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ମାଂସପେଶୀ ଓ ମେଟାବୋଲିଜିମ୍ ବୃଦ୍ଧି କରିଥାଏ। ତେଣୁ ସକାଳ ଜଳଖିଆରେ ଅଧିକ ପ୍ରୋଟିନ୍ ଭଲ।ନିରାମିଷ ପନିର ଓ ଆମିଷ ଅଣ୍ଡାଠାରୁ ଭଲ ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅନ୍ୟ କିଛି ହୋଇ ନପାରେ ! ତେଣୁ ଏହି ଦୁଇଟି ମଧ୍ୟରୁ କେଉଁଟି ଅଧିକ ଉପାଦେୟ, ସେ ସମ୍ପର୍କରେ ଜାଣିବା ଜରୁରି।



***ଅଣ୍ଡା କେତେ ପୁଷ୍ଟିକର***

୪୪ ଗ୍ରାମ ଓଜନର ଏକ ସିଝା ଅଣ୍ଡାରେ ୫.୫ ଗ୍ରାମ ପ୍ରୋଟିନ୍, ୪.୨ ଗ୍ରାମ ଫ୍ୟାଟ୍, ୨୪.୬ ମିଗ୍ରା କ୍ୟାଲସିୟମ୍, ୦.୮ ମିଗ୍ରା ଲୌହ, ୫.୩ ମିଗ୍ରା ମ୍ୟାଗ୍ନେସିୟମ୍, ୮୬.୭ ମିଗ୍ରା ଫସ୍‌ଫରସ୍, ୬୦.୩ ମିଗ୍ରା ପୋଟାସିୟମ୍, ୦.୬ ମିଗ୍ରା ଜିଙ୍କ୍, ୧୬୨ ମିଗ୍ରା କୋଲେଷ୍ଟ୍ରଲ୍ ଓ ୧୩.୪ ମିଗ୍ରା ସେଲେନିୟମ୍ ଥାଏ। ଏଥିପାଇଁ ଅଣ୍ଡାକୁ ସବୁଠାରୁ ସୁସ୍ଥ ଖାଦ୍ୟ ବିକଳ୍ପ ମଧ୍ୟରୁ ଗୋଟିଏ ବୋଲି ଧରାଯାଏ।

***ଜଳଖିଆରେ ଅଣ୍ଡାର ଉପକାରିତା***

ଅଣ୍ଡାରେ ଉଚ୍ଚ ମାନର ପ୍ରୋଟିନ୍ ଭରପୂର ଥାଏ, ଯାହା ଆପଣଙ୍କୁ ଅଧିକ ସମୟ ପାଇଁ ପେଟ ପୂରାଇ ରଖିବା ସହ ମାଂସପେଶୀ ସବଳ କରିଥାଏ। ଏହା ମଧ୍ୟ ଭିଟାମିନ୍ ବି-୧୨, ଭିଟାମିନ୍-ଡି ଓ କୋଲାଇନ୍ ଭଳି ଅତ୍ୟାବଶ୍ୟକ ଖାଦ୍ୟସାରରେ ପରିପୂର୍ଣ୍ଣ। ଅଣ୍ଡା ମସ୍ତିଷ୍କର କାର୍ଯ୍ୟକଳାପକୁ ବଢ଼ାଇ ମେଟାବୋଲିଜିମ୍ ବୃଦ୍ଧି କରେ ଓ ସମଗ୍ର ଶକ୍ତି ସ୍ତରକୁ ଉନ୍ନତ କରିଥାଏ। ଏଥିରେ ଥିବା ଲ୍ୟୁଟିନ୍ ଓ ଜିଆକ୍ସାନ୍ଥିନ୍ ଆଖିକୁ ସୁସ୍ଥ ରଖିବା ସହ ପ୍ରଦାହଠାରୁ ସୁରକ୍ଷା ଦିଏ। ଏଥିସହିତ ଅଣ୍ଡାରେ କ୍ୟାଲୋରି କମ୍ ଥିଲେ ବି ତାହା ଅତ୍ୟନ୍ତ ପୁଷ୍ଟିକର। ତେଣୁ ଓଜନ ପରିଚାଳନା କରିଥାଏ। ଜଳଖିଆରେ ଅଣ୍ଡାସିଝା ବା ଏହାକୁ ପୋଚ୍ କରି ଖାଇବା ଭଲ। ଅଣ୍ଡାରେ ଥିବା କୋଲାଇନ୍ ସ୍ମୃତିଶକ୍ତି, ଧ୍ୟାନ ଓ ସ୍ନାୟୁର କାର୍ଯ୍ୟକଳାପରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏଥିସହିତ ଅଣ୍ଡା ଖାଇଲେ ଏଥିରେ ଥିବା ପ୍ରୋଟିନ୍ ଓ ଫ୍ୟାଟ୍ ଅଧିକ ସମୟ ପେଟକୁ ପୂରା ରଖି ଶକ୍ତିସ୍ତର ବଜାୟ ରଖିଥାଏ। କୁହାଯାଏ, ଏଥିରେ କ୍ଷୀର ପ୍ରୋଟିନ୍ ପରି ପ୍ରାୟ ସମାନ ପରିମାଣର ବ୍ରାଞ୍ଚେଡ୍-ଚେନ୍ ଆମିନୋ ଏସିଡ୍ ଥାଏ। ଏଥିରେ ଅନ୍ୟ ପ୍ରୋଟିନ୍ ଉତ୍ସ ତୁଳନାରେ ଅଧିକ ସଲଫର-ଯୁକ୍ତ ଆମିନୋ ଏସିଡ୍ ମଧ୍ୟ ରହିଛି।

***ପନିରର ପୁଷ୍ଟି ପରିମାଣ***


୪୦ ଗ୍ରାମ କମ୍ ଚର୍ବିବିଶିଷ୍ଟ ପନିରରୁ ୭.୫୪ ଗ୍ରାମ ପ୍ରୋଟିନ୍, ୫.୮୮ ଗ୍ରାମ ଚର୍ବି, ୪.୯୬ ଗ୍ରାମ କାର୍ବୋହାଇଡ୍ରେଟ୍, ୩୭.୩୨ ମାଇକ୍ରୋଗ୍ରାମ୍ ? ଫୋଲେଟ୍, ୧୯୦.୪ ମିଗ୍ରା କ୍ୟାଲସିୟମ୍, ୧୩୨ ମିଗ୍ରା ଫସଫରସ୍ ଓ ୫୦ ମିଗ୍ରା ପୋଟାସିୟମ୍ ମିଳିଥାଏ।

***ଜଳଖିଆରେ ପନିରର ଉପକାରିତା***

ପନିର ଆମ ଜଳଖିଆ ପାଇଁ ଭଲ। କାରଣ ଏହା ଉଚ୍ଚମାନର ପ୍ରୋଟିନ୍‌ରେ ଭରପୂର, ଯାହା ମାଂସପେଶୀକୁ ବୃଦ୍ଧି ଓ ସବଳ କରିଥାଏ। ଧୀରେ ଧୀରେ ହଜମ ହେଉଥିବାରୁ ଅଧିକ ସମୟ ପାଇଁ ପେଟପୂରା ରଖେ। ସେହିପରି କ୍ୟାଲସିୟମ୍ ଓ ଫସ୍‌ଫରସ୍ ପରିମାଣ ଅଧିକ ଥିବାରୁ ହାଡ଼ ଓ ଦାନ୍ତକୁ ମଜଭୁତ ରଖିବାରେ ଏହା ସାହାଯ୍ୟ କରେ। ତେଣୁ ବୟସ୍କମାନଙ୍କ ପାଇଁ ଖୁବ୍ ଉପାଦେୟ। ଏଥିରେ ସୁସ୍ଥ ଚର୍ବି ମଧ୍ୟ ଥାଏ, ଯାହା ରକ୍ତ ଶର୍କରା ସ୍ତର ବୃଦ୍ଧି ନକରି ସ୍ଥିର ଶକ୍ତି ପ୍ରଦାନ କରେ। ସେହିପରି ମଧୁମେହ ରୋଗୀଙ୍କ ପାଇଁ ପନିର ଭଲ। ଭିଟାମିନ୍-ବିରେ ଭରପୂର ପନିର ମେଟାବୋଲିଜିମ୍‌କୁ ସାହାଯ୍ୟ କରେ ଓ ଏଥିରେ ସମଗ୍ର ରୋଗ ପ୍ରତିରୋଧକ ଶକ୍ତି ଥାଏ। ସକାଳ ଜଳଖିଆରେ ପନିର ପରଟା, ସାଲାଡ୍ କିମ୍ବା ଭାଜି ଖାଇଲେ ଏହା ଶରୀରକୁ ହାଲୁକା ରଖେ। ଏଥିସହିତ ବାତ ଓ ପିତ୍ତ ଦୋଷକୁ ସନ୍ତୁଳିତ କରିବାରେ ସହାୟକ ହୋଇଥାଏ। କେବଳ ଏତିକି ନୁହେଁ, ପନିରରେ କମ୍ ଗ୍ଲାଇସେମିକ୍ ଇଣ୍ଡେକ୍ସ ଥାଏ, ଯାହା ରକ୍ତରେ ଶର୍କରା ସ୍ତରକୁ ନିୟନ୍ତ୍ରଣ କରିବା ଓ ହଠାତ୍ ବୃଦ୍ଧିକୁ ରୋକିଥାଏ। ପନିରରେ ଚର୍ବି (୨୨-୨୫%), ପ୍ରୋଟିନ୍ (୧୬-୧୮%) ଓ ଲାକ୍ଟୋଜ୍ (୨.୦-୨.୭%) ଥାଏ।


# ଚାଲିବା ଅଭ୍ୟାସ ନଥିଲେ ଶରୀର ଓ ମନରେ ପଡ଼େ ଖରାପ ପ୍ରଭାବ

ଆପଣ ଯଦି ନିୟମିତ ଚାଲିବା ବନ୍ଦ କରନ୍ତି ତେବେ ଆପଣଙ୍କ ଦେହ ଖରାପ ହେଇପାରେ । ଜାଣନ୍ତୁ ଏହାର କାରଣ କଣ ହୋଇପାରେ । ନିୟମିତ ଚାଲିବା ବା ଦୌଡ଼ିବା ଆପଣଙ୍କ ସ୍ୱାସ୍ଥ୍ୟ ଭଲ ରଖିଥାଏ । ଶରୀର ସୁସ୍ଥ ରହିବା ସହିତ, ମସ୍ତିଷ୍କ ମଧ୍ୟ ଭଲ ରୁହେ । କେବଳ ତାହା ନୁହେଁ ଆପଣଙ୍କ ମନ ଭଲ ରହିଥାଏ । ସବୁଦିନ ଚାଲିବା ସବୁଠାରୁ ସହଜ ଉପାୟ ହେଉଛି ଶରୀରକୁ ସୁସ୍ଥ ରଖିବାର । ତେଣୁ ଆପଣ କିଛି ଦିନ ଚାଲିବା ଦରକାର । ବିଶେଷଜ୍ଞ କହିବା ଅନୁସାରେ, ଚାଲିବା ହେଉଛି ସବୁଠାରୁ ସହଜ ବାଟ । ଆଜିକାଲି ଆମେ ଅଧିକ ସମୟ ବସି ରହୁଛୁ ଓ ହାଟିବା କମ କରୁଛୁ। କିନ୍ତୁ ଡାକ୍ତରମାନେ କହୁଛନ୍ତି, ନିୟମିତ ହାଟିବା ନ କଲେ ଶରୀର ଓ ମନ ଦୁହିଁଟି ଖରାପ ହୋଇପାରେ। ନ କଲେ ହୃଦରୋଗ, ସୁଗର (ଡାୟାବେଟିସ) ଭଳି ରୋଗର ବଢ଼ିଯାଏ। ଶରୀର ଧୀରେ ଧୀରେ ଦୁର୍ବଳ ହୋଇଯାଏ ଓ ମୋଟାପଣ ମଧ୍ୟ ବଢ଼ିପାରେ।ଏହା ସହ ମନରେ ମଧ୍ୟ ପ୍ରଭାବ ପଡ଼େ। ଅଧିକ ସମୟ ବସି ରହିଲେ ଟେନ୍ସନ, ଚିନ୍ତା ଭାବ ବଢ଼ିଯାଏ । ଚାଲିବା ମନକୁ ହାଲୁକା ଓ ଖୁସି ରଖେ । ଚାଲିବା ନ କଲେ ଶରୀର ଗଡ଼ିଆ ହୋଇଯାଏ, ହାଡ଼ ଦୁର୍ବଳ ହୁଏ ଓ ଦୈନନ୍ଦିନ କାମ କରିବାକୁ ମଧ୍ୟ ଅସୁବିଧା ହୁଏ। ଦୀର୍ଘ ସମୟରେ ସ୍ମୃତି ଉପରେ ମଧ୍ୟ ଖରାପ ପ୍ରଭାବ ପଡ଼ିପାରେ । ତେଣୁ ବିଶେଷଜ୍ଞଙ୍କ ମତରେ ଚାଲିବା ଦରକାର, ଦିନକୁ ଅତି କମରେ ୧୫-୨୦ ମିନିଟ ହାଟିବା ଅଭ୍ୟାସ କରନ୍ତୁ। ଏହା ଆପଣଙ୍କୁ ସୁସ୍ଥ ଓ ଖୁସି ରଖିବ।



# ସୁନ୍ଦର ଚେହେରା ଚାହୁଁଛନ୍ତି କି ? ତେବେ ଆପଣାନ୍ତୁ ଏହି ଫିଲର୍

ଆଜିକାଲି ସମସ୍ତେ ସୁନ୍ଦର ଦେଖାଯିବାକୁ ଚାହିଁଥାଆନ୍ତି । ସେଥିପାଇଁ ଏବେ ବିଭିନ୍ନ ପ୍ରକାର ଟ୍ରିଟ୍‌ମେଣ୍ଟ ମଧ୍ୟ କରାଉଛନ୍ତି । ଯାହାକୁ ଆମେ ବୁଟକ୍ସ ବୋଲି କହିଥାଉ। ଏହା ମଧ୍ୟ ଭିନ୍ନ ଭିନ୍ନ ପ୍ରକାର ରହିଛି । ଏହି ଟ୍ରିଟ୍‌ମେଣ୍ଟ୍‌କୁ ବ୍ୟବହାର କରି ଆମର ମୁହଁରେ ପଡୁଥିବା ବିଭିନ୍ନ ଭାଙ୍ଗକୁ ଦୂର କରାଯାଏ । ଅଭିନେତ୍ରୀମାନେ ବୁଟକ୍ସ କରି ଏତେ ସୁନ୍ଦର ଚେହେରାର ଅଧିକାରୀ କରିପାରୁଛନ୍ତି ।



ଡର୍ମାଲ୍ ଫିଲର- ଏହି ପ୍ରକ୍ରିୟାରେ ଆମ ଗାଲ, ଓଠ, ଆଖି ତଳ ଭଳି ସ୍ଥାନକୁ ଫୁଲା କରିବା ପାଇଁ ବ୍ୟବହାର କରାଯାଏ। ଯେଉଁମାନେ ସୁନ୍ଦର ଚେହେରା ପାଇଁ ସର୍ଜରି କରିବା ପାଇଁ ପସନ୍ଦ କରୁନାହାନ୍ତି ସେମାନେ ଏହି ପ୍ରକ୍ରିୟାକୁ ଆପଣାଇ ଥାଆନ୍ତି। ଏଥିରେ ଏକ ଏସିଡ୍ ଆମ ଶରୀରରେ ବ୍ୟବହାର କରାଯାଇଥାଏ।

ସ୍ୱେଟ୍ ବୋଟୋକ୍ସ- ମଣିଷର ଝାଳ ବୋହିବା ଏକ ସାଧାରଣ ପ୍ରକ୍ରିୟା। ଏହା ଆମ ଶରୀରକୁ ଥଣ୍ଡା କରିବାରେ ସାହାଯ୍ୟ କରିଥାଏ। ସେଲିବ୍ରେଟିମାନେ ଯେତେବେଳେ କୌଣସି ଲମ୍ବା ସୁଟିଂରେ ରହିଥାଆନ୍ତି ସେତେବେଳେ କାଖତଳ, ହାତ, ପାଦରେ ସ୍ୱେଟ୍ ବୋଟୋକ୍ସ ଟ୍ରିଟ୍‌ମେଣ୍ଟ୍ କରାଇଥାଆନ୍ତି।

ସ୍ମାଇଲ୍ କରେକସନ୍- ହସକୁ ସୁନ୍ଦର କରିବା ପାଇଁ ଏହି ଟ୍ରିଟ୍‌ମେଣ୍ଟ୍ କରାଯାଇଥାଏ। ଉପର ଓଠରେ ଏହି ଇଞ୍ଜେକ୍‌ସନ୍ ଦିଆଯାଏ। ଯେଉଁ କାରଣରୁ ହସିବା ସମୟରେ ଅଧିକ ମାଢ଼ି ଦେଖାଯିବ ନାହିଁ ଏବଂ ଆମ ହସ ସୁନ୍ଦର ଲାଗିବ। ଏହାକୁ ଲିପ୍ ବୋଟୋକ୍ସ ମଧ୍ୟ କୁହାଯାଏ ଯେଉଁଥିରେ ଓଠକୁ କିଞ୍ଚିତ ସ୍ଥୂଳ କରାଯାଏ।

ଥ୍ରେଡ୍ ଲିଫ୍ଟ- ଏହା ବିଶେଷଭାବେ ଢ଼ିଲାପଣ ଚର୍ମକୁ ଉପରକୁ ଉଠାଇବାକୁ କରାଯାଇଥାଏ। ଏହା ସର୍ଜରି ନକରି ମୁହଁକୁ ଟାଇଟ୍ କରିବା ପାଇଁ ବ୍ୟବହାର ହୋଇଥାଏ।

ସ୍କିନ୍ ବୁଷ୍ଟର- ଶରୀରକୁ ଗଭୀରଭାବେ ହାଇଡ୍ରେସନ୍ କରିବା ଏବଂ ଭିତରୁ ଚମକ ଆଣିବା ପାଇଁ ଏହି ପ୍ରକ୍ରିୟାର ବ୍ୟବହାର କରାଯାଇଥାଏ। ଏଥିରେ ମଧ୍ୟ ଏକ ଏସିଡ୍‌ର ବ୍ୟବହାର କରାଯାଇଥାଏ। ଯେଉଁମାନେ ଗ୍ଲାସ୍ ସ୍କିନ୍ ପସନ୍ଦ କରିଥାଆନ୍ତି ସେମାନେ ଏହି ବୁଷ୍ଟ୍ ନେଇପାରିବେ।

# ବିଶ୍ୱବ୍ୟାପୀ ସଙ୍କଟ ସତ୍ତ୍ୱେ ସୁନାର ଚମକ ଫିକା କାହିଁକି ?

ସାଧାରଣତଃ ବିଶ୍ୱବ୍ୟାପୀ କୌଣସି ରାଜନୈତିକ, ସାମରିକ କିମ୍ବା ଅର୍ଥନୈତିକ ସଙ୍କଟ ଦେଖାଦେଲେ ନିବେଶକମାନେ ସୁନାକୁ ଏକ ନିରାପଦ ଆଶ୍ରୟସ୍ଥଳୀ ଭାବରେ ବିବେଚନା କରିଥାନ୍ତି। ଅତୀତର ଇତିହାସକୁ ଦେଖିଲେ ଏହା ସ୍ପଷ୍ଟ ପ୍ରତୀୟମାନ ହୁଏ ଯେ, ୨୦୦୮ ମସିହାର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା, କୋଭିଡ-୧୯ ମହାମାରୀ ସମୟରେ ଅର୍ଥନୈତିକ ଅଚଳାବସ୍ଥା ଏବଂ ୨୦୨୨ ମସିହାରେ ଋଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରେ ସୁନା ଦରରେ ଅଭୂତପୂର୍ବ ବୃଦ୍ଧି ଘଟିଥିଲା। ମାତ୍ର ବର୍ତ୍ତମାନର ପରିସ୍ଥିତି ସମ୍ପୂର୍ଣ୍ଣ ଭିନ୍ନ ରୂପ ନେଇଛି। ୨୦୨୬ ମସିହା ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ପଶ୍ଚିମ ଏସିଆ ସଙ୍କଟ ବା ଯୁଦ୍ଧ ପରିପ୍ରେକ୍ଷୀରେ ସୁନା ଦର ଊର୍ଦ୍ଧ୍ୱଗାମୀ ହେବା ପରିବର୍ତ୍ତେ ଆଶ୍ଚର୍ଯ୍ୟଜନକ ଭାବରେ ତଳକୁ ଖସିବାରେ ଲାଗିଛି । ଭାରତୀୟ ବଜାରରେ ଏହାର ପ୍ରଭାବ ସ୍ପଷ୍ଟ ଭାବରେ ଦେଖିବାକୁ ମିଳିଛି । ଜାନୁଆରୀ ମାସ ଶେଷ ଆଡ଼କୁ ୨୪ କ୍ୟାରେଟ୍ ସୁନାର ମୂଲ୍ୟ ୧୦ ଗ୍ରାମ୍ ପ୍ରତି ପ୍ରାୟ ୧.୮ ଲକ୍ଷ ଟଙ୍କା ଥିବାବେଳେ ବର୍ତ୍ତମାନ ତାହା ହ୍ରାସ ପାଇ ପ୍ରାୟ ୧.୩ ଲକ୍ଷ ଟଙ୍କାରେ ପହଞ୍ଚିଛି । ଗୋଟିଏ ପଟେ ବିଶ୍ୱରେ ଯୁଦ୍ଧର ଭୟାବହତା ବୃଦ୍ଧି ପାଉଥିବା ବେଳେ ଅନ୍ୟ ପଟେ ସୁନା ପରି ଏକ ନିରାପଦ ସମ୍ପତ୍ତିର ମୂଲ୍ୟ ହ୍ରାସ ପାଇବା ଅର୍ଥନୀତିଜ୍ଞ ଏବଂ ନିବେଶକମାନଙ୍କ ପାଇଁ ଏକ ବିସ୍ମୟର କାରଣ ପାଲଟିଛି । ଏହି ଅପ୍ରତ୍ୟାଶିତ ଘଟଣାକ୍ରମ ପଛରେ ଥିବା କାରଣଗୁଡ଼ିକୁ ବିଶ୍ଳେଷଣ କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ଆର୍ଥିକ ଏବଂ ଭୂ-ରାଜନୈତିକ ଦିଗ ସାମ୍ନାକୁ ଆସିଥାଏ ।

ପାରମ୍ପରିକ ଭାବରେ ସୁନା ଏବଂ ବିଶ୍ୱ ସଙ୍କଟ ମଧ୍ୟରେ ଏକ ସିଧାସଳଖ ସମ୍ପର୍କ ରହିଆସିଛି। ସୁନା ଏପରି ଏକ ସମ୍ପତ୍ତି ଯାହା ଉପରେ କୌଣସି ସୁଧ ମିଳିନଥାଏ । ତେଣୁ ଯେତେବେଳେ ବଜାରରେ ଆମେରିକୀୟ ସରକାରୀ ବଣ୍ଡ୍ ପରି ସୁରକ୍ଷିତ ସମ୍ପତ୍ତିରୁ ମିଳୁଥିବା ଲାଭାଂଶ କିମ୍ବା ସୁଧ ହାର ହ୍ରାସ ପାଏ, ସେତେବେଳେ ନିବେଶକମାନେ ସୁନା ଆଡ଼କୁ ଆକର୍ଷିତ ହୋଇଥାନ୍ତି । ଏହାବ୍ୟତୀତ ବିଶ୍ୱ ବଜାରରେ ସୁନାର କାରବାର ମୁଖ୍ୟତଃ ଆମେରିକୀୟ ଡଲାରରେ କରାଯାଇଥାଏ। ଯେତେବେଳେ ଡଲାରର ମୂଲ୍ୟ ହ୍ରାସ ପାଏ, ଅନ୍ୟ ଦେଶର ମୁଦ୍ରା ବ୍ୟବହାର କରୁଥିବା କ୍ରେତାମାନଙ୍କ ପାଇଁ ସୁନା ଶସ୍ତା ହୋଇଯାଏ, ଯାହା ଫଳରେ ଏହାର ଚାହିଦା ଏବଂ ଦର ବୃଦ୍ଧି ପାଇଥାଏ । ଅର୍ଥାତ୍ ଏକ ଦୁର୍ବଳ ଡଲାର ଏବଂ କମ୍ ସୁଧ ହାର ସର୍ବଦା ସୁନା ବଜାର ପାଇଁ ଅନୁକୂଳ ସାବ୍ୟସ୍ତ ହୋଇଥାଏ । କିନ୍ତୁ ୨୦୨୨ ମସିହା ପରଠାରୁ ଏହି ପାରମ୍ପରିକ ନିୟମରେ ପରିବର୍ତ୍ତନ ଦେଖାଦେଇଥିଲା ଏବଂ ବର୍ତ୍ତମାନର ପଶ୍ଚିମ ଏସିଆ ସଙ୍କଟ ସମୟରେ ଏହି ସମୀକରଣ ସମ୍ପୂର୍ଣ୍ଣ ଓଲଟି ଯାଇଛି । ସୁନା ଦରକୁ ସମର୍ଥନ କରୁଥିବା ସମସ୍ତ କାରକ ବର୍ତ୍ତମାନ ବିପରୀତ ଦିଗରେ ଗତି କରୁଛନ୍ତି, ଯାହା ଫଳରେ ସୁନା ବଜାରରେ ଏକ ବଡ଼ ଧରଣର ପତନ ଦେଖିବାକୁ ମିଳିଛି ।

ଏହି ପରିବର୍ତ୍ତିତ ସମୀକରଣର ସବୁଠାରୁ ବଡ଼ କାରଣ ହେଉଛି ଅଶୋଧିତ ତୈଳ ଦରରେ ଅତ୍ୟଧିକ ବୃଦ୍ଧି ଏବଂ ଏହା ସୃଷ୍ଟି କରୁଥିବା ମୁଦ୍ରାସ୍ଫୀତିର ଆଶଙ୍କା । ପଶ୍ଚିମ ଏସିଆରେ ସାମରିକ ସଂଘର୍ଷ ଆରମ୍ଭ ହେବା ମାତ୍ରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବ୍ୟାପକ ଭାବରେ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୨୦ ଡଲାର ଅତିକ୍ରମ କରିଯାଇଥିଲା । ୨୦୨୨ ମସିହାରେ ଋଷିଆ-ୟୁକ୍ରେନ ଯୁଦ୍ଧ ପରେ ପ୍ରଥମ ଥର ପାଇଁ ତୈଳ ଦର ଏତେ ଉଚ୍ଚ ସ୍ତରରେ ପହଞ୍ଚିଛି । ଆନ୍ତର୍ଜାତିକ ଶକ୍ତି ସଂସ୍ଥା (IEA)ର ରିପୋର୍ଟ ଅନୁଯାୟୀ, ଏହି ଯୁଦ୍ଧ ବିଶ୍ୱ ତୈଳ ବଜାରରେ ଏକ ବୃହତ୍ ଯୋଗାଣ ବାଧା ସୃଷ୍ଟି କରିଛି । ତୈଳ ଦର ବୃଦ୍ଧି ପାଇବା ଅର୍ଥ ହେଉଛି ପରିବହନ ଠାରୁ ଆରମ୍ଭ କରି ଉତ୍ପାଦନ ପର୍ଯ୍ୟନ୍ତ ପ୍ରାୟ ସମସ୍ତ ସାମଗ୍ରୀର ଦାମ୍ ବୃଦ୍ଧି ପାଇବା । ଏହା ସିଧାସଳଖ ବିଶ୍ୱବ୍ୟାପୀ ମୁଦ୍ରାସ୍ଫୀତିକୁ ବଢ଼ାଇବାର ଆଶଙ୍କା ସୃଷ୍ଟି କରିଛି । ଯୁଦ୍ଧ ପୂର୍ବରୁ ବିଶ୍ୱ ଅର୍ଥନୀତିରେ ମୁଦ୍ରାସ୍ଫୀତି ହ୍ରାସ ପାଉଥିଲା ଏବଂ ପ୍ରମୁଖ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର ହ୍ରାସ କରିବାର ସଙ୍କେତ ଦେଉଥିଲେ । ମାତ୍ର ତୈଳ ଦରର ଏହି ଆକସ୍ମିକ ବୃଦ୍ଧି ସେହି ସମସ୍ତ ହିସାବନିକାଶକୁ ବଦଳାଇ ଦେଇଛି। ବର୍ତ୍ତମାନ ବଜାର ଆଶା କରୁଛି ଯେ ମୁଦ୍ରାସ୍ଫୀତିକୁ ନିୟନ୍ତ୍ରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାରକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଉଚ୍ଚ ସ୍ତରରେ ରଖିବେ । ଏହି ଗୋଟିଏ ଆଶଙ୍କା ହିଁ ସୁନା ବଜାରର ଦିଗ ବଦଳାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଛି।

ସୁଧ ହାର ଉଚ୍ଚ ରହିବାର ଆଶଙ୍କା ସୁନା ପାଇଁ କିପରି କ୍ଷତିକାରକ ସାବ୍ୟସ୍ତ ହୋଇଛି, ତାହା ବୁଝିବା ନିତାନ୍ତ ଆବଶ୍ୟକ । ଯେତେବେଳେ ସୁଧ ହାର ଅଧିକ ରହେ, ସେତେବେଳେ ଆମେରିକୀୟ ଟ୍ରେଜେରୀ ବଣ୍ଡ୍ ପରି ସରକାରୀ ସମ୍ପତ୍ତିଗୁଡ଼ିକ ଅଧିକ ଲାଭଦାୟକ ମନେହୁଏ, କାରଣ ସେଥିରୁ ନିବେଶକମାନଙ୍କୁ ଏକ ନିର୍ଦ୍ଦିଷ୍ଟ ଏବଂ ସୁରକ୍ଷିତ ଆୟ ମିଳିଥାଏ । ଏହାର ବିପରୀତରେ, ସୁନାରେ ନିବେଶ କଲେ କୌଣସି ନିୟମିତ ସୁଧ ମିଳିନଥାଏ । ତେଣୁ ଉଚ୍ଚ ସୁଧ ହାର ସମୟରେ ସୁନା ରଖିବାର 'ସୁଯୋଗ ମୂଲ୍ୟ' ବା ଅପରଚୁନିଟି କଷ୍ଟ୍ ବୃଦ୍ଧି ପାଇଥାଏ। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ଭାରତ ପାଇଁ ଗବେଷଣା ମୁଖ୍ୟ କବିତା ଚାକୋଙ୍କ ମତରେ, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ନୀତିଗତ ପଦକ୍ଷେପକୁ ନେଇ ବଦଳୁଥିବା ଆଶା ଏବଂ ଡଲାରର ମୂଲ୍ୟବୃଦ୍ଧି ସୁନା ଦର ଉପରେ ଗଭୀର ପ୍ରଭାବ ପକାଇଛି। ଯେତେବେଳେ ନିବେଶକମାନେ ଆମେରିକୀୟ ବଣ୍ଡ୍ ?ରେ ଅଧିକ ଅର୍ଥ ବିନିଯୋଗ କରନ୍ତି, ସେତେବେଳେ ଆମେରିକୀୟ ଡଲାର ଅଧିକ ଶକ୍ତିଶାଳୀ ହୋଇଥାଏ । ଏକ ଶକ୍ତିଶାଳୀ ଡଲାର ଅନ୍ୟ ଦେଶର ମୁଦ୍ରା ତୁଳନାରେ ସୁନାକୁ ଅଧିକ ମହଙ୍ଗା କରିଦିଏ, ଯାହା ଫଳରେ ଆନ୍ତର୍ଜାତିକ ସ୍ତରରେ ସୁନାର ଚାହିଦା ହ୍ରାସ ପାଏ ଏବଂ ଦର ତଳମୁହାଁ ହୁଏ।

ଏହି ମୌଳିକ କାରଣଗୁଡ଼ିକ ସହିତ ନିବେଶକମାନଙ୍କର ଲାଭ ଉଠାଇବା ମାନସିକତା ଏବଂ ବଜାରର ବୈଷୟିକ ଦିଗ ମଧ୍ୟ ସୁନା ଦର ହ୍ରାସ ପାଇଁ ଦାୟୀ । ଯୁଦ୍ଧ ଆରମ୍ଭ ହେବା ପୂର୍ବରୁ ସୁନା ଦର ଏକ ଐତିହାସିକ ଉଚ୍ଚସ୍ତରରେ ପହଞ୍ଚି ସାରିଥିଲା । ଆନ୍ତର୍ଜାତିକ ବଜାରରେ ଏହା ଟ୍ରୟ ଆଉନ୍ସ ପ୍ରତି ୫୦୦୦ ଡଲାର ଅତିକ୍ରମ କରିଥିବା ବେଳେ ଭାରତରେ ଏହା ୧.୮ ଲକ୍ଷ ଟଙ୍କା ଛୁଇଁଥିଲା। ବିଗତ ଦୁଇ ବର୍ଷ ଧରି ଭୂ-ରାଜନୈତିକ ଅସ୍ଥିରତା ଏବଂ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର କ୍ରମାଗତ ସୁନା କ୍ରୟ ଯୋଗୁଁ ସୁନା ଦର ପ୍ରାୟ ଦ୍ୱିଗୁଣିତ ହୋଇଯାଇଥିଲା। ତେଣୁ ଯେତେବେଳେ ଦର ସାମାନ୍ୟ ଖସିବା ଆରମ୍ଭ କଲା, ସେତେବେଳେ କ୍ଷତିକୁ ଏଡ଼ାଇବା ପାଇଁ ନିବେଶକମାନେ ପୂର୍ବରୁ ସେଟ୍ କରିଥିବା ଅଟୋମେଟିକ୍ ସେଲ୍ ଅର୍ଡର (ସ୍ୱୟଂଚାଳିତ ବିକ୍ରି ଆଦେଶ) ଗୁଡ଼ିକ କାର୍ଯ୍ୟକାରୀ ହେବାକୁ ଲାଗିଲା । ଏହା ବଜାରରେ ସୁନାର ଯୋଗାଣ ବଢ଼ାଇଦେଲା, ଯାହା ଦରକୁ ଆହୁରି ତଳକୁ ଠେଲିଦେଲା । ଏହା ସହିତ ଏକ ତରଳତା ସଙ୍କଟ ବା ଲିକ୍ୱିଡିଟି କ୍ରଞ୍ଚ୍ ମଧ୍ୟ ଦେଖାଦେଇଛି । ଦୀର୍ଘକାଳୀନ ଯୁଦ୍ଧ ଏବଂ ତୈଳ ଯୋଗାଣରେ ବାଧା ଆଶଙ୍କାରେ ଶେୟାର ବଜାରରେ ବ୍ୟାପକ ପତନ ଘଟିଛି । ଯେତେବେଳେ ନିବେଶକମାନେ ଶେୟାର ବଜାରରେ କ୍ଷତି ସହନ୍ତି, ସେତେବେଳେ ସେହି କ୍ଷତିର ଭରଣା କରିବା ପାଇଁ ସେମାନେ ନିଜର ଲାଭଦାୟକ ସମ୍ପତ୍ତିଗୁଡ଼ିକୁ ବିକ୍ରି କରି ନଗଦ ଅର୍ଥ ସଂଗ୍ରହ କରିଥାନ୍ତି । ବର୍ଷ ବର୍ଷ ଧରି ଲାଭ ଦେଇଆସିଥିବା ସୁନା ଏହି ପରିପ୍ରେକ୍ଷୀରେ ବିକ୍ରି ପାଇଁ ସବୁଠାରୁ ସହଜ ବିକଳ୍ପ ପାଲଟିଛି।

ଏଠାରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ଉଠୁଛି ଯେ, କ'ଣ ଆମେରିକୀୟ ଡଲାର ବର୍ତ୍ତମାନ ସୁନାର ସ୍ଥାନ ନେଇ ଏକ ନିରାପଦ ଆଶ୍ରୟସ୍ଥଳୀ ପାଲଟିଛି ? ସ୍ୱଳ୍ପକାଳୀନ ଦୃଷ୍ଟିକୋଣରୁ ବିଚାର କଲେ ଏହାର ଉତ୍ତର ହଁ ବୋଲି କୁହାଯାଇପାରେ। ଯଦିଓ ବିଗତ ଦୁଇ ଦଶନ୍ଧି ମଧ୍ୟରେ ବିଶ୍ୱର ବୈଦେଶିକ ମୁଦ୍ରା ଭଣ୍ଡାରରେ ଡଲାରର ଅଂଶ ୭୧ ପ୍ରତିଶତରୁ ହ୍ରାସ ପାଇ ୬୦ ପ୍ରତିଶତ ତଳକୁ ଖସିଆସିଛି ଏବଂ ବିଭିନ୍ନ ଦେଶ ଡଲାର ଉପରୁ ନିର୍ଭରଶୀଳତା କମାଇବା ପାଇଁ ପ୍ରୟାସ କରୁଛନ୍ତି, ତଥାପି ବିଶ୍ୱ ବାଣିଜ୍ୟର ଏକ ତୃତୀୟାଂଶ କାରବାର ଆଜି ବି ଡଲାରରେ ହିଁ ହେଉଛି । ବିଶେଷ କରି ଅଶୋଧିତ ତୈଳ କିଣିବା ପାଇଁ ସମସ୍ତ ଦେଶକୁ ଡଲାରର ଆବଶ୍ୟକତା ପଡ଼ିଥାଏ । ତେଣୁ ଯେତେବେଳେ ତୈଳ ଦର ବୃଦ୍ଧି ପାଏ, ସେତେବେଳେ ଆମଦାନୀକାରୀ ଦେଶଗୁଡ଼ିକୁ ଅଧିକ ଡଲାରର ଆବଶ୍ୟକତା ପଡ଼େ, ଯାହା ଡଲାରର ଚାହିଦାକୁ ବହୁଗୁଣିତ କରିଥାଏ ।

ତେବେ ଏହାର ଅର୍ଥ ନୁହେଁ ଯେ ସୁନାର ଗୁରୁତ୍ୱ ସବୁଦିନ ପାଇଁ ଶେଷ ହୋଇଯାଇଛି । ସୁନା ବଜାରର ସବୁଠାରୁ ବଡ଼ ଏବଂ ସ୍ଥାୟୀ କ୍ରେତା ହେଉଛନ୍ତି ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ। ସେମାନେ ସୁନା କିଣିବା ଆଦୌ ବନ୍ଦ କରିନାହାନ୍ତି। ଯଦିଓ ୨୦୨୫ ମସିହାରେ ସୁନା କ୍ରୟ ପରିମାଣ ସାମାନ୍ୟ କମିଥିଲା, ତଥାପି ଏହା ଐତିହାସିକ ହାରାହାରି ଠାରୁ ଯଥେଷ୍ଟ ଅଧିକ ରହିଥିଲା। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ତଥ୍ୟ ଅନୁଯାୟୀ ୨୦୨୬ ଫେବୃଆରୀ ମାସରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ପୁଣିଥରେ ବ୍ୟାପକ ମାତ୍ରାରେ ସୁନା କିଣିବା ଆରମ୍ଭ କରିଛନ୍ତି । ଏହାର ଏକ ବଡ଼ କାରଣ ହେଉଛି ଭୂ-ରାଜନୈତିକ ସୁରକ୍ଷା। ୨୦୨୨ ମସିହାରେ ୟୁକ୍ରେନ ଆକ୍ରମଣ ପରେ ଯେତେବେଳେ ଆମେରିକା ଏବଂ ଏହାର ପାଶ୍ଚାତ୍ୟ ସହଯୋଗୀମାନେ ପାଶ୍ଚାତ୍ୟ ବ୍ୟାଙ୍କଗୁଡ଼ିକରେ ଥିବା ଋଷିଆର ଆର୍ଥିକ ସମ୍ପତ୍ତିକୁ ଜବତ କରିଦେଲେ, ସେତେବେଳେ ବିଶ୍ୱର ଅନେକ ଦେଶ ଅନୁଭବ କଲେ ଯେ କେବଳ ଆର୍ଥିକ ସମ୍ପତ୍ତି ଉପରେ ନିର୍ଭର କରିବା ନିରାପଦ ନୁହେଁ। ସୁନା ହେଉଛି ଏକ ଭୌତିକ ସମ୍ପତ୍ତି ଯାହାକୁ କୌଣସି ବିଦେଶୀ ଶକ୍ତି ଜବତ କିମ୍ବା ବାସନ୍ଦ କରିପାରିବ ନାହିଁ । ତେଣୁ ନିଜର ଆର୍ଥିକ ସ୍ୱାଧୀନତା ଏବଂ ସୁରକ୍ଷା ବଜାୟ ରଖିବା ପାଇଁ ଦେଶଗୁଡ଼ିକ ନିଜର ବୈଦେଶିକ ମୁଦ୍ରା ଭଣ୍ଡାରରେ ସୁନାର ପରିମାଣ ବୃଦ୍ଧି କରିବାକୁ ଶ୍ରେୟସ୍କର ମଣୁଛନ୍ତି।

ଭାରତୀୟ ପ୍ରେକ୍ଷାପଟ୍ଟରେ ସୁନା ବଜାରର ସ୍ଥିତିକୁ ଅନୁଧ୍ୟାନ କଲେ ଏକ ମିଶ୍ରିତ ପ୍ରତିକ୍ରିୟା ଦେଖିବାକୁ ମିଳେ । ସୁନା ଦର ଅତ୍ୟଧିକ ବୃଦ୍ଧି ପାଇବା ଏବଂ ପରେ ଦ୍ରୁତ ଗତିରେ ଖସିବା କାରଣରୁ ସାଧାରଣ ଗ୍ରାହକମାନେ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି, ଯାହା ଫଳରେ ଅଳଙ୍କାର ବଜାରରେ ଭୌତିକ ସୁନାର ଚାହିଦା ସାମାନ୍ୟ ହ୍ରାସ ପାଇଛି। ମାତ୍ର ନିବେଶ ଦୃଷ୍ଟିକୋଣରୁ ଭାରତୀୟ ବଜାର ଏବେ ମଧ୍ୟ ବେଶ୍ ସକ୍ରିୟ ରହିଛି। ବିଶେଷ କରି ଗୋଲ୍ଡ ଏକ୍ସଚେଞ୍ଜ୍-ଟ୍ରେଡେଡ୍ ଫଣ୍ଡ୍ (ଇଟିଏଫ୍) ମାଧ୍ୟମରେ ସୁନାରେ ନିବେଶ କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବିଶ୍ୱ ସ୍ୱର୍ଣ୍ଣ ପରିଷଦର ରିପୋର୍ଟ ଅନୁଯାୟୀ, ଫେବୃଆରୀ ମାସରେ କ୍ରମାଗତ ଦଶମ ମାସ ପାଇଁ ଭାରତୀୟ ଗୋଲ୍ଡ ଇଟିଏଫ୍‌ରେ ସକାରାତ୍ମକ ପୁଞ୍ଜି ନିବେଶ ଦେଖିବାକୁ ମିଳିଛି। ଯଦିଓ କିଛି ନିବେଶକ ଲାଭ ଉଠାଇବା ପାଇଁ ନିଜର ସୁନା ବିକ୍ରି କରିଛନ୍ତି, ତଥାପି ନୂତନ ନିବେଶକମାନେ ଏହି କମ୍ ଦରର ସୁଯୋଗ ନେଇ ବଜାରରେ ପ୍ରବେଶ କରୁଛନ୍ତି । ଜାନୁଆରୀ ତୁଳନାରେ ଫେବୃଆରୀରେ ସୁନା ଆମଦାନୀ ୩୮ ପ୍ରତିଶତ କମିଥିଲେ ମଧ୍ୟ ଗତ ବର୍ଷର ସମାନ ମାସ ତୁଳନାରେ ଏହା ୮୦ ପ୍ରତିଶତରୁ ଅଧିକ ରହିଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ଭାରତୀୟଙ୍କ ମନରେ ସୁନା ପ୍ରତି ଥିବା ଆକର୍ଷଣ ଆଦୌ କମିନାହିଁ । ଦର ସ୍ଥିର ହେବା ମାତ୍ରେ ପୁଣିଥରେ କ୍ରେତାମାନଙ୍କର ଭିଡ଼ ଦେଖିବାକୁ ମିଳିବ ବୋଲି ବଜାର ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଛନ୍ତି।

ଆଗାମୀ ଦିନରେ ସୁନା ବଜାରର ଗତିପଥ କେଉଁ ଆଡ଼କୁ ଯିବ, ତାହା ସମ୍ପୂର୍ଣ୍ଣ ଭାବରେ ପଶ୍ଚିମ ଏସିଆ ସଙ୍କଟର ଭବିଷ୍ୟତ ଉପରେ ନିର୍ଭର କରେ । ଯଦି ପରିସ୍ଥିତିରେ ସୁଧାର ଆସେ ଏବଂ ଅଶୋଧିତ ତୈଳ ଦର ସ୍ଥିର ହୁଏ କିମ୍ବା ତଳକୁ ଖସେ, ତେବେ ମୁଦ୍ରାସ୍ଫୀତିର ଆଶଙ୍କା ଦୂର ହେବ । ଏହା ଫଳରେ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର ବୃଦ୍ଧି କରିବାର ସମ୍ଭାବନା କମିଯିବ ଏବଂ ସୁନା ପୁଣିଥରେ ନିବେଶକମାନଙ୍କ ପାଇଁ ଏକ ଆକର୍ଷଣୀୟ ବିକଳ୍ପ ପାଲଟିବ । ଅନ୍ୟପକ୍ଷରେ, ଯଦି ଯୁଦ୍ଧ ଆହୁରି ଭୟଙ୍କର ରୂପ ନିଏ ଏବଂ ତୈଳ ଦର ଆହୁରି ବୃଦ୍ଧି ପାଏ, ତେବେ ବିଶ୍ୱ ଅର୍ଥନୀତି 'ଷ୍ଟାଗଫ୍ଳେସନ୍' ବା ମନ୍ଥର ଅଭିବୃଦ୍ଧି ଏବଂ ଉଚ୍ଚ ମୁଦ୍ରାସ୍ଫୀତିର ଶିକାର ହେବାର ଆଶଙ୍କା ରହିଛି। ଐତିହାସିକ ଦୃଷ୍ଟିକୋଣରୁ ଦେଖିଲେ ଷ୍ଟାଗଫ୍ଳେସନ୍ ସମୟରେ ସୁନା ସର୍ବଦା ଭଲ ପ୍ରଦର୍ଶନ କରିଆସିଛି । ବଜାର ବିଶେଷଜ୍ଞମାନଙ୍କ ମତରେ ବର୍ତ୍ତମାନର ଦର ହ୍ରାସ ଏକ ସାମୟିକ ଏବଂ ସ୍ୱାଭାବିକ ପ୍ରକ୍ରିୟା ମାତ୍ର । କୌଣସି ବି ସମ୍ପତ୍ତିର ମୂଲ୍ୟ କ୍ରମାଗତ ଭାବରେ ବୃଦ୍ଧି ପାଇନଥାଏ; ଏଥିରେ ଉତ୍ଥାନ-ପତନ ଲାଗିରହିବା ସ୍ୱାଭାବିକ। ସ୍ୱଳ୍ପକାଳୀନ ଅବଧିରେ ବଜାରରେ ଅସ୍ଥିରତା ଲାଗିରହିଥିଲେ ମଧ୍ୟ ଦୀର୍ଘକାଳୀନ ଦୃଷ୍ଟିକୋଣରୁ ସୁନାର ମୂଲ୍ୟବୋଧ ଏବଂ ଗୁରୁତ୍ୱ ଅକ୍ଷୁର୍ଣ୍ଣ ରହିଛି। ଭବିଷ୍ୟତରେ ଏହି ମୂଲ୍ୟବାନ ଧାତୁ ନିଶ୍ଚିତ ଭାବରେ ନିଜର ହୃତ ଗୌରବ ଫେରିପାଇବ ଏବଂ ନିବେଶକମାନଙ୍କ ପାଇଁ ଏକ ନିରାପଦ ଓ ଲାଭଦାୟକ ସମ୍ପତ୍ତି ଭାବରେ ନିଜର ସ୍ଥାନ ବଜାୟ ରଖିବ ।



# ଆପଣାର ଭାବ, ଜୀବନ ଧର୍ମ

## କିଶୋର କୁମାର ଜେନା

ଅବତାର ପୁରୁଷ କୌଣସି କର୍ମ ବନ୍ଧନ ଦ୍ୱାରା ଆବଦ୍ଧ ନୁହନ୍ତି। ଯୋଗୀ ଏବଂ ସାଧକଙ୍କ ଅଭିଳାଷ ପୂରଣ କରିବାପାଇଁ ନିରାକାର ଭଗବାନ ସାକାର ହୋଇ ମନୁଷ୍ୟ ରୂପରେ ଧରାପୃଷ୍ଠରେ ଅବତୀର୍ଣ୍ଣ ହୁଅନ୍ତି। ତାଙ୍କର ଜୀବନ ପ୍ରେମପୂର୍ଣ୍ଣ ଏବଂ ସେ ସମସ୍ତ ଦିବ୍ୟଗୁଣରେ ଦିବ୍ୟାୟିତ ହୋଇଥାନ୍ତି। ଯେଉଁ ସାଧକମାନେ ସାରା ଜୀବନ ଧର୍ମ ପଥରେ ଦୃଢ଼ ରହି ଅସତ କାର୍ଯ୍ୟରୁ ଦୂରରେ ଥାନ୍ତି, ସେମାନଙ୍କୁ ଆନନ୍ଦ ଓ ଶାନ୍ତି ପ୍ରଦାନ କରିବାକୁ ଅବତାର ପୁରୁଷମାନେ ଜନ୍ମ ନିଅନ୍ତି।

ଆମ୍ଭ ମାନଙ୍କର ଜାଣିବା ଭିତରେ ଯେତେ ଧର୍ମ ଓ ବିଭିନ୍ନ ବିଶ୍ୱାସ ମାର୍ଗ ଅଛି ସେ ସମସ୍ତ ପରସ୍ପରର ଆପଣାର ଭାବି ସେମାନଙ୍କୁ ସ୍ୱାଗତ କରିବା ଓ ବିଶ୍ୱାସ ରଖିବା ହିଁ ଜୀବନ ଧର୍ମ। ଯେତେ ଧର୍ମ, ପଥ ବା ତତ୍ତ୍ୱ ରହିଛି ସେଗୁଡ଼ିକ ଆମ ମାନଙ୍କୁ ପବିତ୍ର ମାର୍ଗ ଦେଖାଇବାକୁ ଉଦ୍ଦିଷ୍ଟ। ସତକର୍ମ ଦ୍ୱାରା ମନକୁ ନିର୍ମଳ ରଖି ସେହି ଏକମାତ୍ର ଆଲୋକ ପାଇଁ ବ୍ୟାକୁଳିତ ହେବା। ବେଦାନ୍ତ ଅନ୍ତର୍ଗତ ସନାତନ ଧର୍ମ ସବୁ ଧର୍ମାବଲମ୍ବୀ ମାନଙ୍କ ପରିପୋଷକ।

ସେହି ଧର୍ମ ଭଗବାନଙ୍କ ନିକଟରେ ପହଞ୍ଚିବାର ସବୁ ରାସ୍ତା ଗୁଡ଼ିକ ବିଷୟ ଜାଣେ। କେଉଁ ଲୋକପାଇଁ ତାହାର ଯୋଗ୍ୟତା ଏବଂ କ୍ଷମତା ଅନୁସାରେ କେଉଁ ରାସ୍ତାଟି ଉପଯୋଗୀ ତାହା ନିଶ୍ଚିତ ହୋଇଛି। ଯଦି ବିଭିନ୍ନ ମତାବଲମ୍ବୀମାନଙ୍କ ମଧ୍ୟରେ କିଛି ମନାନ୍ତର ଥାଏ, ତାହା ସେମାନଙ୍କ ପାରିବାରିକ ଅବୁଝାବଣା। ପୈତୃକ ସମ୍ପତ୍ତି ଏକ ଏବଂ ଆମେ ସମସ୍ତେ ତହିଁର ଭାଗୀଦାର ହୋଇଥାଉ। ଏହିଠି ହିଁ ଆମେ ସଂସାରର ମାୟାଚକ୍ରରେ ପଡ଼ି ଯାଇ ଏକ ପ୍ରକାର ଉବୁଟୁବୁ ହେଉଥାଉ। ରାମ ଓ କୃଷ୍ଣ ଅବତାରରେ ଭଗବାନ ଧର୍ମ ପଥରେ କଣ୍ଟକ ସ୍ୱରୂପ ଦୁଷ୍ଟ ପ୍ରକୃତିର ଏକ ବା ଏକାଧିକ ଲୋକଙ୍କୁ ନିପାତ କରି ଧର୍ମ ସଂସ୍ଥାପନ କରିଥିଲେ। ଏ ଯୁଗରେ ପୁରା ସାଧୁ ପ୍ରକୃତିର ଲୋକ କେହି ନଥିବାରୁ ଭଗବାନ କାହାର ସଂରକ୍ଷଣ କରିବେ ? ପ୍ରତ୍ୟେକଙ୍କ ଠାରେ କିଛି ନା କିଛି ଦୁଷ୍ପ୍ରବୃତ୍ତି ଥିବାରୁ ଅବତାରୀ ନିଧନ କରିବାକୁ ବସିଲେ କିଏ ବର୍ତ୍ତି ପାରିବ ? ତେଣୁ ସତ୍ୟସାଇ ବାବା କହନ୍ତି 'ସେ ବୁଦ୍ଧିର ସଂଶୋଧନ କରିବାକୁ ଜନ୍ମ ନେଇଛନ୍ତି। ସେ ବନ୍ଧୁ ଭଳି ଉପଦେଶ, ଭର୍ତ୍ସନା, ସାହାଯ୍ୟ, ଆଦେଶ ମାଧ୍ୟମରେ ପାଖରେ ଠିଆ ହୋଇ ବାଟ ଦେଖାଉଛନ୍ତି, ଯାହା ମାନବ ମଧ୍ୟରୁ ମନ୍ଦଗୁଣ ଗୁଡ଼ିକ ବହିଷ୍କାର କରିବାରେ ସାହାଯ୍ୟ କରିବ ଏବଂ ଲକ୍ଷ୍ୟ ସ୍ଥଳରେ ପହଞ୍ଚିବାର ସାହାଯ୍ୟ କରିବ। ସଦାଚାରପୂର୍ଣ୍ଣ ଜୀବନ ଦ୍ୱାରା ଆଧ୍ୟାତ୍ମିକ ପ୍ରଗତିକୁ ଆଗେଇ ନେବା ସହ ସବୁବେଳେ ନିଷ୍କପଟ ଭାବେ ଭଗବାନଙ୍କ ଠାରେ ସମର୍ପଣ ଭିତ୍ତିକ ପ୍ରାର୍ଥନା ହିଁ କରିଚାଲୁଥିବା। ସେଥିପାଇଁ ସେ ଅବତରି ଆସନ୍ତି, ଆଉ ଆମକୁ ତାଙ୍କ ଅହେତୁକ ପ୍ରେମରେ ଆପଣାର କରନ୍ତି। ଶାସ୍ତ୍ର ମତରେ ପୂର୍ଣ୍ଣବତାର ଷୋଳକଳା ବିଶିଷ୍ଟ। ଏଥିରୁ ଅବତାରଙ୍କର ପାଞ୍ଚୋଟି ଇନ୍ଦ୍ରିୟ ଦର୍ଶନ, ଶ୍ରବଣ, ଆଘ୍ରାଣ, ଆସ୍ୱାଦନ ଏବଂ ସ୍ପର୍ଶ ସହିତ ମନ, ବୁଦ୍ଧି, ଚିତ୍ତ ଏବଂ ଅହଂକାର - ଏହି ଚାରୋଟି ଅନ୍ତଃକରଣ ସାଧାରଣ ମଣିଷ ସହିତ ସମାନ ହୋଇପାରେ। ଏହା ବ୍ୟତୀତ ତାଙ୍କର ସାତୋଟି କଳା ହେଲା - କର୍ମଫଳ ପ୍ରଦାନ, କର୍ମଫଳ ନିବାରଣ, ଧର୍ମ ସଂସ୍ଥାପନ, ଶିଷ୍ଟ ପାଳନ, ଦୁଷ୍ଟ ନିବାରଣ, ନାମ ସ୍ମରଣ ମାଧ୍ୟମରେ ପରମ ଶାନ୍ତି ପ୍ରଦାନ ଏବଂ ଅତ୍ୟନ୍ତ ସୁଦର୍ଶନ ଶରୀରରେ ଐଶ୍ୱରିକ ରୂପ ଦର୍ଶନ। ତେଣୁ ଅବତାରଙ୍କ ଠାରେ ମଣିଷ ସୁଲଭ ଗୁଣ ଦେଖାଯିବା ସ୍ୱାଭାବିକ। ଅବତାର ତତ୍ତ୍ୱକୁ କଥାରେ ପ୍ରମାଣ କରିବା ସମ୍ଭବ ନୁହେଁ। ବାଲ୍ୟକାଳରୁ ଭଗବାନ ଶ୍ରୀ ସତ୍ୟସାଇ ଅଗଣନ ବିବିଧ ଅଲୌକିକତା ପ୍ରକାଶ କରି ଆସିଛନ୍ତି ଅଖଣ୍ଡ ଭାବରେ। ଭକ୍ତମାନଙ୍କ ଉଦ୍ଧାରକ ଓ ବିପଦଭଞ୍ଜକ ପ୍ରଭୁ ଭାବରେ, ଅସାଧ ବ୍ୟାଧିର ବୈଦ୍ୟ ଭାବରେ, ମୃତ୍ୟୁ ପରେ ଭକ୍ତକୁ ପରମପଦ ପ୍ରଦାତା ଭାବରେ, ମାତୃ ସୁଲଭ ସ୍ନେହର ଅସରନ୍ତି ଭଣ୍ଡାର ଭାବରେ, ଦେଶ ଦେଶରେ ଅଧିକରୁ ଅଧିକ ଦୈବଶକ୍ତିର ପ୍ରକାଶକ ଭାବରେ ଏବଂ ଧର୍ମ, ଆଧ୍ୟାତ୍ମିକ ଜୀବନ, ତ୍ୟାଗ, ସେବା, ପ୍ରେମ ଆଦିର ପରିପୋଷକ ଭାବରେ ତଥା ବିନା ସାଧନାରେ, ବିନା ଆୟାସରେ ଏ ସମସ୍ତ ଅବଲୀଳାକ୍ରମ ସାଧନ କରିବାରେ ଭଗବାନ ସତ୍ୟସାଇ କେବଳ ନିଜ ସହିତ ନିଜେ ତୁଳନୀୟ। ତାଙ୍କ ଭାଷାରେ 'ମୋର ସ୍ୱତନ୍ତ୍ର ସଙ୍କେତ ହେଲା - ମୋର ପ୍ରେମ। ସଂକଳ୍ପ ବଳରେ ବିଭିନ୍ନ ପଦାର୍ଥ ସୃଷ୍ଟି କିମ୍ବା ସ୍ୱାସ୍ଥ୍ୟ ଓ ସୁଖ ବିଧାନ କରିବା ନୁହେଁ। ସେହି ପ୍ରେମ ହିଁ ଘୋଷଣା କରେ ଯେ, ସେ 'ସାଇବାବା'। ତାଙ୍କରି ଭାଷାରେ - 'ପ୍ରେମ ମୋର ବ୍ରତ, ପ୍ରେମ ମୋର କର୍ମ, ଏବଂ ପ୍ରେମ ମୋର ଜୀବନ'।

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, ବଙ୍ଗାଳୀ ସାହି, କଟକ,
ମୋ: ୭୩୭୭୪୩୯୦୭୭



# ଓଡ଼ିଶାରେ ବିପତ୍ତି

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବିପତ୍ତି ବିଭିନ୍ନ ପ୍ରକାରର ଉତ୍ପାତ ବହୁ ପ୍ରକାର ହୋଇପାରେ, ଲୋକର ବ୍ୟକ୍ତିଗତ ବିପତ୍ତି ଆଉ ଲୋକ ମାନଙ୍କର ସମୂହ ବିପତ୍ତି ମଧ୍ୟରୁ ସମୂହ ଗୁରୁତର ସମସ୍ୟାରେ ପକାଏ। ଆମ ଓଡ଼ିଶାରେ ସମୂହ ଭୋଗ ସମସ୍ୟା ମୁଖ୍ୟତଃ ଚାରିଗୋଟି ବା ଚାରି ପ୍ରକାର, ବଢ଼ି, ବାଢ଼ି, ମରୁଡ଼ି ଓ ରାଜନୈତିକ ନେତାଙ୍କ କଳି। ନଦୀ ବନ୍ୟା ହେଉ ବା ଅତିରିକ୍ତ ବର୍ଷା ବାତ୍ୟା ପବନ ହେଉ ପୁଣି ଉପରମୁଣ୍ଡରେ ନଦୀ ଜଳକୁ ଅଟକାଇ ନଦୀ କେନାଲର ତଳମୁଣ୍ଡରେ ଜଳ ହାହାକାର ସୃଷ୍ଟି କରିବା ଏ ସମସ୍ୟା ସବୁବେଳେ ଉଙ୍କି ମାରୁଛି। ଜଳବୃଦ୍ଧି ଜଳ ହ୍ରାସ ବଢ଼ି ମରୁଡ଼ିର କାରଣ ଏ ଓଡ଼ିଶାବାସୀଙ୍କ ସମସ୍ୟା ଏଥିରେ ପ୍ରକୃତିର ସ୍ଥିରତ୍ୱକୁ ସ୍ୱାର୍ଥାନ୍ୱେଷୀଗଣ ବାରମ୍ବାର ନଷ୍ଟ କରି କରି ଏପରି ଆତଙ୍କର ଉତ୍ସ ମାନଙ୍କୁ ହୁଇସିଲ ବଜାଇ ଆବାହନ କରିଦେଇ ସାରିଛନ୍ତି। ଏହାର କୁଫଳ ସମସ୍ତଙ୍କୁ ଭୋଗ କରିବାକୁ ପଡୁଛି।

ରାଜ ଶକ୍ତିର ଗଡ଼। କାନୁନ ସାର୍ବଜନୀନ କେବେହେଲେ ଦୂରଦୃଷ୍ଟିରେ ହେଉନାହିଁ, କିଏ ଲୋକଙ୍କୁ କର୍ମମୁଖୟନ କରି ବେକାରୀ ହଟାଇବେ ପୁଣି ତାଙ୍କର ଉତ୍ପାଦନ ବସ୍ତୁ ମାନଙ୍କର ରାଜକର ରାଜ୍ୟ ବା ଦେଶକୁ ଆର୍ଥିକ ସମୃଦ୍ଧି କରିପାରିବେ ଏଇ ସମ୍ଭାବିତ ଭାବନାରେ ତାଙ୍କୁ ମାଟି ମୂଲ୍ୟରେ ଭିତ୍ତି ଭୂମି ସହ ଅନେକ ଖର୍ଚ୍ଚାନ୍ତ ରାସ୍ତା ଘାଟ ବିଦ୍ୟୁତ ସଂଯୋଗ ଜଳ ଯୋଗାଇ ଦେଉଛନ୍ତି, ଭିତ୍ତି ଭୂମି ବରାଦରେ ଅନେକ ଚାଷ, ବାସ, ଜଙ୍ଗଲ, ନଷ୍ଟ ହୋଇ ସ୍ଥିର ପ୍ରାକୃତିକ ପରିବେଶ ନଷ୍ଟ ହେଉଛି। ତାଙ୍କର କଞ୍ଚାମାଲରେ ଖଣିଜ ଦ୍ରବ୍ୟ ଆବଶ୍ୟକ ଏ ପାଇଁ ମାଟି ତାତି କୋରଡ଼ ଗାଡ କରି ଖଣିଜ ଦ୍ରବ୍ୟ ଉତ୍ତୋଳନ କରି ନିର୍ଦ୍ଦିଷ୍ଟ ସ୍ଥାନକୁ ହାଲୁକା କରି ଅନ୍ୟ ଏକ ସ୍ଥାନକୁ ଓଜନିଆ କରାଯିବା ସହିତ ଧାତବ ପଥରକୁ ଉଚ୍ଚ ତାପରେ ତରଳାଇ ସ୍ଥାନୀୟ ବାୟୁମଣ୍ଡଳର ତାପକୁ ନିତ୍ୟ ବଢ଼ାଇବା କ୍ରିୟାରୁ ସମୁଦ୍ରରେ ବାତ୍ୟା ସୃଷ୍ଟି ଅଯଥାରେ କରାଉଛି। ଅନେକ ରେଳଗାଡ଼ି ଚଳାଚଳ ପାଇଁ ରାସ୍ତା ପ୍ରସ୍ତୁତକୁ ଦ୍ରୁତ ଚଳନ ଗାଡ଼ି ସଂଖ୍ୟା ବଢୁଛି। ଦୂରରୁ ଧାତୁ ନିର୍ମିତ ଯାନ ବାୟୁ ସହ ଘର୍ଷଣକୁ ସୂର୍ଯ୍ୟ ତାପିତ ହୋଇ ଏକଜନ ପଦରୁ ଭିନ୍ନ ସ୍ଥାନ ଗମନ ଯେଉଁସବୁ ତାପ ବହନ କରି ଆଣୁଛି ତାହା ବୃକ୍ଷଲତା ମାନବ ପଶୁ, ପକ୍ଷୀ ଉପରେ ବିକିରଣକରି ଅଭୁତ ହାନି କରୁଛି। ବନଜଙ୍ଗଲ ତୋଟା ଝାଡ଼ ରାଜରାସ୍ତା କଡ଼ରେ ଥିବା ବଡ଼ ବଡ଼ ଗଛ କାଟି ନଷ୍ଟ କରି ଦିଆଗଲାଣି, ଅନେକ ପକ୍ଷୀ ବିଲୁପ୍ତ ହେଲେଣି। କୁଆ ଦେଖାଯାଉନାହାନ୍ତି। ଗୋବଂଶ ବିଲୁପ୍ତ ଦିଗକୁ ସମୟ ଆଗେଇ ଚାଲିଛି। ଯେଉଁଠି ଯାହା ଦୁର୍ଲଭ ତାର ଅତି ଚାହିଦା ସେହି ସ୍ଥାନରେ ବଢ଼ିବାରେ ଲାଗୁଛି ଯାହା 'କିଣି ଖାଅ' ସ୍ଲୋଗାନର ଉଦଘୋଷ ହେଲାଣି। ପାଦ ଚଲା ରାସ୍ତା ଫୁଟପାଥ ଅଛି ମାତ୍ର ତାହା ଉଠା ଦୋକାନୀଙ୍କ ହାଟ ବିପଣି ଯାଗା, କେହି ପାଦରେ କିଛି ବାଟ ଚାଲିବାକୁ କୁଣ୍ଠିତ।

ଚାରି ପ୍ରକାର ଭକ୍ତ ମଧ୍ୟରୁ ଅର୍ଥାର୍ଥୀ ଭକ୍ତ, ଅର୍ଥାର୍ଥୀ ପୁରୋହିତ ସର୍ବତ୍ର। କନ୍ୟା ବିବାହରେ ଏକ କଦଳୀ ଗଛ ଏକ ନଡ଼ିଆଗଛ, ଏକ ଗାଭୀ, କନ୍ୟାକୁ ଯୌତୁକ ଦ୍ରବ୍ୟ ସହ ଶାଶୁଘରକୁ ବରସାହ ମେଲାଣି କରାଯାଉଥିଲା କିନ୍ତୁ ଲୋକଙ୍କୁ କୁକୁର ଆଦର ଆଉ ଗାଈ ଆଦର ଏବେ ନାହିଁ, କାହାରି ଯାଗା ନାହିଁ, ଅନେକ ବିଦେଶିଆ ପୁଣି ସମୟ ନାହିଁ ଗଛ ଯତ୍ନ କରିବ କିଏ ? ପୁରାଣ ପାଠ କନ୍ୟାଯେ କେତେବେଳେ କରିବେ, ଟିଭି ମୋବାଇଲ ସେବାରେ ସିରିଏଲ କଣ ବନ୍ଦ ହେଉଛି ? ଏସବୁ ଗୃହୀ ସମସ୍ୟା। ଦେଶ ରାଜ୍ୟ ସମସ୍ୟା ବେଳକୁ ବେଳ ଜଟିଳ, ଲୋକସଂଖ୍ୟା ଯେତେ ବୃଦ୍ଧି ସମସ୍ୟା ସେତେ ବୃଦ୍ଧି, ରାଜକର ବଢ଼ିବାର ନୁହେଁ, ଲୋକେ ଭତ୍ତା ପାଇଁ ପାଗଳ, ସମସ୍ତଙ୍କ ଦରମା ବଢୁଛି ହେଲେ ବଜାରରେ ଖାଲି ବିଦେଶୀ ଦ୍ରବ୍ୟ ନହେଲେ, ଅନ୍ୟ ରାଜ୍ୟର ଚାଲାଣ ଦ୍ରବ୍ୟ, ଏଥିରେ ଲୋକେ ସରକାରରେ ଆସିବା ପାଇଁ ପ୍ରତିଯୋଗିତାକୁ ଆସିବା ଆରମ୍ଭ କଲେଣି। ଚାଷ କ୍ଷେତ୍ରରେ ଏବେ ଘର ନିର୍ମାଣ ଜଙ୍ଗଲ ଠିଆ ହେବାକୁ ଲାଗିଲାଣି। ଭିକାରୀ ଭୋଟ ବେଳେ ଦେଖାଯାଉଛନ୍ତି ସେ ଭିକାରୀ ଗୃହତ୍ୟାଗୀ ସନ୍ନ୍ୟାସୀର ମାତୃ ଭିକ୍ଷା ନୁହେଁ ସ୍ଥାନ ମାତୃକା ସେବା ପାଇଁ ଭିକ୍ଷା ଲୋକେ ଦେଉଛନ୍ତି ହେଲେ ସ୍ଥାନମାତୃକାଙ୍କ ଉନ୍ନତି ମୂର୍ଚ୍ଛନାରେ ସେ ଭିକାରୀ ବାବୁ ଭିକ୍ଷାରୁ ଅନେକ କୋଟିପତି ବନୁଛନ୍ତି। ପାଞ୍ଚ ମହାଭୂତ ଏବେ କରାୟତରୁ ବଣିକ ଗିରି ଅର୍ବ ପତି। କୋଟି ଯୁବକ ଯୁବତୀ କର୍ମନିଯୋଗ ଅପେକ୍ଷାରେ ଥାଇ ସଂଖ୍ୟା ବଢ଼ିବାରେ ଲାଗିଛି। ଧୃତରାଷ୍ଟ୍ର ଅନ୍ଧ ରାଜାଙ୍କ ଶାସନ ଚାଲିଲା ଭଳି ଲାଗୁଛି। ଏକ ଦେଶ ପାଇଁ ଏକ କାନୁନ ସବୁ ପ୍ରଜା ଭୋଗ କରୁନାହାନ୍ତି।

+ସମ୍ପାଦକ 'ନିୟତି'
ଅରୁଣୋଦୟ ନଗର, କଟକ,
ମୋ: ୯୪୩୭୧୦୩୧୨୫୩




# ମାଗଣା ସାମଗ୍ରୀ ଓ କଲ୍ୟାଣକାରୀ ଯୋଜନା

## ସୌଭାଗ୍ୟ ରଂଜନ ମହାନ୍ତି

ଏଥିରେ କେହି ଦ୍ୱିମତ ହେବେ ନାହିଁ ଯେ, କ୍ଷମତା ପାଇଁ ମାଗଣା ଯୋଜନା ଏବଂ ମାଗଣାରେ ନଗଦ ଟଙ୍କା ଠାରୁ ଆରମ୍ଭ କରି ବିଭିନ୍ନ ସାମଗ୍ରୀ ବଂଟନ ଏବେ ଶାସକ ଓ ବିରୋଧି ଦଳର ମୁଖ୍ୟ ନିର୍ବାଚନ ଆୟୁଦ୍ଧ ଓ ପ୍ରତିଶୃତିରେ ପରିଣତ ହୋଇଛି। ଏ ବାବଦରେ ରାଜକୋଷରୁ ହଜାର ହଜାର କୋଟି ଟଙ୍କା ଅପଚୟ ହେଉଛି। କହିବା ବାହୁଲ୍ୟ ଯେ, କ୍ଷମତା ପାଇଁ ସରକାରୀ ଅର୍ଥର ଅପଚୟ ତଥା ଅଦରକାରୀ ବ୍ୟବହାର ଏବଂ ଗରିବ ଓ ଅବହେଳିତ ଲୋକଙ୍କ କଲ୍ୟାଣ ପାଇଁ ସରକାରୀ ପାଣ୍ଠିର ବିନିଯୋଗ କରିବା ସମାନ ନୁହେଁ। ବିଭିନ୍ନ ମାଗଣା ଯୋଜନାକୁ ଚ୍ୟାଲେଞ୍ଜ କରି ଜଣେ ଆଇନଜୀବୀ ଦାୟର କରିଥିବା ପିଟିସନର ଶୁଣାଣୀ କରି ସୁପ୍ରିମକୋର୍ଟ ଏହା ମଧ୍ୟରେ ଥିବା ପ୍ରଭେଦ ସ୍ପଷ୍ଟ କରିଛନ୍ତି। ଆବେଦନକାରୀ ତାଙ୍କ ପିଟିସନରେ ନିର୍ବାଚନ ସମୟରେ ଭୋଟଦାତାଙ୍କ ପ୍ରଲୋଭିତ କରିବା ପାଇଁ ମାଗଣା ସାମଗ୍ରୀ ବଂଟନ ପ୍ରସ୍ତାବ, ପ୍ରତିଶ୍ରୁତିକୁ ଏକ ଭ୍ରଷ୍ଟ ଅଭ୍ୟାସ ଭାବେ ଘୋଷଣା କରିବା ପାଇଁ ଅଦାଲତଙ୍କୁ ନିବେଦନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୁକ୍ତ, ଅବାଧ ଓ ନିରପେକ୍ଷ ନିର୍ବାଚନରେ ହସ୍ତକ୍ଷେପ କରୁଥିବା ଲାଂଚକୁ ଲୋକପ୍ରତିନିଧି ଆଇନର ଧାରା ୧୨୦ 'ଭ୍ରଷ୍ଟ ଅଭ୍ୟାସ' ଭାବେ ଇଙ୍ଗିତ କରୁଥିବାବେଳେ ୨୦୧୩ରେ ଏକ ମାମଲାର ଶୁଣାଣୀ କରି ସୁପ୍ରିମକୋର୍ଟ ତାଙ୍କ ରାୟରେ ନିର୍ବାଚନ ଇସ୍ତାହାରରେ ରାଜନୈତିକ ଦଳମାନଙ୍କର ପ୍ରତିଶ୍ରୁତିକୁ ଭ୍ରଷ୍ଟ ଅଭ୍ୟାସ ଭାବେ ବିବେଚନା କରାଯାଇପାରିବ ନାହିଁ ବୋଲି ସ୍ପଷ୍ଟ କରିଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ମାଗଣା ଯୋଜନାର ପ୍ରତିଶ୍ରୁତି ଦେଇ ସରକାର ଗଠନ କରିଥିବା ଦଳ ନିଜ ପ୍ରତିଶ୍ରୁତି ପୂରଣ ପାଇଁ ରାଜକୋଷରୁ ଅର୍ଥ ବିନିଯୋଗ କରି ଆସୁଛନ୍ତି। ବିଶେଷକରି ରାଜନୈତିକ ଦଳଗୁଡିକ ମହିଳା ଭୋଟବ୍ୟାଙ୍କ ପାଇଁ ମହିଳାଙ୍କୁ ନଗଦ ଟଙ୍କା ପ୍ରଦାନ ଠାରୁ ଆରମ୍ଭ କରି ମାସିକ ଭତ୍ତା, କନ୍ୟା ବିବାହ ପାଇଁ ଆର୍ଥୀକ ସହାୟତା ଆଦି ଦେଇଥିବା ପ୍ରତିଶ୍ରୁତି କାର୍ଯ୍ୟକାରୀ କରିଆସୁଛନ୍ତି। ନିକଟରେ ସର୍ବୋଚ୍ଚ ଅଦାଲତ ନିର୍ବାଚନ ସମୟରେ ମାଗଣା ଯୋଜନା ଓ ଜନକଲ୍ୟାଣକାରୀ ବିକାଶମୂଳକ ଯୋଜନା ନେଇ ପ୍ରଭେଦ ଦର୍ଶାଇବା ଅତ୍ୟନ୍ତ ଗୁରୁତ୍ୱ ବହନ କରେ। ସୁପ୍ରିମକୋର୍ଟ କହିଛନ୍ତି ଯେ, ବଳକା ରାଜସ୍ୱକୁ ବିକାଶମୂଳକ ଯୋଜନାରେ ବିନିଯୋଗ କରିବା ହେଉଛି ସାମ୍ବିଧାନିକ ଆବଶ୍ୟକତାକୁ ପୂରଣ କରିବା ରାଜ୍ୟରେ ସଂକଳ୍ପ ବା ଅଙ୍ଗୀକାରବଦ୍ଧତାର ଅର୍ନ୍ତଭୁକ୍ତିକରଣ। ମାଗଣା ଚିକିତ୍ସା ସୁବିଧା ତଥା ସ୍ୱାସ୍ଥ୍ୟର ଯତ୍ନ ଏବଂ ଗରିବଙ୍କୁ ମାଗଣା ଶିକ୍ଷା ବିକାଶମୂଳକ ଯୋଜନାର ଅଂଶ ବିଶେଷ ହେବା ଉଚିତ। ଯାହାକି ମାଗଣା ଜିନିଷ ବଂଟନରେ ବ୍ୟୟ କରିବା ତୁଳନାରେ ସରକାରୀ ଅର୍ଥର ସଦୁପଯୋଗ ହୋଇପାରିବ ଏଥିରେ ସନ୍ଦେହ ନାହିଁ। ସୁପ୍ରିମକୋର୍ଟର ଏହି ମୌଖିକ ଘୋଷଣାନାମା ଦୁଇଟି ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରେ। ବିଶେଷ କରି ସରକାରୀ ଅର୍ଥର ହାତଖୋଲା ଉପହାର ବା ମାଗଣା ସାମଗ୍ରୀ ବଂଟନକୁ ସର୍ବୋଚ୍ଚ ଅଦାଲତ ପରୋକ୍ଷରେ ଭର୍ତ୍ସନା କରିଥିବାବେଳେ ମାଗଣା ସାମଗ୍ରୀ ବଂଟନ ପରିବର୍ତ୍ତେ ବିକାଶମୂଳକ ଯୋଜନା କରି ସମ୍ବିଧାନକୁ ସମ୍ମାନିତ କରିବା ପାଇଁ ରାଜ୍ୟର ଅଙ୍ଗୀକାରବଦ୍ଧତାକୁ ସ୍ମରଣ କରାଇ ଦେଇଛନ୍ତି ବୋଲି କୁହାଯାଇପାରେ। ଏହା ନିସନ୍ଦେହ ଯେ, ଭୋଟର ତୁଷ୍ଟୀକରଣ ପାଇଁ ମାଗଣା ଜିନିଷ ବଂଟନ ସରକାରୀ ଅର୍ଥର ଅପଚୟ ବ୍ୟତୀତ ଅନ୍ୟ କିଛି ନୁହେଁ। ଉଲ୍ଲେଖଯୋଗ୍ୟ ଯେ, ଭୋଟଦାତାଙ୍କୁ ପ୍ରଲୋଭିତ କରି କ୍ଷମତା ହାସଲ ପାଇଁ ନିର୍ବାଚନ ଅବ୍ୟବହିତ ପୂର୍ବରୁ ଶାସକ ଦଳ ଟଙ୍କା ଓ ମାଗଣା ଜିନିଷ ବଂଟନ କରିଥିବାବେଳେ ବିରୋଧି ଦଳଗୁଡିକ ମଧ୍ୟ ମାଗଣା ସାମଗ୍ରୀ ବଂଟନର ପ୍ରତିଶ୍ରୁତି ବର୍ଷା କରିଥାନ୍ତି। ଖୋଦ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମାଗଣା ଯୋଜନାକୁ 'ରେଓ୍ୱାଡି' ବୋଲି ଉଦ୍‌ବେଗ ପ୍ରକାଶ କରିଥିବାବେଳେ, ତାଙ୍କ ଦଳ ଏହାକୁ ସବୁ ବିଜେପିଶାସିତ ରାଜ୍ୟରେ ଅଗ୍ରାଧିକାର ଭିତିରେ କାର୍ଯ୍ୟକାରୀ କରିଛି। ସେହିପରି ସୁପ୍ରିମକୋର୍ଟ ଏ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। କିନ୍ତୁ କ୍ଷମତାସୀନ ହେବା ପରେ ମାଗଣା ଯୋଜନାକୁ ରାଜନୈତିକ ଦଳଗୁଡିକୁ କିପରି କାର୍ଯ୍ୟକାରୀ କରିବେ, ଅର୍ଥ କେଉଁଠୁ ଆଣିବେ, ସେ ନେଇ ରାଜନୈତିକ ଦଳମାନଙ୍କ ଠାରୁ କ୍ରୀୟାନୁଷ୍ଠାନ ରିପୋର୍ଟ ତଲବ କରିବାକୁ ସୁପ୍ରିମକୋର୍ଟ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେଇଥିବାବେଳେ କମିଶନ ନୀରବ ରହିଥିବା ମନେହୁଏ। ମାଗଣା ଜିନିଷ ବଂଟନ ଯୋଜନା ଦ୍ୱାରା ଜନସାଧାରଣଙ୍କ ବିକାଶ ହେବ ନାହିଁ, ସତ କିନ୍ତୁ ଅର୍ଥନୀତି ଭୁଶୁଡି ପଡିବା ସାର ହେବ।

+ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧,
ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩,
ଶିଶୁପାଳଗଡ,-୭୫୧୦୦୨
ମୋ:୯୪୩୭୯୯୪୩୭୯

କବିତା କୋଣାର୍କ



## ରୂପସୀ ଫୁଲର ହସ

### ପ୍ରଶାନ୍ତ କୁମାର ଦାଶ

ରୂପସୀ ଫୁଲର ହସ ସୁବାସରେ
ରାତି ହୁଏ ବସ୍ମାୟିତ
ମତେ ଶୁଭିଯାଏ ତୁମରି କଣ୍ଠର
ମିଠା ମତୁଆଲା ଗୀତ ।।

କରି ମନୋହର କେଉଁ ଚିତ୍ରକର
ଗଢ଼ିଚି ତୂଳୀରେ ତାର
ତୁମକଥା ଭାବି ଆଖି ଦୁଇଟିରୁ
ଝରିଯାଏ ଲୁହଧାର ।।

ଘନୀଭୂତ ମେଘ ପରି ଅନୁରାଗ
ତୋଳେ ମନେ ଶିହରଣ
ମଧୁର ଆଳାପ ମୋ ମନକୁ ଦିଏ
ଶ୍ରଦ୍ଧାସିକ୍ତ ମୋହପଣ ।।

ତୁମେ ଲାଜ୍ୱତୀ ତୁମ ଅଧରରୁ
ଲାଜ ହସ ଯଦି ଖସେ
ଥାଇ୍ ହୃଦୃରେ ତାରା ଫୁଲ ମେଳେ
ରୁପାଜହ୍ନ କେତେ ହସେ ।।

ରସ ରଙ୍ଗିନୀଗୋ ଅଭିମାନ ଛାଡି
ଛମ ଛମ ଯାଅ ନାଚି
ତୁମେତ ଆସିଲେ ପ୍ରୀତି ରାସ ହେଲେ
ଦୁଖରାତି ଯ୍ୱି ଘୁଞ୍ଚି ।।

ସାଧା କାଗଜରେ ଶବ୍ଦ ମାଧୁରୀରେ
ତୁମପାଇଁ ଲେଖେ ଚିଠି
ତାମସା ରାତିରେ ତୁମବିନା ସାଥୀ
ପାଏତ ଯାତନା ଏଠି ।।

କୁଞ୍ଜର -ସଙ୍ଗଳାଇ
ପିପିଲି -ପୁରୀ
ମୋ:୯୬୬୮୮୨୨୧୯୦

## ବଟ ବୃକ୍ଷ

### ଡ. ପୁରୁଷୋତ୍ତମ ଧଳ



ଗାଁ ମୁଣ୍ଡରେ
ବଟ ବୃକ୍ଷଟିଏ
ବିସ୍ତାରିଛି କାୟା
କାହିଁ କେଉଁ କାଳରୁ....
କେତେ ପଶୁ ପକ୍ଷୀ ମଣିଷଙ୍କୁ
ଆଶ୍ରୟ ଦେଇଛି ସେ
ତା କୋଳରେ ନିଃସର୍ତ୍ତରେ ।
ଗାଁର ପର୍ବ ପର୍ବାଣୀ
ଯାନି ଯାତ୍ରା, ନ୍ୟାୟ ନିଶାପ
ସବୁ ଦେଖିଛି ସେ
ଖୁବ ନିକଟରୁ ।
ସଭିଏଁ କହନ୍ତି -
ବଟ ବୃକ୍ଷ ନୁହେଁ
ବିଷ୍ଣୁ ବୃକ୍ଷ ସିଏ ।
ତାର ଟିକିଏ ପରଶ ପାଇଁ
ପ୍ରତ୍ୟହ ସକାଳେ / ସନ୍ଧ୍ୟାରେ
ଗାଁ ଲୋକେ ବ୍ୟାକୁଳ ।
କିଏ ଢାଳେ ପାଣି ଦିଏ ତ
କିଏ ଶ୍ରଦ୍ଧାରେ ଫୁଲଟିଏ
ଅବା ଦୀପଟିଏ ଜାଳେ
ତା ମୂଳରେ
ସୁନ୍ଦର ଭବିଷ୍ୟତ ଆଶାରେ ।

ସଭାପତି, ପ୍ରାଣକୃଷ୍ଣ ଧଳ ପାଠାଗାର,
ପଦିନାରାୟଣପୁର, ବାରିକପୁର
ବଜାର, ଭଦ୍ରକ
ମୋ : ୮୯୧୭୬୬୭୦୬୦

ବିନୋଦନ ବିନୋଦନ ବିନୋଦନ

ସିନେମା ଓ ମନୋରଂଜନର ଫର୍ଦ୍ଦ
ଧ୍ୱନି ପ୍ରତିଧ୍ୱନି



# ବୟଫ୍ରେଣ୍ଡଙ୍କ ସହ ସ୍ୱିଜରଲ୍ୟାଣ୍ଡରେ ଜାହ୍ନବୀ କପୁର!



ବଲିଉଡର ଲୋକପ୍ରିୟ ନାୟିକା ଜାହ୍ନବୀକପୁର ଏବେ ସ୍ୱିଜରଲ୍ୟାଣ୍ଡରେ ଅଛନ୍ତି। ସେ ସେଠାରୁ କିଛି ସୁନ୍ଦର ଫଟୋ ସୋସିଆଲ ମିଡିଆରେ ସେୟାର କରିଛନ୍ତି। ଏହି ଫଟୋକୁ ନେଇ ଅର୍ଜୁନ କପୁର ମଜାଦାର ପ୍ରତିକ୍ରିୟା ଦେଇଛନ୍ତି। ଅଭିନେତ୍ରୀ ଜାହ୍ନବୀ କପୁର ସବୁବେଳେ ଚର୍ଚ୍ଚାରେ ଥାଆନ୍ତି। ସେ ଜେନେଭାରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏକ ଶ୍ୱେତ ଏମ୍ବ୍ରୋଡୋରି ଗାଉନ୍ ପିନ୍ଧି ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କର ଚମତ୍କାର ଏବଂ ଷ୍ଟାଇଲିସ୍ ଶୈଳୀ ସମସ୍ତଙ୍କ ମନ୍ତ୍ରମୁଗ୍ଧ କରିଥିଲା। କାର୍ଯ୍ୟକ୍ରମ ପରେ, ଜାହ୍ନବୀ କପୁର ସ୍ୱିଜରଲ୍ୟାଣ୍ଡର ସୌନ୍ଦର୍ଯ୍ୟରେ ବୁଡ଼ି ଯାଇଥିଲେ। ସେ କିଛି ଫଟୋ ସେୟାର କରିଥିଲେ। ଜାହ୍ନବୀ କପୁର ତାଙ୍କ ଇନଷ୍ଟାଗ୍ରାମ ଆକାଉଣ୍ଟରେ କିଛିଫଟୋ ସେୟାର କରିଛନ୍ତି। ଏଥିରେ ସେ ସ୍ୱିଜରଲ୍ୟାଣ୍ଡ ବୁଲିବା ଦେଖିବାକୁ ମିଳିଛି। ତାଙ୍କ ହସ ଏବଂ ହାବଭାବ ସୂଚାଇ ଦେଉଛି ଯେ ସେ ବହୁତ ମଜା କରୁଛନ୍ତି। ସେ ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, 'ସ୍ୱିସ୍ ସୂର୍ଯ୍ୟ ବିଷୟରେ କିଛି ବିଶେଷ ଅଛି।' ଜାହ୍ନବୀ କପୁର ନୀଳ ପୋଷାକ ପିନ୍ଧି ଜଣେ ସ୍କୁଲ ଛାତ୍ରୀ ପରି ଦେଖାଯାଉଛନ୍ତି। ଜାହ୍ନବୀ କପୁର ନିଜର ଅନେକ ମନମୁଗ୍ଧକର ଫଟୋ ସେୟାର କରିଛନ୍ତି। ଗୋଟିଏ ଫଟୋରେ ସେ ଆଇସକ୍ରିମ ଖାଉଥିବାର ଦେଖାଯାଉଛି। ତାଙ୍କ ପଛରେ ଜଣେ ପୁରୁଷ ଠିଆ ହୋଇଥିବାର ଦେଖାଯାଉଛି, ତାଙ୍କ ମୁହଁ ସ୍ପଷ୍ଟ ନୁହେଁ; କେବଳ ଏକ ଝଲକ କଏଦ ହୋଇଛି। ପୁରୁଷଙ୍କ ରୂପ ଜାହ୍ନବୀଙ୍କ ପ୍ରେମିକ ଶିଖର ପହାରିଆଙ୍କ ଭଳି। ଏଠାରେ ପ୍ରଶ୍ନ ଉଠୁଛି, ସତରେ ଶିଖର ମଧ୍ୟ ଜାହ୍ନବୀଙ୍କ ସହିତ ସ୍ୱିଜରଲ୍ୟାଣ୍ଡ ଯାଇଛନ୍ତି କି ?

# ଛତ୍ରପତି ଭାବେ ଗ୍ରହଣୀୟ ହେଉନାହାନ୍ତି



ଗତ ସୋମବାର ଦିନ 'ରାଜା ଶିବାଜୀ' ଚଳଚ୍ଚିତ୍ରର ଟ୍ରେଲର ମୁକ୍ତିଲାଭ କରିଛି। ଏଥିରେ ଅଭିନେତା ରିତେଶ ଦେଶମୁଖଙ୍କୁ କିଂବଦନ୍ତି ଶାସକ ଛତ୍ରପତି ଶିବାଜୀ ମହାରାଜଙ୍କ ଭୂମିକାରେ ଦେଖି ଦର୍ଶକଙ୍କ ମଧ୍ୟରେ ଉତ୍ସାହ କମ୍ ଏବଂ ନିରାଶାର ଛାପ ଅଧିକ ଦେଖିବାକୁ ମିଳୁଛି। କଥା କ'ଣ କି, ରିତେଶ ଦେଶମୁଖ ଏହି ଚଳଚ୍ଚିତ୍ର ନିର୍ମାଣ କରିବା ପାଇଁ ଖୁବ୍ ପରିଶ୍ରମ କରିଛନ୍ତି। ସେ ନିଜେ ଏହାର ନିର୍ଦ୍ଦେଶକ, ଲେଖକ ଓ ପ୍ରଯୋଜକ। ତେବେ ଟ୍ରେଲର ଦେଖିବା ପରେ କିଛି ଦର୍ଶକଙ୍କ ମତ ହେଲା ଛତ୍ରପତି ଶିବାଜୀଙ୍କ ପରି ଜଣେ ଦୁର୍ଦ୍ଧର୍ଷ ଯୋଦ୍ଧାଙ୍କ ସହିତ ରିତେଶଙ୍କ ଭାବମୂର୍ତ୍ତି ଖାପ ଖାଉ ନାହିଁ। ବାସ୍ତବରେ ରିତେଶ ଅନେକ ହାସ୍ୟରସାତ୍ମକ ଚଳଚ୍ଚିତ୍ରରେ ଅଭିନୟ କରିଥିବାରୁ ହଠାତ୍ ଏକ ଗମ୍ଭୀର ଚରିତ୍ରରେ ତାଙ୍କୁ ଦେଖି ଦର୍ଶକେ ସହଜରେ ଗ୍ରହଣ କରିପାରୁନାହାନ୍ତି। ତେଣୁ ସେ ଏଭଳି ଦୁଃସାହସ କରିବା ଅନୁଚିତ ଥିଲା ବୋଲି ମତ ପ୍ରକାଶ ପାଉଛି। ପୁଣି କିଛି ଲୋକ ତାଙ୍କ ଅଭିନୟକୁ 'ଛାବା' ଚଳଚ୍ଚିତ୍ରରେ ଭିକି କୌଶଲଙ୍କ ଅଭିନୟ ସହିତ ତୁଳନା କରି ସମାଲୋଚନା କରୁଛନ୍ତି। ତେବେ ଆଉ କିଛି ଦର୍ଶକ ଏହି ଚଳଚ୍ଚିତ୍ରକୁ ନେଇ ଖୁବ୍ ଉତ୍ସାହିତ ଅଛନ୍ତି। ସେ ଯାହା ହେଉ, ରିତେଶ ନିଜର ମହତ୍ତ୍ୱାକାଂକ୍ଷା ପୂରଣ କରି ଏହି ଚଳଚ୍ଚିତ୍ରକୁ ଆସନ୍ତା ମେ ପହିଲାରେ ମୁକ୍ତିଲାଭ କରାଉଛନ୍ତି। ଏଥିରେ ସଂଜୟ ଦତ୍ତ, ବିଦ୍ୟା ବାଲନ, ଅଭିଷେକ ବଚ୍ଚନ, ମହେଶ ମଞ୍ଜରେକର, ଭାଗ୍ୟଶ୍ରୀ, ବୋମନ୍ ଇରାନୀଙ୍କ ପରି ଅଭିନେତା ଓ ଅଭିନେତ୍ରୀଙ୍କୁ ବିଭିନ୍ନ ଐତିହାସିକ ଚରିତ୍ରରେ ଦେଖିବାକୁ ମିଳିବ। ରିତେଶ ଓ ଜେନେଲିଆଙ୍କ ୧୦ ବର୍ଷୀୟ ପୁଅ ରାହିଲ ଏହି ଚଳଚ୍ଚିତ୍ର ଜରିଆରେ ଅଭିନୟ ଜଗତରେ ପଦାର୍ପଣ କରିଛି।

# କାଷ୍ଟିଂ କାଉଚ୍ ସମ୍ପର୍କରେ ଅଜ୍ଞ !



ଅଭିନେତ୍ରୀ ହଂସିକା ମୋଟ୍ୱାନୀଙ୍କୁ ଏକ ବାର୍ତ୍ତାଳାପ କାର୍ଯ୍ୟକ୍ରମରେ ମନୋରଂଜନ ଶିଳ୍ପରେ ହେଉଥିବା କାଷ୍ଟିଂ କାଉଚ୍ ବିଷୟରେ ପ୍ରଶ୍ନ କରାଯାଇଥିଲା। ସେଥିରେ ହଂସିକା କହିଛନ୍ତି ଯେ ସେ ନିଜେ କେବେହେଲେ କାଷ୍ଟିଂ କାଉଚ୍‌ର ସମ୍ମୁଖୀନ ହୋଇନାହାନ୍ତି, ତେଣୁ ସେ ସମ୍ପର୍କରେ ତାଙ୍କର କୌଣସି ଜ୍ଞାନ ନାହିଁ। ତେବେ ସେ ଯେଉଁଭଳି ଭାବେ ଏହି ସମସ୍ୟାକୁ ଖାରଜ କରିବାକୁ ଉଦ୍ୟମ କରିଛନ୍ତି ତାହା ଚିନ୍ତାଶୀଳ ଦର୍ଶକଙ୍କ ପକ୍ଷେ ଗ୍ରହଣୀୟ ହୋଇନାହିଁ। ହଂସିକା ଶିଶୁ କଳାକାର ଭାବେ 'ଶାକାଲାକା ବୁମ୍ ବୁମ୍' ଟିଭି ଧାରାବାହିକରୁ ଅଭିନୟ କ୍ୟାରିଅର ଆରମ୍ଭ କରିଥିଲେ। ସେଥିପାଇଁ ବୋଧହୁଏ ସେ କାଷ୍ଟିଂ କାଉଚ୍ ଭଳି ନିର୍ଯାତନାରୁ ବର୍ତ୍ତିଯାଇଛନ୍ତି ବୋଲି ଉକ୍ତ କାର୍ଯ୍ୟକ୍ରମର ଉପସ୍ଥାପକ କହିବାରୁ ହଂସିକା କହିଥିଲେ, "ନା, ନା... ମୋତେ ଲାଗେ ଯେ ଯାହାକୁ ଅସଲ କାମ କରିବାର ଅଛି ସେମାନଙ୍କ ସହିତ ଏଭଳି କିଛି ହୁଏ ନାହିଁ। ମୁଁ ଏଭଳି ଭାବିବାର କାରଣ ହେଲା ମୋ ସହିତ କେବେହେଲେ ସେମିତି ହୋଇନାହିଁ।'' ସାମାଜିକ ଗଣମାଧ୍ୟମରେ ହଂସିକାଙ୍କ ଏହି ଆଭିମୁଖ୍ୟକୁ ସମାଲୋଚନା କରାଯାଉଛି। ତାଙ୍କ ଯୁକ୍ତି 'ମୋତେ ମଧୁମେହ ହୋଇ ନାହିଁ ତେଣୁ ମଧୁମେହ ରୋଗ ବୋଲି କିଛି ନାହିଁ' ଧରଣର ବୋଲି ଜଣେ ମନ୍ତବ୍ୟ ଦେଇଛନ୍ତି। ଆଉ ଜଣେ ନିରାଶା ବ୍ୟକ୍ତ କରି ଲେଖିଛନ୍ତି ଯେ କାଷ୍ଟିଂ କାଉଚ୍ ଭଳି ଆପରାଧିକ କାର୍ଯ୍ୟର ବାସ୍ତବିକତାକୁ ଏଭଳି ସୁବିଧାବାଦୀ ସେଲିବ୍ରିଟି ଅସ୍ୱୀକାର କରିବା ଆଶ୍ଚର୍ଯ୍ୟଜନକ। ହଂସିକା ଏତେ ଅଜ୍ଞ ବୋଲି କିଛି ଲୋକ ତାଙ୍କୁ ଆକ୍ଷେପ କରିବାକୁ ପଛାଇ ନାହାନ୍ତି।

# 'ଏବେ ଫିଲ୍ମ ନିର୍ମାଣ ସଂସ୍ଥା ପ୍ରବଳ ଖଟାଉଛନ୍ତି'

ଫିଲ୍ମ ଇଣ୍ଡଷ୍ଟ୍ରିରେ ସୁଟିଂ କଲାବେଳେ ଜଣେ କେତେ ଘଣ୍ଟା କାମ କରିପାରିବେ, ଏହାକୁ ନେଇ



ବିତର୍କ ଚାଲିଛି। ଗତବର୍ଷ ଅଭିନେତ୍ରୀ ଦୀପିକା ପାଦୁକୋନ୍ ଆଠଘଣ୍ଟିଆ ସିଫ୍ଟ୍‌ର ଦାବି ଉଠାଇବା ଫଳରେ ତାଙ୍କୁ କେତେକ ଫିଲ୍ମ ହାତଛଡ଼ା କରିବାକୁ ପଡ଼ିଥିଲା। ଏବେ ଅଭିନେତ୍ରୀ ଅର୍ଚ୍ଚନା ପୁରନ୍ ସିଂହ ସମାନ କଥା କହିଛନ୍ତି। ସେ କହିଛନ୍ତି, ଅଧିକ ସମୟ କାମ କରିବା ଦ୍ୱାରା ଚଳଚ୍ଚିତ୍ର ସହ ଜଡ଼ିତ ଅନେକ ବ୍ୟକ୍ତି ବହୁ ଚ୍ୟାଲେଞ୍ଜ୍‌ର ସାମ୍ନା କରୁଛନ୍ତି। ଏହା ସେମାନଙ୍କ ଉପରେ ନକାରାତ୍ମକ ପ୍ରଭାବ ପକାଉଛି। ନିକଟରେ ଗଣମାଧ୍ୟମରେ ଆଲୋଚନା କଲା ବେଳେ ଅର୍ଚ୍ଚନା କାର୍ଯ୍ୟ-ସମୟ ବୃଦ୍ଧିର ଚାପ ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। କହିଥିଲେ, ଏବେ କିଭଳି ସିଫ୍ଟ୍ ନିର୍ଦ୍ଧାରିତ ସମୟଠାରୁ ଅଧିକ ହେଉଛି। ଏପରିକି ବେଳେ ବେଳେ ଏହା ଦୀର୍ଘ ୧୩-୧୪ ଘଣ୍ଟା ହେଉଥିବା ସେ କହିଛନ୍ତି। କେବଳ ଏତିକି ନୁହେଁ, କେତେକ ପ୍ରଡକ୍ସନ୍ ହାଉସ୍ ଖାଦ୍ୟ ପ୍ରତି ଖୁବ୍ କଞ୍ଜୁସ୍ ବୋଲି ମଧ୍ୟ ଅର୍ଚ୍ଚନା କଥାବାର୍ତ୍ତା ଭିତରେ ସୂଚନା ଦେଇଛନ୍ତି। ତାଙ୍କ କହିବା କଥା, ୧୩-୧୪ ଘଣ୍ଟା କାମ ଯୋଗୁଁ ଖାଦ୍ୟପେୟ କଥା ମନେ ବି ନ ଥାଏ। କେତେକ ନିର୍ମାଣ ସଂସ୍ଥା ଜାଣି ଶୁଣି ଏଭଳି କରିଥାନ୍ତି। ଅଭିନେତା, ଅଭିନେତ୍ରୀଙ୍କ କଥା ଛାଡ଼ନ୍ତୁ, ଅନ୍ୟମାନେ କେତେ ହଇରାଣ ହେଉଥିବେ ବୋଲି ଅର୍ଚ୍ଚନା ପ୍ରଶ୍ନ କରିଛନ୍ତି। ତାଙ୍କ କହିବା ଅନୁସାରେ, ଅନେକ ଦିନରୁ ସେ ଓ ଅନ୍ୟମାନେ ଏହି ସମସ୍ୟା ଭୋଗି ଆସୁଛନ୍ତି।

# ୨୦୨୬ର ସବୁଠୁ ସୁନ୍ଦରୀ ତାରକା



ହଲିଉଡ୍ ଅଭିନେତ୍ରୀ ଆନ୍ ହାଥ୍ଆୱେଙ୍କୁ 'ପିପୁଲ୍' ପତ୍ରିକା ଏ ବର୍ଷ ପୃଥିବୀର ସବୁଠାରୁ ସୁନ୍ଦରୀ ତାରକା ଭାବେ ନାମିତ କରିଛି। ସେ କେବଳ ନିଜର ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ ନୁହନ୍ତି, ବିଭିନ୍ନ କିସମର ଚରିତ୍ରକୁ ଜୀବନ୍ତ କରିବାରେ ସେ ବେଶ୍ ପାରଙ୍ଗମ। ୪୩ ବର୍ଷୀୟ ଆନ୍ ଉଭୟ ଚଳଚ୍ଚିତ୍ର ଓ ଟେଲିଭିଜନ୍ ଦୁନିଆରେ ଅଭିନୟ କରି ନିଜର ପାରଦର୍ଶିତା ପ୍ରଦର୍ଶନ କରିଆସିଛନ୍ତି। ସେ ଓସ୍କାରରୁ ଆରମ୍ଭ କରି 'ବାଫ୍‌ଟା', ଗୋଲ୍‌ଡେନ୍ ଗ୍ଲୋବ୍ ଓ ପ୍ରାଇମ୍‌ଟାଇମ୍ ଏମି ଭଳି ସମ୍ମାନଜନକ ପୁରସ୍କାର ହାସଲ କରିଛନ୍ତି। ୨୦୧୫ରେ ସେ ପୃଥିବୀର ସବୁଠାରୁ ଅଧିକ ପାରିଶ୍ରମିକ ପାଉଥିବା ଅଭିନେତ୍ରୀଙ୍କ ତାଲିକାରେ ସାମିଲ ହୋଇଥିଲେ। ତାଙ୍କ ଅଭିନୀତ ଚଳଚ୍ଚିତ୍ରଗୁଡ଼ିକ ଏକତ୍ର ୬.୮ ବିଲିଅନ୍ ଡଲାହ ଆୟ କରିଥିବାର ତଥ୍ୟ ରହିଛି। ତେଣୁ ସ୍ୱାଭାବିକ ଭାବେ ତାଙ୍କୁ ହଲିଉଡ୍ ଜଗତର ସବୁଠାରୁ ପ୍ରଶଂସନୀୟ ଓ ଭରସାଯୋଗ୍ୟ ଅଭିନେତ୍ରୀ ରୂପେ ଗଣାଯାଉଛି। ଏ ବର୍ଷ ହିଁ ତାଙ୍କର ପାଞ୍ଚଟି ଚଳଚ୍ଚିତ୍ର ମୁକ୍ତିଲାଭ କରିବାର ଅଛି। ସେଥିରେ ରହିଛି 'ଦି ଡେଭିଲ୍ ୱେଆର୍ସ ପ୍ରାଡା ୨', 'ମଦର୍ ମେରି', 'ଦି ଓଡେସି' ପରି ବହୁଚର୍ଚ୍ଚିତ ଚଳଚ୍ଚିତ୍ର।

# 'ଧୁରନ୍ଧର' ସହ ଜଡ଼ିତ ଆଉ ଏକ ଚଳଚ୍ଚିତ୍ର ନିର୍ମାଣ କରୁଛନ୍ତି ନିର୍ଦ୍ଦେଶକ ଆଦିତ୍ୟ ଧର

'ଧୁରନ୍ଧର' ଏବଂ 'ଧୁରନ୍ଧର ଦି ରିଭେଞ୍ଜ' ପରେ ପ୍ରସିଦ୍ଧ ବଲିଉଡନିର୍ଦ୍ଦେଶକ ଆଦିତ୍ୟ ଧର ପ୍ରଶଂସକମାନଙ୍କ ପାଇଁ ଆଉ ଏକ ଫିଲ୍ମ ତିଆରି କରୁଛନ୍ତି। ଏହା ଚଳିତ ବର୍ଷ ଥିଏଟରରେ ମୁକ୍ତିଲାଭ କରିବ। ଜାଣନ୍ତୁ ଏଥିରେ କ'ଣ ବିଶେଷତ୍ୱ ଅଛି। ନିର୍ଦ୍ଦେଶକ ଆଦିତ୍ୟ ଧର ଏବେ ତାଙ୍କର ସୁପରହିଟ୍ ଫିଲ୍ମ 'ଧୁରନ୍ଧର' ସହିତ କିଛି ନୂଆ ଏବଂ ଭିନ୍ନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ରିପୋର୍ଟ ଅନୁସାରେ, 'ଧୁରନ୍ଧର' ଏବଂ ଏହାର ସିକ୍ୱେଲର ଜବରଦସ୍ତ ସଫଳତା ପରେ, ନିର୍ମାତାମାନେ ଏବେ ଫିଲ୍ମର ପରଦା ପଛର କାହାଣୀକୁ ଏକ ପୃଥକ ଫିଲ୍ମ ଭାବରେ ଥିଏଟରରେ ରିଲିଜ୍ କରିବାକୁ ଯୋଜନା କରୁଛନ୍ତି। ଏହି ସ୍ୱତନ୍ତ୍ର ଚଳଚ୍ଚିତ୍ରରେ ଦର୍ଶକମାନେ ସୁଟିଂର ବିଶେଷ ମୁହୂର୍ତ୍ତ, ଚଳଚ୍ଚିତ୍ର ନିର୍ମାଣର ଝଲକ ଏବଂ ତାରକାମାନଙ୍କ ସହିତ ସ୍ୱତନ୍ତ୍ର ସାକ୍ଷାତକାର ଦେଖିପାରିବେ। ଉଲ୍ଲେଖଯୋଗ୍ୟ, ଏହି ଚଳଚ୍ଚିତ୍ରରେ ପ୍ରଥମ ଥର ପାଇଁ ରଣବୀର ସିଂହ ଏବଂ ଅର୍ଜୁନ ରାମପାଲଙ୍କ ପରି ପ୍ରମୁଖ ତାରକାମାନଙ୍କ ସହିତ ସାକ୍ଷାତକାର ମଧ୍ୟ ପ୍ରଦର୍ଶିତ ହେବ।ନିର୍ମାତାମାନେ ଏହି BTS ଫୁଟେଜ୍ ଏବଂ ସାକ୍ଷାତକାରକୁ ଏକ ପୂର୍ଣ୍ଣାଙ୍ଗ ଫିଚର ଫିଲ୍ମରେ ମିଶ୍ରଣ କରୁଥିବା ଜଣାପଡ଼ିଛି, ଯାହା ଚଳିତ ବର୍ଷ ଶେଷ ସୁଦ୍ଧା ଥିଏଟରରେ ମୁକ୍ତିଲାଭ କରିବ। ଏହା ପରେ ଓଟିଟି ପ୍ଲାଟଫର୍ମରେ ମଧ୍ୟ ମୁକ୍ତିଲାଭ କରିବ। ମଜାଦାର କଥା ହେଉଛି, ଫିଲ୍ମର ଟିମ୍ ବର୍ତ୍ତମାନ କୌଣସି ଗଣମାଧ୍ୟମକୁ ସାକ୍ଷାତକାର ଦେଉନାହାନ୍ତି। କାରଣ ସେମାନେ ଚାହାଁନ୍ତି ଯେ ଦର୍ଶକମାନେ ପ୍ରଥମ ଥର ପାଇଁ ଫିଲ୍ମରେ ସବୁକିଛି ଦେଖନ୍ତୁ



# ୧୯ତମ ବିବାହ ବାର୍ଷିକୀ ପାଳନ କଲେ ଅଭିଷେକ-ଐଶ୍ୱର୍ଯ୍ୟା



ଲୋକପ୍ରିୟ ବଲିଉଡ ନାୟିକା ଐଶ୍ୱର୍ଯ୍ୟା ରାୟ ବଚ୍ଚନ ତାଙ୍କର ୧୯ତମ ବିବାହ ବାର୍ଷିକୀ ପାଳନ କରୁଛନ୍ତି। ସେ ତାଙ୍କ ସ୍ୱାମୀ ଅଭିଷେକ ବଚ୍ଚନଙ୍କ ସହ ଏକ ନୂତନ ଫଟୋ ସେୟାର କରିଛନ୍ତି, ଯେତେବେଳେ ସେମାନେ ସେମାନଙ୍କର ବିଶେଷ ଦିନ ପାଳନ କରିଛନ୍ତି। ପୋଷ୍ଟରେ ସେମାନଙ୍କ ଝିଅ ଆରାଧ୍ୟା ବଚ୍ଚନଙ୍କୁ ମଧ୍ୟ ଦେଖିବାକୁ ମିଳିଛି। ଫଟୋଗୁଡ଼ିକରେ, ଅଭିଷେକ ଏବଂ ଆରାଧ୍ୟାଙ୍କ ସହିତ ସେଲଫି ନେବା ସମୟରେ ଐଶ୍ୱର୍ଯ୍ୟା ଏକ ଫୁଲତୋଡ଼ା ଧରିଥିବାର ଦେଖାଯାଇଥିଲା। ତିନିଜଣ ଏକାଠି ଖୁସି ଏବଂ ସୁନ୍ଦର ଦେଖାଯାଉଥିଲେ। ଫଟୋଗୁଡ଼ିକ ସହିତ, ଐଶ୍ୱର୍ଯ୍ୟା କ୍ୟାପସନରେ ଏକ ସରଳ ଲାଲ ହୃଦୟ ଇମୋଜି ପୋଷ୍ଟ କରିଛନ୍ତି। ଐଶ୍ୱର୍ଯ୍ୟା ଓ ଅଭିଷେକ ୨୦୦୦ ଦଶକର ପ୍ରାରମ୍ଭରେ ଦେଖା ହୋଇଥିଲେ। ଦୁହେଁ ଢାଇ ଅକ୍ଷର ପ୍ରେମକେ, ଧୂମ୍ ୨, ରାବଣ୍ ଏବଂ ଗୁରୁ ଭଳି ଚଳଚ୍ଚିତ୍ରରେ ଏକାଠି କାମ କରିଥିଲେ। ସେମାନେ ଏପ୍ରିଲ୍ ୨୦୦୭ରେ ବିବାହ କରିଥିଲେ ଏବଂ ଦୁହେଁ ବ୍ୟକ୍ତିଗତ ଜୀବନକୁ ସାର୍ବଜନୀନ କରିନାହାନ୍ତି। ଲିଲି ସିଂହଙ୍କ ସହିତ ଏକ ପଡକାଷ୍ଟରେ, ଅଭିଷେକ ଐଶ୍ୱର୍ଯ୍ୟାଙ୍କ ସହିତ ତାଙ୍କର ସମ୍ପର୍କ ବିଷୟରେ ଖୋଲିଥିଲେ। ସେ ଏକାଠି ସେମାନଙ୍କର ପ୍ରଥମ ଚଳଚ୍ଚିତ୍ର ବିଷୟରେ ପ୍ରତିଫଳିତ କରି କହିଥିଲେ, 'ଯେତେବେଳେ ମୋ ବାପାମା ବିବାହ କରିଥିଲେ, ମୋ ମାଆ ମୋ ବାପାଙ୍କ ଅପେକ୍ଷା ବଡ଼ ଷ୍ଟାର ଥିଲେ। ତେଣୁ ଏହା ଅପ୍ରାକୃତିକ ନଥିଲା। ମୁଁ ଭାବିବାକୁ ବଡ଼ ହୋଇ ନଥିଲି ଯେ ତୁମକୁ ପ୍ରଭାବଶାଳୀ ହେବାକୁ ପଡିବ; ଏହା ସର୍ବଦା ସହଭାଗିତା ବିଷୟରେ ଥିଲା। ମୁଁ ମୋ କ୍ୟାରିଅର ଆରମ୍ଭରୁ ଐଶ୍ୱର୍ଯ୍ୟାଙ୍କୁ ଜାଣିଛି। ମୁଁ ଯେଉଁ ଦ୍ୱିତୀୟ ଚଳଚ୍ଚିତ୍ର କରିଥିଲି ତାହା ତାଙ୍କ ସହିତ ଥିଲା, ଏବଂ ସେ ହେଉଛନ୍ତି ସେହି ଅଭିନେତ୍ରୀ ଯାହାଙ୍କ ସହିତ ମୁଁ ସର୍ବାଧିକ କାମ କରିଛି। ସେତେବେଳେ, ଆମେ କୌଣସି ସମ୍ପର୍କରେ ନଥିଲୁ - ଆମେ କେବଳ ବନ୍ଧୁ ଏବଂ ବନ୍ଧୁ ଥିଲୁ।'

# ଦେଶି ମଦ ଓ ରାସାୟନିକ ନିଶା କାରବାର କବଳରେ ଜୟପୁର

ଜୟପୁର , ୨୩/୦୪ (ନି.ପ୍ର): କୋରାପୁଟ ଜିଲା ଜୟପୁର ସହରରେ ରାସାୟନିକ ନିଶା କବଳରେ ରହିଛି । ଜୟପୁର ଟାଉନ ପୋଲିସ ମଧ୍ୟ ଗତ ଦିନରେ ଧଳା ଜହର ମଧ୍ୟ ଜବତ କରିଛି । ଆଦିବାସୀ ବହୁଳ ଜିଲ୍ଲାରେ ଦେଶି ମଦ କାରବାର ଜୋର ସୋରରେ ଚାଲିଛି । ଏହାକୁ ରୋକ ଲଗାଇବା ପାଇ ଜୟପୁର, ବୋରିଗୁମ୍ମା ରେ ମହିଳା ମାନେ ବନ୍ଦ କରିବା ପାଇଁ ଅବକାରି ବିଭାଗର ଦ୍ୱାରସ୍ଥ ହୋଇ ଦାବି ପତ୍ର ମଧ୍ୟ ପ୍ରଦାନ କରିଛନ୍ତି । ପୁରପଲ୍ଲୀରେ ବାର ମାସରେ ତେର ପର୍ବ ପାଳନ ପାରମ୍ପରିକ ପରମ୍ପରା । ବିଭିନ୍ନ ଯାନିଯାତ୍ରା, ପର୍ବପର୍ବାଣୀ ଓ ବିବାହ ଭଳି ସାମାଜିକ ଓ ସାଂସ୍କୃତିକ ମହୋତ୍ସବ ପାଳନ ସମୟରେ କର୍ମକ୍ଳାନ୍ତ ଜୀବନରୁ ଫୁରସତ ପାଇ ଉତ୍ସବାନୁଷ୍ଠାନରେ ଲୋକବାଦ୍ୟ ଓ ଲୋକଗୀତର ତାଳେ ତାଳେ ନାଚଗୀତରେ ଝୁମି ବନବାସୀ ଅବସର ବିନୋଦନ କରିବା ପାରମ୍ପରିକ ବୋଲି କୁହାଯାଉଛି । ଆବାଳ ବୃଦ୍ଧବନିତା ସମସ୍ତେ ଏକାକାର ହେବା ସହ ଉପଭୋଗ କରିଥାନ୍ତି ପାର୍ବପାଳନର ସେଇ ମୁହୂର୍ତ୍ତକୁ । ଆଉ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜକୁ ହଜେଇ ବିଭୋର ହୋଇଥିବା ବନବାସୀ ସମାଜ ସାମାନ୍ୟ ନିଶା ସେବନକୁ ଆପଣାଇ ନେଇ ପୂର୍ବପୁରୁଷର ପରମ୍ପରାକୁ ଜୀବନ୍ତ କରିଥାନ୍ତି । ତେବେ ଅତୀତରୁ ପ୍ରଚଳିତ ପ୍ରକୃତିଦର ପାନୀୟ ମଧ୍ୟରେ ସଲପ ରସ, ଖଜୁରୀ ରସ, ମାଣ୍ଡିଆ ଓ ଚାଉଳ ଆଦି ଶସ୍ୟରୁ ପ୍ରସ୍ତୁତ ପାନୀୟର ବହୁଳ ବ୍ୟବହାର ହେଉଥିବାବେଳେ ସୁସ୍ଥ ନିରାମୟ ଜୀବନ ବିତାଉଥିବା ବନବାସୀ ସମାଜ ଏବେ ପ୍ରଚଳିତ ଆଧୁନିକତା ଛାପର ବଶବର୍ତ୍ତୀ ହୋଇ ପ୍ରକୃତିଦର ନିଶା ପାନୀୟରୁ ଦୂରେଇ ଯିବା ସହ ରାସାୟନିକ ବିଷାକ୍ତ ପାନୀୟକୁ ଆପଣାଇ ନେଲେଣି । ଯେଉଁଥିପାଇଁ କୋରାପୁଟ ଜିଲା ପାଲଟିଛି ଦେଶୀ ମଦ ବା ଜହର ଆଡ୍ଡାସ୍ଥଳି । ସରକାର ଅବକାରୀ ଟିକସ ନିଶାରେ କାରବାରକୁ ପ୍ରୋତ୍ସାହନ ଦେଉଥିବାବେଳେ ଏବେ ବିଭିନ୍ନ ଅଂଚଳରେ କାୟାବିସ୍ତାର କରିଲାଣି ରାସାୟନିକ ନିଶା କାରବାର । କୋରାପୁଟ ଭଳି ଆଦିବାସୀ ଅଧୁଷିତ ଜିଲ୍ଲାପାଇଁ ସରକାରଙ୍କ ପକ୍ଷରୁ ବାର୍ଷିକ କୋଟି କୋଟି ଟଙ୍କାର ରାଜସ୍ୱ ଧାର୍ଯ୍ୟ କରାଯାଇଛି । ତେବେ ଧାର୍ଯ୍ୟ ଟିକସ ସହ ବିଭାଗୀୟକର୍ତ୍ତୃପକ୍ଷଙ୍କ ନିଜସ୍ୱ ଆମଦାନୀ ପୂରଣ ପାଇଁ ଅବକାରୀ ବିଭାଗ ପକ୍ଷରୁ ବିଭିନ୍ନ ଅଂଚଳରେ ଅତିରିକ୍ତ ମଦ କାରବାର ସୁଯୋଗ ସୃଷ୍ଟି କରାଯାଉଥିବା ବେଳେ ପରୋକ୍ଷରେ ବେଆଇନ ନିଶା କାରବାର ଅହେତୁକ ଭାବରେ ବୃଦ୍ଧି ପାଇବାରେ ଲାଗିଛି । ଆଦିବାସୀ ଅଂଚଳରେ ପ୍ରତି ଗାଁରେ ମାଫିଆମାନେ ମଦ ଉତ୍ପାଦନକୁ କୁଟୀର ଶିଳ୍ପରେ ପରିଣତ କରିବାଭଳି ଅଭାବନୀୟ ସମସ୍ୟା ଉପୁଜୁଛି । ଅଧିକ ମୁନାଫା ଆଶାରେ ମନ ପସନ୍ଦର ମଦ ପ୍ରସ୍ତୁତ ସମୟରେ ବିଭିନ୍ନ ରାସାୟନିକ ବିଷାକ୍ତ ଦ୍ରବ୍ୟ ଯଥା ଆମୋନିଆ ସାର ଆଦି ମିଶ୍ରଣ କରାଯାଉଥିବା ଅଭିଯୋଗ ବିଭିନ୍ନ ସମୟରେ ହେଉଛି । ବିଷାକ୍ତ ରାସାୟନିକ ମଦ ବ୍ୟବହାର କାରଣରୁ ଯୁବବୟସରେ ବ୍ୟାଗସ୍ତ ହେବା ସହ ଅକାଳରେ ଚାଲିଯାଉଛି ଅମୂଲ୍ୟ ଜୀବନ । ତେବେ ଗୋଟିଏ ପଟେ ଧାର୍ଯ୍ୟ ଟିକସ ଆଦାୟ ଲକ୍ଷ୍ୟ ଓ ଅନ୍ୟପଟେ ନିଜସ୍ୱ ରୋଜଗାର ନିଶାରେ ଅବକାରୀ ବିଭାଗ ବେଆଇନ ମଦ କାରବାର ଉପରେ ଅଙ୍କୁଶ ଲଗାଇବା କଷ୍ଟ ହୋଇଯାଇଛି । ଅପରପକ୍ଷେ ବିଷାକ୍ତ ପାନୀୟ ବ୍ୟବହାରରୁ ଶାନ୍ତ ଗ୍ରାମାଂଚଳ ଅଶାନ୍ତ ହେଉଥିବାବେଳେ ବିଭିନ୍ନ ପ୍ରକାର ସାମାଜିକ ଓ ଘରୋଇ ହିଂସାକୁ ଆପଣାଇବା ଭଳି ପରିସ୍ଥିତି ଉପୁଜିଛି । ବିଶେଷ ଭାବରେ ଯୁବପିଢୀ ନିଶା ପ୍ରତି ଆକୃଷ୍ଟ ହେଉଥିବାବେଳେ ଆର୍ଥିକ ଓ ସାମାଜିକ ସ୍ଥିତି ଭୁଶୁଡିବା ସହ ଭବିଷ୍ୟତ ଅନ୍ଧାରୀ ମୁଳକ ଆଡକୁ ଠେଲି ହୋଇ ଯାଉଛି । ନିଶା ବହୁଳ ବ୍ୟବହାର ପାଇଁ ଆର୍ଥିକ ମାନଦଣ୍ଡ ସୁଦୃଢ଼ ହେବା ଅସମ୍ଭବ ବ୍ୟାପାର ହାଇଯାଇଛି । ସାମ୍ପ୍ରତିକ ପରିସ୍ଥିତିରେ କିଛି ଗ୍ରାମାଂଚଳରେ ମହିଳା ମାନେ ଜାଗ୍ରତ ହେବାସହ ମଦ କାରବାର ବନ୍ଦ ନିମନ୍ତେ ଅଂଟା ଭିଡ଼ିଛନ୍ତି । ମଦ ବିକିଲେ ଅଥବା ପିଇଲେ ଜରିମାନା ଧାର୍ଯ୍ୟ କରିଛନ୍ତି । ମହିଳା ମାନଙ୍କ ଉଦ୍ୟମକୁ ବିଭିନ୍ନ ସ୍ତରରେ ସ୍ୱାଗତ କରାଯାଇ ଥିବାବେଳେ ପ୍ରଶାସନିକ ସଦିଚ୍ଛା ଓ ସହଯୋଗ ନମିଳିଲେ ଉଦ୍ୟମ ସଫଳ ହୋଇପାରିବନାହିଁ ବୋଲି କୁହାଯାଉଛି । ନିଶା କାରବାର ପରୋକ୍ଷରେ ଦାଦନ ସମସ୍ୟା ବଢ଼ାଇବା ସହ ଜିଲ୍ଲା ଅର୍ଥନୀତିକୁ ପ୍ରଭାବିତ କରୁଛି ଓ ଗରୀବରୁ ଗରରୀବତମ ଅବସ୍ଥାକୁ ଆମନ୍ତ୍ରଣ କରୁଛି । ପଛୁଆ ଅଂଚଳରେ ବେଧଡ଼କ ନିଶା କାରବାର ଉପରେ ରୋକ ଲଗାଯାଇ ପାରିଲେ ଆଦିବାସୀ ଜିଲ୍ଲାର ଆର୍ଥିକ ବିକାଶ ସମ୍ଭବ ହୋଇପାରିବ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି । ଏହା ସହ ବେଆଇନ ମଦ କାରବାର ବନ୍ଦ କଲେ ମହିଳା ମାନେ ମଧ୍ୟ ଉପକୃତ ହୋଇ ପାରିଥାନ୍ତେ । ଜିଲାରେ ମଦ କରାବାର ବନ୍ଦ କରିବା ପାଇଁ ବିଧାୟନ ସଭାରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ବାର ବାର ଦାବି କରିଥିବା ବେଳେ ସରକାର ଉଚିତ ପଦକ୍ଷେପ ନେବା ପାଇ ଦାବି ହୋଇଛି ।

## ପୋଲିସ୍ ପକ୍ଷରୁ ସ୍ୱଚ୍ଛ ଭାରତ ଅଭିଯାନ

ମାଲକାନଗିରି, ୨୩/୦୪ (ନି.ପ୍ର): ମାଲକାନଗିରି ଜିଲ୍ଲା କାଲିମେଳା ଥାନା ପୋଲିସ୍ ପକ୍ଷରୁ ବୁଧବାର ଦିନ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଯାହା ସ୍ୱଚ୍ଛ ଓ ନିର୍ମଳ ପରିବେଶ ସୃଷ୍ଟି କରିବାରେ ସହାୟକ ହୋଇଛି । ଥାନା ଅଧିକାରୀ ପ୍ରଭୁ ଦତ ବିଶ୍ୱାଳଙ୍କ ସମେତ ପୋଲିସ୍ କର୍ମଚାରୀମାନେ ସ୍ୱଚ୍ଛତା ବିଷୟରେ ଲୋକଙ୍କୁ ସଚେତନ କରିବା ସହ କାଲିମେଳା ମାର୍କେଟ ଏବଂ ଜଗନ୍ନାଥ ମନ୍ଦିର ପରିସର ସଫା କରି ପରିବେଶକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ । ସ୍ୱଚ୍ଛ ଭାରତ ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଥିବା ବେଳେ ପୋଲିସ୍ ସାଧାରଣ ନାଗରିକଙ୍କ ସହ ମିଶି କାର୍ଯ୍ୟ କରୁଥିବାରୁ ଏହି ଅଭିଯାନ ସ୍ୱଚ୍ଛତା ବଜାୟ ରଖିବା ସହିତ ସୁସ୍ଥ ପରିବେଶ ନିର୍ମାଣରେ ସହାୟକ ହେଉଥିବା ଦେଖିବାକୁ ମିଳୁଛି ।

## ରଙ୍ଗାମାଟିଆରେ ଜୈବିକ ପ୍ରଣାଳୀରେ କୃଷି କାର୍ଯ୍ୟ ନିମନ୍ତେ ମାର୍ଗଦର୍ଶନ କର୍ମଶାଳା

କେନ୍ଦୁଝର, ୨୩/୦୪ (ନି.ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ରଙ୍ଗାମାଟିଆ ଗ୍ରାମ ହାଟ ପଡିଆ ପରିସରରେ ସେଚ୍ଛାସେବୀ ସଂଗଠନ 'ଫାରମର ଟିୟୁଟର ' ଏବଂ ଉମାଶଙ୍କର ସବୁଜ ବାହିନୀ ଲିମିଟେଡ଼ ଆନୁକୂଲ୍ୟରେ ଜୈବିକ ପ୍ରଣାଳୀରେ କୃଷିକାର୍ଯ୍ୟ ନିମନ୍ତେ ମାର୍ଗଦର୍ଶନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଡ଼କ୍ଟର ନାରାୟଣ ଦଣ୍ଡସେନା ଙ୍କ ସଂଯୋଜନାରେ ଅନୁଷ୍ଠିତ କର୍ମଶାଳା ରେ ମୁଖ୍ୟଅତିଥି ଭାବେ ରଙ୍ଗାମାଟିଆ ସରପଂଚ ମାଧୁରୀ ନାଏକ, ସମ୍ମାନିତ ଅତିଥି, ବକ୍ତା ଭାବେ କୃଷି ଅଧୀଦର୍ଶକ ଚିତ ରଞ୍ଜନ ସାହୁ, ପଂଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ନାଏବ ସରପଂଚ ଟିକିରାଣୀ ମହାନ୍ତ, ଓଡିଶା ବିଗ୍ରେଡ଼ ସ୍କୁଲର ଶିକ୍ଷକ ବୀରେନ୍ଦ୍ର କୁମାର ପାତ୍ର, ଲେଖକ, ସଂଗଠକ ଶ୍ରୀ ଡମ୍ବରୁ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲା ବେଳେ ତାଲିମଦାତା ଭାବେ ଘାସିରାମ ରାଣା ଯୋଗଦେଇ ରଙ୍ଗାମାଟିଆ ପଂଚାୟତ ର ଅଗ୍ରଣୀ ଚାଷୀ ମାନଙ୍କୁ ଦିଗଦର୍ଶନ ଦେଇ ଜୈବିକ କୃଷି, ଜୈବିକ ସାର ଜମିରେ ପ୍ରୟୋଗ କରି ମାଟି ମା ' କୁ ବଂଚାଇବାକୁ ମାର୍ଗଦର୍ଶନ କରିଥିଲେ । କୃଷି ଅଧୀଦର୍ଶକ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ସି. ଏମ କିସାନ, ପି. ଏମ କିସାନ ସହାୟତା ରାଶି ପାଇବାକୁ କୃଷକ ରେଜିଷ୍ଟ୍ରେସନ, କୃଷକ ଓଡିଶା ପୋଟାଲ ରେ ନିଜ ନାମ ପଞ୍ଜିକରଣ କରିବାକୁ କହିଥିଲେ । ଟ୍ରେନର ଘାସିରାମ ରାଣା ଜୈବିକ ସାର ଓ ଖତ ପ୍ରସ୍ତୁତି ର ପ୍ରଣାଳୀ ବାବଦରେ ଚାଷୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ । କାର୍ଯ୍ୟକ୍ରମ ରେ ରଙ୍ଗାମାଟିଆ ପଂଚାୟତର ରରୁଆଁଗୋଡ଼ା, ଚିଲିକାପଣି, ବାଙ୍କିଆ, ଟିଆଁସିପଣି, ହୃଦୁରାମପୁର, ପୋଖରୀଆ ଇତ୍ୟାଦି ଗ୍ରାମରୁ ସହସ୍ରାଧିକ ମହିଳା, ପୁରୁଷ ଅଗ୍ରଣୀ ଚାଷୀମାନେ ଯୋଗ ଦେଇ ଅଂଶଗ୍ରହଣ କରିଥିଲେ । ଚାଷୀ ମାନଙ୍କ ଯୋଗାଯୋଗ ରେ ଯଜ୍ଞଦତ କୁମ୍ଭାର, ତୁଳସୀ ନାଗ, ବସନ୍ତ ପଟେଲ, ଦୀନବନ୍ଧୁ ସାହୁ ପ୍ରମୁଖ ପରିଚାଳନାରେ କର୍ମଶାଳା ପରିଚାଳିତ ହୋଇଥିଲା ।

# ୫ କ୍ୱିଂଟାଲ ଖଇର କାଠ ଜବତ

ବଲାଙ୍ଗିର, ୨୩/୦୪ (ନି.ପ୍ର): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ରେଞ୍ଜ ଅଧିନରେ ଆଜି ଚୋରାଚାଲାଣ ପାଇଁ ଗଚ୍ଛିତ ରଖା ଯାଇଥିବା ୫ କ୍ୱିଂଟାଲ ଖଇର କାଠକୁ ଜବତ୍ କରିଛି ସ୍ଥାନୀୟ ବନ ବିଭାଗ । ସୂଚନା ଅନୁସାରେ, ଆଜି ମୁରିବାହାଲ ରେଞ୍ଜ ଗୁଲମି ଜଙ୍ଗଲରୁ ୫ କ୍ୱିଂଟାଲ ଖଇର କାଠ ଚୋରାଚାଲାଣ ପାଇଁ ରଖାଯାଇଥିବା ନେଇ କୌଣସି ସୂତ୍ରରୁ ଖବର ପାଇଥିଲେ ବଲାଙ୍ଗୀର ଡି.ଏଫ୍.ଓ ଅଜିତ୍ ବିଶି । ଏନେଇ ସେ ବଲାଙ୍ଗୀର ବନଖଣ୍ଡର ମୋବାଇଲ ସ୍କ୍ୱାର୍ଡକୁ ଘଟଣା ସ୍ଥଳକୁ ପଠାଇବା ସହ ମୁରିବାହାଲ ରେଞ୍ଜର ପି. କୁମ୍ଭାରଙ୍କୁ ସୂଚନା ଦେଇଥିଲେ । ସୂଚନା ପାଇ ମୁରିବାହାଲ ରେଞ୍ଜରଙ୍କ ନେତୃତ୍ୱରେ ଗୁଲମୀ ଫରେଷ୍ଟର ସତ୍ୟମ୍ ମହାନ୍ତି, ଡ଼ଙ୍ଗାବାଞ୍ଜି ଫରେଷ୍ଟର ମନୋଜ୍ ଦଣ୍ଡସେନା, ମୁରିବାହାଲ ଫରେଷ୍ଟର ଧ୍ରୁବ ବଗର୍ତ୍ତୀ, ଫରେଷ୍ଟ ଗାର୍ଡ ଧରିତ୍ରୀ ବାରିକ୍, ନିଲୁ ବରିହାଙ୍କ ସମେତ ମୁରିବାହାଲ ରେଞ୍ଜ ଅଧୀନର ସମସ୍ତ ଆଇ.ପି.ସି.ଇ.ଏ ସ୍କ୍ୱାର୍ଡ ଆଜି ସକାଳ ପ୍ରାୟ ୧୦ ଟାରେ ମୁରିବାହାଲ ରେଞ୍ଜ ଅଧିନ ବାରବନ୍ଧ କେନ୍ଦୁପତ୍ର ଫଡ଼ି ନିକଟରେ ଥିବା ଜଣେ ବ୍ୟକ୍ତିଙ୍କ ଚାଷ ଜମିରେ ଚଢ଼ାଉ କରିଥିଲେ । ଚଢ଼ାଉ ବେଳେ ସଂପୃକ୍ତ ଚାଷ ଜମିରେ ଚୋରା ଚାଲାଣ ପାଇଁ କଟା ହୋଇ ଗଚ୍ଛିତ ରଖାଯାଇଥିବା ୫ କ୍ୱିଂଟାଲ ମୂଲ୍ୟବାନ ଖଇର କାଠକୁ ଜଙ୍ଗଲ ବିଭାଗ ଜବତ୍ କରିଥିବା ବେଳେ ଏଥିରେ ସଂପୃକ୍ତ ଚୋରା ଚାଲାଣକାରୀଙ୍କ ଟେର୍ ସୁଦ୍ଧା ପାଇ ପାରିନି ଚଢ଼ାଉକାରୀ ବନବିଭାଗ । ତେବେ ଜବତ୍ ହୋଇଥିବା ଖଇର କାଠର ଆନୁମାନିକ ବଜାର ମୂଲ୍ୟ ୨୫ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ଏହି ଘଟଣାରେ ଜଙ୍ଗଲ ସୁରକ୍ଷା ନାଁରେ ସ୍ଥାନୀୟ ବନ ବିଭାଗର 'ଚୋରାପ୍ରୀତି' ଚର୍ଚ୍ଚାର ବିଷୟ ପାଲଟିଛି । ଏହି ଚଢ଼ାଉ ପଛରେ ସ୍ଥାନୀୟ ବନ ଅଧିକାରୀ ନୁହେଁ, ବରଂ ବନଖଣ୍ଡ ଅଧିକାରୀ ଙ୍କ ସିଧାସଳଖ ହସ୍ତକ୍ଷେପ ରହିଥିବା ସାମ୍ନାକୁ ଆସିଛି । ଯାହାକୁ ନେଇ ଏବେ ସ୍ଥାନୀୟ ବନ ବିଭାଗର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଠି ପ୍ରଶ୍ନ ଉଠୁଛି ସ୍ଥାନୀୟ ଅଧିକାରୀଙ୍କୁ କାହିଁକି ଏଡ଼ାଇ ଯାଉଛନ୍ତି ସୂଚନା ପ୍ରଦାନକାରୀ ? ସାଧାରଣତଃ କୌଣସି ବେଆଇନ କାର୍ଯ୍ୟର ସୂଚନା ସ୍ଥାନୀୟ ବିଭାଗୀୟ ଅଧିକାରୀଙ୍କୁ ଦିଆଯାଇଥାଏ । କିନ୍ତୁ ସାମ୍ପ୍ରତିକ ଘଟଣା ମାନଙ୍କରେ ଦେଖିବାକୁ ମିଳୁଛି ଯେ, ସୂଚନାଦାତା ମାନେ ସ୍ଥାନୀୟ ରେଞ୍ଜର ବା ଫରେଷ୍ଟରଙ୍କୁ ଭରସା ନକରି ସିଧାସଳଖ ଉପରିସ୍ଥ ଅଧିକାରୀ ଙ୍କ ସହ ଯୋଗାଯୋଗ କରୁଛନ୍ତି । ଏହା ପଛର କାରଣ ଅତି ସ୍ପଷ୍ଟ । ସୂଚନା ପ୍ରଘଟ ହେବାର ଭୟ ଏବଂ ବିଭାଗୀୟ ଅଧିକାରୀଙ୍କ ଚୋରା ମାଫିଆଙ୍କ ସହ ଥିବା ଅସାଧୁ ମେଂଟ । ଅଭିଯୋଗ ହେଉଛି ଯେ, ସୂଚନାଦାତା ଜଣକ ସ୍ଥାନୀୟ ଅଫିସକୁ ଖବର ଦେବା ମାତ୍ରେ ସେହି ଖବର ଚୋରା କାରବାର କରୁଥିବା ମାଫିଆଙ୍କ ପାଖରେ ପହଂଚି ଯାଉଛି । ଫଳରେ ବନ ବିଭାଗ ପହଂଚିବା ପୂର୍ବରୁ ଅପରାଧୀ ମାନେ ଛତ୍ରଭଙ୍ଗ ଦେଉଛନ୍ତି । ଚୋରା କାରବାର କରୁଥିବା ମାଫିଆ ଓ ସ୍ଥାନୀୟ ବନ କର୍ମଚାରୀଙ୍କ ମଧ୍ୟରେ 'ମାସିକିଆ' ବୁଝାମଣା ଯୋଗୁଁ ଅନେକ ସମୟରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ସୂଚନାଦାତାଙ୍କ ପରିଚୟ ଗୋପନ ରଖିବାରେ ସ୍ଥାନୀୟ ବିଭାଗୀୟ ଅଧିକାରୀମାନେ ବିଫଳ ହେଉଥିବାରୁ ଲୋକେ ଏବେ ଜିଲ୍ଲା ସ୍ତରୀୟ ଅଧିକାରୀଙ୍କ ଉପରେ ଅଧିକ ଆସ୍ଥା ପ୍ରକଟ କରୁଛନ୍ତି । ଜଙ୍ଗଲରୁ ଖଇର କାଠ କଟାଯାଇ ଚୋରା ଚାଲାଣ ପାଇଁ ଲୁଚାଇ ରଖାଯାଇଥିଲା । ଡିଏଫଓ ଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରି ଏହାକୁ ଜବତ୍ କରାଯାଇଛି । ଯଦିଓ କାଠ ଜବତ୍ ହୋଇଛି, କିନ୍ତୁ ପ୍ରକୃତ ମାଫିଆ ମାନେ ଏବେ ବି ଧରାଛୁଆଁ ବାହାରେ । ଏଥିରୁ ସ୍ପଷ୍ଟ ଅନୁମେୟ ଯେ, ସ୍ଥାନୀୟ କର୍ମଚାରୀଙ୍କ ଛତ୍ରଛାୟା ତଳେ ଏହି କାରବାର ଫୁଲୁଛି ଫଳୁଛି । ଜଙ୍ଗଲ ସମ୍ପଦକୁ ରକ୍ଷା କରିବା ପାଇଁ ଯଦି ରକ୍ଷକ ହିଁ ଭକ୍ଷକ ସାଜିବେ, ତେବେ ଆଗାମୀ ଦିନରେ ମୂଲ୍ୟବାନ ଜଙ୍ଗଲ ସମ୍ପଦ ସମ୍ପୂର୍ଣ୍ଣ ଲୋପ ପାଇଯିବ । ସ୍ଥାନୀୟ ଅଧିକାରୀଙ୍କ ଏଭଳି ସନ୍ଦେହଜନକ ଭୂମିକା ଉପରେ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ କର୍ମଚାରୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଂଚଳବାସୀ ଦାବି କରିଛନ୍ତି ।

## ସାର ହୋଲସେଲର ଗୋଦାମରେ ଚଢାଉ

ଜୟପୁର, ୨୩/୦୪ (ନି.ପ୍ର): କୋରାପୁଟ ଜିଲ୍ଲା ପ୍ରଶାସନ ପକ୍ଷରୁ ସାର କଳାବଜାର ବନ୍ଦ କରିବା ନେଇ ଚଢଉ ଆରମ୍ଭ କରାଯାଇଛି । ଆଜି କୃଷିବିଭାଗ ପକ୍ଷରୁ ବୋରିଗୁମ୍ମା ଅଞ୍ଚଳର କରୁଣାମୟ ଫର୍ଟ ଲାଇଜର ଦୋକାନରେ ଚଢାଉ କରାଯାଇଥିଲା । ଗୋଦାମରେ ଗଚ୍ଛିତ ସାର,୭.୬ ମେଟ୍ରିକ ଟନ ସାର ବିକ୍ରି କରିବାର କାଗଜ ପତ୍ର ଯାଞ୍ଚ କରାଯାଇଥିଲା । ଏଥିରେ ଅନିୟମିତତା ରହିଥିବା ଜଣା ପଡିବା ପରେ କୃଷି ବିଭାଗ ପକ୍ଷରୁ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପୂର୍ବରୁ କାରଣଦର୍ଶାଅ ନୋଟିସ ଜାରି କରାଯାଇଛି । ଏହି ଚଢଉ ଓ ଯାଞ୍ଚ ବେଳେ କୋରାପୁଟ ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର,ବୋରିଗୁମ୍ମା ତହସିଲଦାର ଶୋଭନ କୁମାର ବେହେରା,ସହକାରୀ କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସହକାରୀ ଜିଲ୍ଲା କୃଷି ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ସହକାରୀ ଜିଲ୍ଲା କୃଷି ଅଧିକାରୀ କାହ୍ନୁ ଚରଣ ଦାସ, ବୋରିଗୁମ୍ମା ବିଏଓ ରାଜ କିଶୋର ସ୍ୱାଇଁ, କୁମୁଲି ଏଏଓ ସିବାନୀ ସୁଆର, ଶୁଶ୍ରିତା ପ୍ରିୟଦର୍ଶନୀଙ୍କ ସମେତ ବୋରିଗୁମ୍ମା ପୁଲିସ କର୍ମଚାରୀ ଉପସ୍ଥିତ ଥିଲେ ।

## ମାଲକାନଗିରିରେ ପୋଷଣ ପଖୱାଡା ପାଳିତ: ଶିଶୁ ଓ ମାତୃ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱ

ମାଲକାନଗିରି, ୨୩/୦୪ (ନି.ପ୍ର): ମାଲକାନଗିରି ପ୍ରକଳ୍ପ ସ୍ତରୀୟ ପୋଷଣ ପଖୱାଡା ଆଜି ଅତ୍ୟନ୍ତ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ମା ଓ ଶିଶୁଙ୍କ ମଧ୍ୟରେ ସୁସ୍ଥ ଖାଦ୍ୟାଭ୍ୟାସର ପ୍ରସାର, ପୋଷଣ ସଚେତନତା ସୃଷ୍ଟି କରିବା ଏବଂ ଅପୃଷ୍ଟି ନିବାରଣ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଉପ-ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ନିରଞ୍ଜନ ହାଲଦାର ଉପସ୍ଥିତ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ମାଲକାନଗିରି ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ସବ୍-ଡିଭିଜନ ପ୍ରୋଗ୍ରାମ ଅଫିସର, ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟର ଅଧିକାରୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏବଂ ଆସ୍ପିରେସନାଲ ଡିଷ୍ଟ୍ରିକ୍ଟ ପ୍ରୋଗ୍ରାମ ତରଫରୁ ରାଜାରାମ ଶତପଥି ପ୍ରମୁଖ ଯୋଗ ଦେଇଥିଲେ । ମାଲକାନଗିରି ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ରେଖା ଶୁଭା ସୁନ୍ଦରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରକଳ୍ପ ଅଧୀନସ୍ଥ ସମସ୍ତ ମଣ୍ଡଳ ପରିଦର୍ଶିକା, ଅଙ୍ଗନବାଡି କର୍ମୀ ଓ କିଶୋରୀ ବାଳିକାମାନେ ବହୁ ସଂଖ୍ୟାରେ ସାମିଲ ହୋଇଥିଲେ ।

ଏହି ଅବସରରେ ଅଙ୍ଗନବାଡି କର୍ମୀମାନେ ଗର୍ଭବତୀ ଓ ପ୍ରସୂତି ମା'ମାନଙ୍କୁ ସଠିକ୍ ଖାଦ୍ୟପେୟ ଓ ପୋଷଣ ବିଷୟରେ ପରାମର୍ଶ ଦେଇଥିଲେ । ଶିଶୁମାନଙ୍କ ପାଇଁ ସନ୍ତୁଳିତ ଆହାର, ବିଶେଷ କରି ସ୍ଥାନୀୟ ଖାଦ୍ୟ ପଦାର୍ଥ ଓ ମିଲେଟ୍ର ଉପକାରିତା ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଯାଇଥିଲା । ପୋଷଣ ପଖୱାଡା ପାଳନ ଅବସରରେ ଏକ ବିଶାଳ ରାଲି, ପୋଷ୍ଟର ପ୍ରଦର୍ଶନୀ ଏବଂ ସୁସ୍ଥ ରନ୍ଧନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏଥିସହିତ ସ୍ୱଚ୍ଛତା, ପରିଷ୍କାର ପରିବେଶ ଏବଂ ନିୟମିତ ହାତ ଧୋଇବା ଭଳି ସ୍ୱାସ୍ଥ୍ୟକର ଅଭ୍ୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଅପୃଷ୍ଟି ମୁକ୍ତ ସମାଜ ଗଠନ ପାଇଁ ସମସ୍ତେ ମିଳିମିଶି କାର୍ଯ୍ୟ କରିବାକୁ ଏହି ସଭାରେ ସଂକଳ୍ପ ନିଆଯାଇଛି ।

## ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

କେନ୍ଦୁଝର, ୨୩/୦୪ (ନି.ପ୍ର): କେନ୍ଦୁଝରଠାରେ ଜିଲ୍ଲାସ୍ତରୀୟ ଧରଣୀଧର ଜୟନ୍ତୀ ଆୟୋଜନର ବିଭିନ୍ନ ବ୍ୟବସ୍ଥା ସମୀକ୍ଷା କରିବା ପାଇଁ ଆଜି ଏକ ପ୍ରସ୍ତୁତି ବୈଠକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ କ୍ଷୁଦ୍ର ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି ।

ଜିଲ୍ଲାପାଳ ବିଶାଳ ସିଂହଙ୍କ ନିର୍ଦ୍ଦେଶକ୍ରମେ ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିଭାବେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ, କେନ୍ଦୁଝରର ଅଧ୍ୟକ୍ଷା ଶ୍ରୀମତୀ ମମିତା ନାଏକ ଯୋଗଦେଇଥିବା ବେଳେ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଶିବଶଙ୍କର ମିଶ୍ର, ଭୂୟାଁ ସାଂସ୍କୃତିକ ସଙ୍ଘର ସମ୍ପାଦକ ଶ୍ୟାମସୁନ୍ଦର ନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ଚନ୍ଦ୍ର ନାଏକ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାୟଙ୍କ ସମେତ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ । ୫ ମଇ, ୨୦୨୬ ରେ କେନ୍ଦୁଝର ଜିଲ୍ଲା ଅଡିଟୋରିୟମ୍ ଠାରେ ଜିଲ୍ଲାସ୍ତରୀୟ ବିପ୍ଳବୀ ଧରଣୀଧରଙ୍କ ଜୟନ୍ତୀ ପାଳନ କରାଯିବା ସହ ଜିଲ୍ଲାର ଅନ୍ୟ ସମସ୍ତ ସ୍ଥାନରେ ମଧ୍ୟ ସମାନ୍ତରାଳ ଭାବେ ଜୟନ୍ତୀ ଉତ୍ସବ ଧୂମଧାମରେ ପାଳନ କରାଯିବା ନେଇ ନିଷ୍ପତ୍ତି ହୋଇଥିଲା । ଜୟନ୍ତୀ ସମାରୋହର ସୁପରିଚାଳନା ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା । ବିଭାଗ ମଧ୍ୟରେ ସମନ୍ୱୟ ଏବଂ ଜନସାଧାରଣଙ୍କ ଅଂଶଗ୍ରହଣ ଭଳି ପ୍ରମୁଖ ଦିଗଗୁଡ଼ିକ ଉପରେ ଆଲୋଚନା କରାଯାଇଥିଲା ।

ଅନୁଷ୍ଠାନର ପ୍ରମୁଖ ବିଷୟବସ୍ତୁ ମଧ୍ୟରେ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ବିଭିନ୍ନ କ୍ଷେତ୍ରରେ ସେମାନଙ୍କ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତି ଓ ଉତ୍କୃଷ୍ଟତା ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା । ଏହି ଉତ୍ସବର ଗୁରୁତ୍ୱ ସହିତ ମର୍ଯ୍ୟାଦାପୂର୍ଣ୍ଣ ଏବଂ ସୁସମନ୍ୱିତ ଢଙ୍ଗରେ ଉତ୍ସବ ପାଳନ ସୁନିଶ୍ଚିତ କରିବା ଉପରେ ଆଲୋଚନା କରାଯାଇଥିଲା । ଜୟନ୍ତୀର ସଫଳ ଆୟୋଜନା ପାଇଁ ପୂର୍ବରୁ ସମସ୍ତ ବ୍ୟବସ୍ଥା କରିବାକୁ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଥିଲା ।

## ସୁବର୍ଣ୍ଣପୁର ଜିଲ୍ଲାର ୬ ତହସିଲରେ ହାଇଟେକ ସର୍ଭେର ଚୂଡ଼ାନ୍ତ ପଟ୍ଟା ବଂଟନ ଆରମ୍ଭ

ସୁବର୍ଣ୍ଣପୁର, ୨୩/୦୪ (ନି.ପ୍ର): ଆଜିଠାରୁ ସୁବର୍ଣ୍ଣପୁର ଜିଲ୍ଲାର ଅତି ପ୍ରତିକ୍ଷୀତ ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଂଟନ କାର୍ଯକ୍ରମର ଶୁଭାରମ୍ଭ ହୋଉଛି । ଆଜି ପୂର୍ବାହ୍ନରେ ପ୍ରଥମ ଦିନରେ ଜିଲ୍ଲାର ୬ଟି ତହସିଲରେ ୧୬୦ରୁ ଅଧିକ ପଟ୍ଟା ବଂଟନ କରାଯାଇଛି ।

ସୁବର୍ଣ୍ଣପୁର ଜିଲ୍ଲା ଯୋଜନା ଓ ପର୍ଯବେକ୍ଷଣ କମିଟିର ଅଧକ୍ଷ ତଥା ବୀରମହାରାଜପୁରର ବିଧାୟକ ଇଂ ରଘୁନାଥ ଜଗଦଲା ନିଜେ ଉପସ୍ଥିତ ରହି ବୀରମହାରାଜପୁର ତହସିଲ ଅନ୍ତର୍ଗତ ପିତାମହୁଲ ଠାରେ ଚୌହାନପୁର ମୌଜାର ହାଇଟେକ ସର୍ଭେର ଚୂଡାନ୍ତ ପଟ୍ଟା ବଣ୍ଟନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ ନୃପରାଜ ସାହୁ, ଉପଜିଲ୍ଲାପାଳ ଶ୍ରୀ ସୁରେନ୍ଦ୍ର ମେହେର, ସାଂସଦଙ୍କ ପ୍ରତିନିଧି ଶ୍ରୀମତୀ ନଳିନୀ ପଣ୍ଡା ଏବଂ ସମାଜସେବୀ ଶ୍ରୀ ବେଣୁଧର ଦାଶ ଯୋଗ ଦେଇଥିଲେ । ବୀରମହାରାଜପୁର ତହସିଲଦାର ସୁଶ୍ରୀ ସୁଚିସ୍ମିତା ପାଣିଗ୍ରାହୀ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଚୌହାନପୁର ମୌଜାର ମୋଟ ୨୫ ଜଣ ରୟତଙ୍କୁ ପଟ୍ଟା ପ୍ରଦାନ କରାଯାଇଛି । ସେହିପରି ଉଲୁଣ୍ଡା ତହସିଲର ଘମଡିଆପାଲି ଗ୍ରାମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଶ୍ରୀ ରାଜେନ୍ଦ୍ର ମାଝୀ ନିଜେ ଉପସ୍ଥିତ ରହି ୭୯ଟି ପଟ୍ଟା ବଂଟନ କରିଥିଲେ । ଜିଲ୍ଲାର ସୋନପୁର ତହସିଲ ଅନ୍ତର୍ଗତ ଶିଆଳଜୁରୀରେ ୩୮ ଜଣ ଗ୍ରାମବାସୀଙ୍କୁ ପଟ୍ଟା ଦିଆଯାଇଥିଲା । ଏହି ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ଉପଜିଲ୍ଲାପାଳ ଡ଼ ସୌମ୍ୟ ରୁପା ରଥ, ତହସିଲଦାର କି ରଶ୍ମିରେଖା ଓ ଡେପୁଟି କଲେକ୍ଟର ସିଦ୍ଧାର୍ଥ ଦାସ ଉପସ୍ଥିତ ଥିଲେ । ବିନକା ଏବଂ ରାମପୁର ତହସିଲରେ ୮ଟି ଲେଖାଏ ପଟ୍ଟା ବଂଟନ କରାଯାଇଛି ଏବଂ ତରଭାରେ ୪ ଟି ପଟ୍ଟା ବଂଟନ ହୋଇଛି । ଏହି ଅବସରରେ ଜିଲ୍ଲାପାଳ ଡ଼ ସାହୁ କହିଥିଲେ ଯେ, ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ ପୂଜାରୀଙ୍କ ସହିତ ବୈଠକରେ ହୋଇଥିବା ନିଷ୍ପତି ଅନୁସାରେ ଏହି କାର୍ଯକ୍ରମ ଆରମ୍ଭ ହୋଇଛି । ଦଶନ୍ଧିଧରି ଚାଲିଥିବା ସମସ୍ୟାକୁ ଏହା ଦୂର କରିବ । ସୂଚନା ଯୋଗ୍ୟ ଯେ, ସୁବର୍ଣ୍ଣପୁର ଜିଲ୍ଲାର ୯୮୯ଟି ଗ୍ରାମ ମଧ୍ୟରୁ ୬୦୮ଟି ଗ୍ରାମରେ ସର୍ଭେ ସମାପ୍ତ ହୋଇଥିବାବେଳେ ଅବଶିଷ୍ଟ ଗ୍ରାମର କାମ ଅତିଶୀଘ୍ର ସାରିବାର ଲକ୍ଷ୍ୟ ରହିଛି । ଯେଉଁ ଗ୍ରାମମାନଙ୍କର ସର୍ଭେ ସରିଛି ସେହି ଗ୍ରାମ ମାନଙ୍କର ପଟ୍ଟା ବଣ୍ଟନ ଏବଂ ରହିଯାଇଥିବା ଗ୍ରାମମାନଙ୍କର ହାଇଟେକ ସର୍ଭେ କାମ ଏକା ସାଙ୍ଗରେ ଚାଲିବ ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି ।

## ଶ୍ରମ କୋଡ ପ୍ରତ୍ୟାହାର ଦାବିରେ ସିଟୁର ବିକ୍ଷୋଭ

ପୁରୀ, ୨୩/୦୪ (ନି.ପ୍ର): ଶ୍ରମ କୋଡ ପ୍ରତ୍ୟାହାର ଦାବିରେ ବୁଧବାର ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସିଟୁ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ମୋଦୀ ସରକାରଙ୍କ କର୍ପୋରେଟ ପ୍ରୀତି ମାଲିକ ସପକ୍ଷରେ ଶ୍ରମ୍ କୋଡ ଆଇନ ଶ୍ରମିକର ଅଧୀକାର ଅପହରଣ କଲେ । ଶ୍ରମିକ କର୍ମଚାରୀ ଦରମା ଇପିଏଫ ଇଏସ୍ଆଇ ଗ୍ରାଚୁଇଟ ମାଗିଲେ ଛଟେଇ ଧମକ । ଆନ୍ଦୋଳନ ପ୍ରତିବାଦ କଲେ ମିଥ୍ୟା ମାମଲାରେ ପୋଲିସ ଲଗାଇ ବାନ୍ଧିଛନ୍ତି । ଯାହା ଦିଲ୍ଲୀ ହରିୟାଣା ସମେତ ବିଭିନ୍ନ ସ୍ଥାନରେ ଶ୍ରମିମାନଙ୍କୁ ଗିରଦାରୀକୁ ନିନ୍ଦା କରିଛି ସିଟୁ । ଆଜି ପୁରୀ ଜିଲ୍ଲା କମିଟି ପକ୍ଷରୁ ଜିଲ୍ଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରତିବାଦ କରି କୁହାଯାଇଛି ଯେ ଠିକା ପ୍ରଥା ଶ୍ରମିକ ମାନଂକୁ କାମରେ ଲଗାଇ ଶ୍ରମ ଶୋଷଣ କରୁଛି ବିଜେପି ସରକାର । ଏବେ ଆଠ ଘଂଟା ରୁ ୧୨ଘଂଟା ଶ୍ରମ ଦିବସ ପାଇଁ ସରକାର ଘୋଷଣା କଲେ । ଦରମା ବଢ଼ିଲା ନାହିଁ । ଶ୍ରମ କୋର୍ଡ ରେ ଇପିଏଫ ଇଏସ୍ଆଇ ଶ୍ରମିକ ପାଇଁ ଇଚ୍ଛାଧୀନ ହେଲା । ଫଳରେ ସାମଜିକ ନିରାପତା ପାଇବେ ନାହିଁ ଶ୍ରମିକ । ଶ୍ରମ ଅଫିସ ତା ପାଇଁ କେବଳ ବୁଝାମଣା ଅଫିସ ଭାବେ କାର୍ଯ୍ୟ କରିବ । ଆଇନ ଗତ ଭାବେ ମାଲିକ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ । ଏଣୁ ୮ଘଂଟିଆ ଶ୍ରମ ଦିବସ, ମାସିକ ମଜୁରୀ ୨୬ ହଜାର ଟଙ୍କା, ଖାଲି ଥିବା ପଦବୀ ରେ ସ୍ଥାୟୀ ନିଯୁକ୍ତି, ସମାନ କାମକୁ ସମାନ ଦରମା, ଆଉଟ୍ ସୋର୍ସିଂ ପ୍ରଥା ଉଚ୍ଛେଦ, ଶ୍ରମ କୋର୍ଡ ପ୍ରତ୍ୟାହର, ଅଟୋ ଚାଳକ ପାଇଁ କଲ୍ୟାଣ ବୋର୍ଡ, ଚାଳକ ମାନଙ୍କ ଉପରେ ବେଆଇନ୍ ଜୋରିମାନା ବନ୍ଦ, ଦିଲ୍ଲୀ ହରିୟାଣା ରେ ଗିରଫ ଶ୍ରମିକ କର୍ମଚାରୀ ଙ୍କୁ ଖଲାସ ସହ ମିଥ୍ୟା ମକଦ୍ଦମା ପ୍ରତ୍ୟାହର, ପ୍ରବାସୀ ଶ୍ରମିକ ମାନଙ୍କୁ ଏଲପିଜି ସିଲିଣ୍ଡର ଯୋଗାଇବା ପାଇଁ ଦାବୀ ପତ୍ର ଜିଲ୍ଲା ପାଳଙ୍କ ମାଧ୍ୟମରେ ମୁଖ୍ୟ ମନ୍ତ୍ରୀ ଙ୍କୁ ଦିଆଯାଇଛି । ଏଥିରେ ସିଟୁ ପୁରୀ ଜିଲ୍ଲା ସମ୍ପାଦକ ଶରତ କୁମାର ରାୟଗୁରୁ, ଜଗନ୍ନାଥ ଦେଓ, ଟୁନା ନାୟକ, ସୁନୀଲ ମହାରଣା, ଟୁନା ବାରିକ, ଦାଶରଥି ସାହୁ, ରଶ୍ମୀତା ଗୋଛିକାର, ପୂର୍ଣ୍ଣ ମୁଦୁଲି, ବାହନ ପରିଡା, ଅନୀଲ ସୁବୁଦ୍ଧି, ସୁଜାତା ବିଶ୍ୱାସ ପ୍ରମୂଖ ଡବଲ ଇଞ୍ଜିନ ସରକାରଙ୍କ ଜନ ବିରୋଧୀ ଓ ଶ୍ରମିକ ବିରୋଧୀ ଆଇନକୁ ସମାଲୋଚନା କରିଥଲେ ।

## ପୋଷଣ ପଖୱାଡା-୨୦୨୬ ଅନ୍ତର୍ଗତ 'ମା ଏବଂ ଶିଶୁ ପୁଷ୍ଟିସାର' ସମ୍ପର୍କିତ ସଚେତନତା

ସମ୍ବଲପୁର, ୨୩/୦୪ (ନି.ପ୍ର): ୮ତମ ପୋଷଣ ପଖୱାଡା ୨୦୨୬ ପାଳନର ଏକ ଅଂଶ ସ୍ୱରୂପ ସମ୍ବଲପୁରରେ ଏପ୍ରିଲ ୯ ତାରିଖରୁ ଏପ୍ରିଲ ୨୩ ତାରିଖ ପର୍ଯ୍ୟନ୍ତ ପାଳିତ ହେଉଛି । ଏହି ଅବସରରେ ସମ୍ବଲପୁର ଡିଭିଜନାଲ ରେଳ ହସ୍ପିଟାଲରେ 'ମା ଏବଂ ଶିଶୁ ପୁଷ୍ଟିସାର' ବିଷୟବସ୍ତୁ ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ସଫଳତାର ସହିତ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଡକ୍ଟର ଟି.ଏସ.ଜି. ଅର୍ଜୁନ, ଏଡିଏମଓ (ପିଡିଆଟ୍ରିକ୍ସ)/ ସମ୍ବଲପୁରଙ୍କ ଦ୍ୱାରା ଏକ ସୂଚନାପ୍ରଦ ସଚେତନତା ଆଲୋଚନା କରାଯାଇଥିଲା, ସେ ଶୈଶବର ପ୍ରାରମ୍ଭିକ ଦିନ ଗୁଡ଼ିକରେ ଉପଯୁକ୍ତ ପୁଷ୍ଟିସାରର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ଆଲୋକପାତ କରିଥିଲେ ଯେ ସନ୍ତୁଳିତ ପୁଷ୍ଟିସାର ସୁସ୍ଥ ଶାରୀରିକ ବିକାଶ ସହିତ ପିଲାମାନଙ୍କର ମାନସିକ, ମନସ୍ତାତ୍ତ୍ୱିକ ଏବଂ ସାମାଜିକ ବିକାଶ ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ । ସଚେତନତା ଅଧିବେଶନ ପରେ, ଅଂଶଗ୍ରହଣକାରୀ ପିଲାମାନଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଯାଂଚ ଶିବିର ଆୟୋଜନ କରାଯାଇଥିଲା, ଯାହା ସେମାନଙ୍କୁ ଆବଶ୍ୟକୀୟ ଡାକ୍ତରୀ ମୂଲ୍ୟାଙ୍କନ ଏବଂ ମାର୍ଗଦର୍ଶନ ପ୍ରଦାନ କରିଥିଲା । ଏହି କାର୍ଯ୍ୟକ୍ରମରେ ମୋଟ ୪୭ ଜଣ ହିତାଧିକାରୀ ଯୋଗ ଦେଇଥିଲେ ଏବଂ ସଚେତନତା ଅଧିବେଶନ ଏବଂ ସ୍ୱାସ୍ଥ୍ୟ ପରୀକ୍ଷାର ଲାଭ ଉଠାଇଥିଲେ ।

## ସୋଲାର ଲାଇଟ୍ ଦୁର୍ନୀତିର ଭିଜିଲାନ୍ସ ତଦନ୍ତ ଦାବି

ଝାରସୁଗୁଡ଼ା, ୨୩/୦୪ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା କୋଲାବିରା ବ୍ଲକ ର ୬ଟି ପଂଚାୟତରେ ଗତ ୨୦୨୨ ମସିହାରେ ୧ କୋଟି ୯୦ ଲକ୍ଷ ୯୦ ହଜାର ୫ ଶହ ଟଙ୍କା ବ୍ୟୟ ଅଟକଳରେ ଲାଗିଥିବା ସୋଲାର ଷ୍ଟ୍ରିଟ୍ ଲାଇଟ୍ରର ଭିଜିଲାନ୍ସ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଦାବୀ ହୋଇଛି । ସୋଡାମାଳ ପଂଚାୟତର ପୂର୍ବତନ ସରପଂଚ ବଳରାମ ପାଣ୍ଡେ କୋଲାବିରାରେ ଅନୁଷ୍ଠିତ ଜିଲାସ୍ତରୀୟ ଜନଅଭିଯୋଗ ଶୁଣାଣିରେ ଯୋଗଦେଇ କରିଥିବା ଦାବୀ ଅନୁଯାୟୀ କେନ୍ଦ୍ର ସରକାରଙ୍କ ଗୁର୍ବାନ ଯୋଜନାରେ କୋଲାବିରା ବ୍ଲକ ଅଧିନସ୍ଥ ସୋଡାମାଳ, ସମାସିଂହା, କୁଲିହାମାଲ, ପୋଖରାସାହ୍ଲେ, ଝିର୍ଲାପାଲି ଓ କୋଲାବିରା ପଂଚାୟତର ବିଭିନ୍ନ ଛକ ମାନଙ୍କରେ ସୋଲାର ଷ୍ଟ୍ରିଟ୍ ଲାଇଟ୍ ଲଗାଯାଇଥିଲା । ଏଥିରେ ପାଖାପାଖି ୨ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା । ବିଡ଼ିଓ ଙ୍କ ପକ୍ଷରୁ ଭୁବନେଶ୍ୱର ଓରେଡା ସଂସ୍ଥା କୁ ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଦାୟିତ୍ୱ ଦିଆଯାଇଥିଲା । ଏହି ସଂସ୍ଥା ଜରିଆରେ ଟେଣ୍ଡର ଫିକ୍ସିଙ୍ଗ କରାଯାଇ ଓଏସଆଇସି ଲିମିଟେଡ ସଂସ୍ଥା କୁ ଠିକା ଦିଆଯାଇଥିଲା । ଏହି ସଂସ୍ଥା ତରଫରୁ ସ୍ଥାନୀୟ ଠିକାଦାର ଏହାର କାର୍ଯ୍ୟ ସମ୍ପାଦନ କରିଥିଲେ । ଟେଣ୍ଡର କୁ ଝାରସୁଗୁଡ଼ା ଜିଲ୍ଲାରେ ପ୍ରସାରିତ ନଥିବା ଏକ ଛୋଟିଆ ଖବର କାଗଜରେ ପ୍ରକାଶନ କରାଯାଇଥିଲା । ଟେଣ୍ଡର ର ନୋଟିସ ବ୍ଲକ କିମ୍ବା ଜିଲ୍ଲାର କୌଣସି ଅଫିସର ନୋଟିସ ବୋର୍ଡ ରେ ଦିଆଯାଇନଥିଲା । ଟେଣ୍ଡର ଅନୁଯାୟୀ ସୂର୍ଯ୍ୟ ଓ ହାଭେଲ୍ସ କମ୍ପାନୀର ଲାଇଟ୍ ସହ ଗୋଟିଏ ସୋଲାର ଲାଇଟ୍ ଖୁମ୍ବ ପାଇଁ ୩୨ ହଜାର ବ୍ୟୟ ଅଟକଳ ରଖାଯାଇଥିଲା । ମାତ୍ର ଗୋଟିଏ ସୋଲାର ଲାଇଟ୍ ଓ ଖୁମ୍ବ ଲଗାଇବା ପାଇଁ ମାତ୍ର ୧୪ ହଜାର ଟଙ୍କା ଖର୍ଚ୍ଚ ହୋଇଥିବା ଅଭିଯୋଗ ହୋଇଛି । କାର୍ଯ୍ୟ ପରେ ବ୍ଲକ ଅଫିସ ର ଜେଇ ଓ ଏଇ ବିଲ୍ କରିବା ପାଇଁ ମନା କରିବା ପରେ ଝାରସୁଗୁଡ଼ା ଡିଆରଡିଏ ଜରିଆରେ ବିଲ୍ ତିଆରି କରି ଠିକା ସଂସ୍ଥା କୁ ପ୍ରଦାନ କରାଯାଇଥିଲା ।

# ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓକେସିଏଲ୍ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର




ବାଲେଶ୍ୱର, ୨୩/୪ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟର ଓ ଓଡ଼ିଶା ନଲେଜ କର୍ପୋରେସନ ଲିମିଟେଡ୍ (ଓକେସିଏଲ୍), ଭୁବନେଶ୍ୱର ମଧ୍ୟରେ 'ଏଆଇ କ୍ଷମତା ବିକାଶ" ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୁଝାମଣାପତ୍ର ସ୍ୱାକ୍ଷର ସହ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହା ବିଶ୍ୱବିଦ୍ୟାଳୟର ଆଭ୍ୟନ୍ତରୀଣ ଗୁଣବତ୍ତା ନିଶ୍ଚିତତା ବିଭାଗ (ଆଇକ୍ୟୁଏସି) ସହଯୋଗରେ ସଂଗଠିତ କରାଯାଇଥିଲା। କାର୍ଯ୍ୟକ୍ରମର ଆରମ୍ଭରେ ଆଇକ୍ୟୁଏସି ର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହୀ ଙ୍କ ଅଭିଭାଷଣରେ ସମସ୍ତଙ୍କୁ ସ୍ୱାଗତ କରାଯାଇଥିଲା। ନିଜ ଅଧ୍ୟକ୍ଷୀୟ ଭାଷଣରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ କହିଥିଲେ ଯେ, "ଏଆଇ-ଭିତ୍ତିକ କ୍ଷମତା ବିକାଶ ଆଜିକାଲି ଆଉ ବିକଳ୍ପ ନୁହେଁ, ବରଂ ଶିକ୍ଷାଗତ ଉତ୍କର୍ଷତା ଓ ପ୍ରଶାସନିକ କାର୍ଯ୍ୟକୁଶଳତା ପାଇଁ ଅତ୍ୟାବଶ୍ୟକ ହୋଇପଡିଛି।" ସେ ଏହି ବୁଝାମଣାପତ୍ର ଦ୍ୱାରା ସହଯୋଗ ମାଧ୍ୟମରେ କାର୍ଯ୍ୟ କ୍ଷେତ୍ରରେ ନୂତନତ୍ୱ ଓ ସୁଯୋଗର ଦ୍ୱାର ଖୋଲିବ ବୋଲି ଆଶାବ୍ୟକ୍ତ କରିଥିଲେ। ଏଥିସହ, ଅତିଶୀଘ୍ର ବିଶ୍ୱବିଦ୍ୟାଳୟର ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ପାଇଁ ଏଆଇ ଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରିବା ପାଇଁ ଓକେସିଏଲ କୁ ପ୍ରସ୍ତାବ ଦେଇଥିଲେ। କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ତାଙ୍କ ଭାଷଣରେ ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ଡିଜିଟାଲ୍ କୌଶଳ ବିକାଶରେ ପ୍ରତିଷ୍ଠାନମୂଳକ ସହଯୋଗର ଗୁରୁତ୍ୱକୁ ଉଲ୍ଲେଖ କରିଥିଲେ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଉଚ୍ଚ ଶିକ୍ଷାରେ କୃତ୍ରିମ ମେଧାର ପରିବର୍ତ୍ତନଶୀଳ ଭୂମିକାକୁ ଉଲ୍ଲେଖ କରିଥିଲେ। ବାଲେଶ୍ୱର ସ୍ଥିତ ଆରଜେଏସଏମଏସ ର ନିର୍ଦ୍ଦେଶକ ଡ଼କ୍ଟର ଶାନ୍ତନୁ କୁମାର ପାଣି, ଭବିଷ୍ୟତ ପାଇଁ ପ୍ରସ୍ତୁତ ଗବେଷକ ଓ ଛାତ୍ରଛାତ୍ରୀମାନଙ୍କ ପାଇଁ କୌଶଳମୂଳକ ଶିକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ଓକେସିଏଲ ର ଏକ କର୍ପୋରେଟ୍ ଭିଡିଓ ପ୍ରଦର୍ଶିତ ହୋଇଥିଲା, ଯାହା ଏହାର ବିଭିନ୍ନ ପଦକ୍ଷେପ ଓ କାର୍ଯ୍ୟକ୍ଷେତ୍ର ବିଷୟରେ ଅବଗତ କରାଇଥିଲା। ଓକେସିଏଲ ର ବ୍ୟବସ୍ଥାପନ ନିର୍ଦ୍ଦେଶକ ଡ଼କ୍ଟର ମନୋରଞ୍ଜନ ପୁଥାଳ ସଂଗଠନର ଦୃଷ୍ଟିକୋଣ ବିଷୟରେ କହିଥିଲେ ଯେ, ପ୍ରଯୁକ୍ତିମୂଳକ କୌଶଳ ବିକାଶ ମାଧ୍ୟମରେ ଶିକ୍ଷା ଓ ଶିଳ୍ପ ମଧ୍ୟରେ ଥିବା ମଧ୍ୟଭେଦକୁ କମାଇବା ଏହାର ଲକ୍ଷ୍ୟ। ସେ ପ୍ରଶାସନିକ କାର୍ଯ୍ୟକୁଶଳତା ବୃଦ୍ଧିରେ ଶିକ୍ଷା ପ୍ରକ୍ରିୟାର ଗୁରୁତ୍ୱକୁ ମଧ୍ୟ ଉଲ୍ଲେଖ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟ ଓ ଓକେସିଏଲ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର, ଯାହା ଏଆଇ ଓ ଡିଜିଟାଲ୍ କୌଶଳର ସଂଯୁକ୍ତ କ୍ଷମତା ବିକାଶ ପାଇଁ ଏକ କୌଶଳଗତ ପଦକ୍ଷେପ ଗ୍ରହଣ ସହ ଏଆଇ ଗ୍ରହଣୀୟ ପ୍ରଥମ ବିଶ୍ୱବିଦ୍ୟାଳୟ ଭାବେ ପରିଚିତ ହେବାନେଇ ଆଶାବ୍ୟକ୍ତ କରାଯାଇଛି। କାର୍ଯ୍ୟକ୍ରମରେ ଦୁଇଟି ପ୍ରାୟୋଗିକ ଶିକ୍ଷା ଅଧିବେଶନ ମଧ୍ୟ ଆୟୋଜିତ ହୋଇଥିଲା। ଶ୍ରୀ ସୁଶାନ୍ତ ଜେ. ଦାସ ଶିକ୍ଷାଗତ ଓ ପ୍ରଶାସନିକ କ୍ଷେତ୍ରରେ ଉତ୍ପାଦକତା ବୃଦ୍ଧି ପାଇଁ ଏଆଇ କୌଶଳର ବ୍ୟବହାର ବିଷୟରେ ଉପସ୍ଥାପନା କରିଥିଲେ। ପରେ ଶ୍ରୀ ନୀଳାଦ୍ରି ବିହାରୀ ରାୟ ଓକେସିଏଲ ରେ ଛାତ୍ରଛାତ୍ରୀଙ୍କ ଇଣ୍ଟର୍ନସିପ୍ ଇକୋସିଷ୍ଟମ୍‌ର ଲାଇଭ୍ ଡେମୋ ପ୍ରଦର୍ଶନ କରି, ଶିଳ୍ପ-ପ୍ରସ୍ତୁତ କୌଶଳଗୁଡିକ ଅବଗତ କରାଇଥିଲେ। ଡ଼କ୍ଟର ରାଜଶ୍ରୀ ଦତ୍ତଙ୍କ ଦ୍ୱାରା କାର୍ଯ୍ୟକ୍ରମଟି ସଂଯୋଜିତ ହୋଇଥିଲା ଓ ଶେଷରେ ଡ଼କ୍ଟର ପ୍ରହଲ୍ଲାଦ ଖିଲ୍ଲା ଧନ୍ୟବାଦ ଜ୍ଞାପନ କରିଥିଲେ।

## ସାମ୍ବାଦିକ କମଳାକାନ୍ତ ନାୟକଙ୍କ ସ୍ତ୍ରୀ ବିୟୋଗରେ ବିଦେଇର ଶୋକାକୁଳ ପରିବେଶ



ବାଲେଶ୍ୱର, ୨୩/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ସାରଗାଁ ପଞ୍ଚାୟତର ବିଦେଇ ଗ୍ରାମରେ ନୂତନ ବାର୍ତ୍ତା ସାମ୍ବାଦିକ କମଳା କାନ୍ତ ନାୟକ ଙ୍କ ସ୍ତ୍ରୀ ସୌଦାମିନୀ ନାୟକ ବିୟୋଗରେ ବିଦ୍ୱେଇ ଗାଁ ରେ ଶୋକାକୁଳ ପରିବେଶ ଦେଖା ଦେଇଛି। ମୃତ୍ୟୁ ବେଳକୁ ସ୍ତ୍ରୀ ସୌଦାମିନୀ ର ୬୬ ବର୍ଷ। ସୌଦାମିନୀ ଜଣେ ଅଙ୍ଗନ୍ ବାଡ଼ି ଶିକ୍ଷୟତ୍ରୀ ଓ ସେକ୍ ପାଟଣା ସେବା ସମିତିର ଡାଇରେକ୍ଟର ଓ ଇନ୍ଦିରା ଗାନ୍ଧୀ ମହିଳା ସମିତିର ସଂପାଦକ ବର୍ତ୍ତମାନ ସୁଦ୍ଧା ସେବା କାର୍ଯ୍ୟ କରୁଥିଲେ ୨୩ ତାରିଖ ରାତି ୫ ଟା ଗୁରୁବାର ଦିନ ମୃତ୍ୟୁ ହୋଇଥିଲା। ମୃତ୍ୟୁ ସମୟରେ ସ୍ୱାମୀ କମଳା କାନ୍ତ ନାୟକ ଝିଅ ସ୍ନେହ ଲତା ଗିରି ସ୍ୱାମୀ ସୁଦର୍ଶନ ଗିରି ପୁତ୍ର ଓ ପୁତ୍ର ବଧୂ, ପରିବାର କୁଟୁମ୍ବରେ ସମସ୍ତେ ଉପସ୍ଥିତ ଥିଲେ। ସୌଦାମିନୀ ଜଣେ ସମାଜ ସେବୀ ଥିବାରୁ ବିଦେଇ ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

# ରାଜ୍ୟ ଡେଡଲିଫ୍ଟ ଚାମ୍ପିଅନସିପ୍ ବିଜେତା ଆରଏସପି ଦଳକୁ ସମ୍ମାନିତ କରିବା ପାଇଁ କାର୍ଯ୍ୟକ୍ରମ ଅନୁଷ୍ଠିତ



ରାଉରକେଲା, ୨୩/୪ (ନି.ପ୍ର): ଟିମ୍ ଆର ଏସ ପି ଓଡ଼ିଶାର ଶକ୍ତି କ୍ରୀଡ଼ା ଇତିହାସରେ ଏକ ସ୍ମରଣୀୟ ଅଧ୍ୟାୟ ଯୋଡି ଗତ ୧୮ ଏବଂ ୧୯ ଏପ୍ରିଲରେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟ ଡେଡଲିଫ୍ଟ ଚାମ୍ପିଅନସିପରେ 'ରନର୍ସ ଅପ୍' ବିବେଚିତ ହୋଇଛି। ଉକ୍ତ ଚାମ୍ପିଅନସିପରେ ଆର ଏସ ପି ଦଳ ୦୯ ସ୍ୱର୍ଣ୍ଣ, ୦୩ ରୌପ୍ୟ ଏବଂ ୦୧ କାଂସ୍ୟ ପଦକ ସହିତ ମୋଟ ୧୩ ପଦକ ଜିତିଛି, ଯାହା ରାଜ୍ୟର ପାୱାରଲିଫ୍ଟିଂ ଏବଂ ଡେଡଲିଫ୍ଟ ସର୍କିଟରେ ରାଉରକେଲାର ବୃଦ୍ଧି ପାଉଥିବା ପତିଆରା ପ୍ରଦର୍ଶନ କରୁଛି।

ମହିଳା ବିଭାଗରେ, ସୁଶ୍ରୀ ସ୍ୱାତୀ ଗୋଣ୍ଡ, ସୁଶ୍ରୀ ଗୁରଲୀନ କୌର, ସୁଶ୍ରୀ ବିଷ୍ଣୁପ୍ରିୟା ସ୍ୱାଇନ, ସୁଶ୍ରୀ ସୃଷ୍ଟି ସିଂହ ଏବଂ ସୁଶ୍ରୀ ଆଲିଶା ମହାରଣା ଚାମ୍ପିଅନ ହୋଇ ଉଭା ହୋଇଥିଲେ, ପ୍ରତ୍ୟେକେ ନିଜ ନିଜ ସବ୍ ଜୁନିଅର ଏବଂ ଜୁନିଅର ଓଜନ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେମାନଙ୍କ ପ୍ରଦର୍ଶନ କେବଳ ଦଳର ସାମଗ୍ରିକ ପଦକ ତାଲିକାରେ ଅବଦାନ ରଖିନଥିଲା ବରଂ ରାଉରକେଲାରୁ ମହିଳା ଶକ୍ତି କ୍ରୀଡ଼ାର ବର୍ଦ୍ଧିତ ଗଭୀରତାକୁ ମଧ୍ୟ ରେଖାଙ୍କିତ କରିଥିଲା।

ଅନୁରୂପ ଭାବେ ପୁରୁଷ ବିଭାଗରେ, ଶ୍ରୀ ରତନ ସିଂହ, ଶ୍ରୀ ବସନ୍ତ କୁମାର ମଲ୍ଲିକ, ଶ୍ରୀ ଏସକେ ବାଶିଦ ଏବଂ ଶ୍ରୀ ବିଜୟ କୁମାର ରାଉଲ ସିନିୟର ଏବଂ ମାଷ୍ଟର୍ସ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତି ନିଜର କର୍ତ୍ତୃତ୍ୱ ସ୍ଥାପନ କରିଥିଲେ।

ସୂଚନାଯୋଗ୍ୟ ଯେ ଦଳ ସହିତ ଅଧିକାରୀ ଭାବରେ ଆସିଥିବା ଶ୍ରୀ ଏସ୍.କେ. ଭୂୟାଁ, ମଧ୍ୟ ଚାମ୍ପିଅନସିପରେ ରୌପ୍ୟ ପଦକ ଜିତି ମଞ୍ଚରେ ନିଜର ଉପସ୍ଥିତି ଜାହିର କରିଥିଲେ। ସମସ୍ତ ଅଂଶଗ୍ରହଣକାରୀ ଖେଳାଳିଙ୍କୁ ଶ୍ରୀ ବିକ୍ରମ ସ୍ୱାଇଁଙ୍କ ମାର୍ଗଦର୍ଶନରେ ତାଲିମ ଦିଆଯାଇଥିଲା, ଯାହାଙ୍କ ପ୍ରଶିକ୍ଷଣ ଏହି ପଦକ ସମୃଦ୍ଧ ଦଳକୁ ଗଠନ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି।

ଏପ୍ରିଲ ୨୨ ତାରିଖରେ ରେ ଟାଉନ୍ ସର୍ଭିସେସ୍ କାର୍ଯ୍ୟାଳୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ, ସିଜିଏମ୍ (ଟିଏ ଏବଂ ସିଏସଆର) ଶ୍ରୀ ଟି ଜି କାନେକର, ବିଜୟୀ ମାନଙ୍କୁ ସେମାନଙ୍କର ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ସମ୍ମାନିତ କରିଥିଲେ। ଏହି ଅବସରରେ ବିଭାଗର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ। ଡେପୁଟି ମ୍ୟାନେଜର (କ୍ରୀଡା) ଶ୍ରୀ ଆର ଏନ ପାଢୀ, କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ୨୮ରେ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ ଦ୍ୱିତୀୟ କୁଳଗୌରବ ସମ୍ମାନ ପ୍ରଦାନ ଉତ୍ସବ

ଭୁବନେଶ୍ୱର, ୨୩/୪ (ନି.ପ୍ର): ଓଡ଼ିଶାର ଅଗ୍ରଣୀ ପ୍ରଗତୀଶୀଳ ଅନୁଷ୍ଠାନ ବିଶ୍ୱ ଓଡ଼ିଆ ପରିବାର ପକ୍ଷରୁ 'ଦ୍ୱିତୀୟ କୁଳଗୌରବ ସମ୍ମାନ-୨୦୨୬' ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ସଭାଗୃହଠାରେ ଆସନ୍ତା ଅପ୍ରେଲ ୨୮ ତାରିଖରେ ପ୍ରଦାନ କରାଯିବ। ଯେଉଁ ଉଦ୍ୟୋଗପତିମାନେ ଓଡ଼ିଶାର ପ୍ରଗତିରେ ନିଜକୁ ସାମିଲ କରିପାରିଛନ୍ତି ସେମାନଙ୍କ ମଧ୍ୟରୁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ସଫଳ ଉଦ୍ୟୋଗପତିଙ୍କୁ କୁଳଗୌରବ ସମ୍ମାନରେ ଭୂଷିତ କରାଯିବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଓଡ଼ିଶା ବିଧାନ ସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ଶିଳ୍ପ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ, କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା, ପୂର୍ବତନ ରାଜ୍ୟସଭା ସଦସ୍ୟ ଡକ୍ଟର ଅମର ପଟ୍ଟନାୟକ, ବିଶିଷ୍ଟ ଉଦ୍ୟୋଗପତି ଅଜୟ ଅଗ୍ରୱାଲ ପ୍ରମୁଖ ଅତିଥି ଭାବରେ ଯୋଗ ଦେବାକୁ ସଦୟ ସ୍ୱିକୃତୀ ପ୍ରଦାନ କରିଛନ୍ତି ବୋଲି ଅନୁଷ୍ଠାନ ଅଧ୍ୟକ୍ଷ ସଜ୍ଜନ ଶର୍ମା ପ୍ରକାଶ କରିଛନ୍ତି।

# ରାଉରକେଲା ଇସ୍ପାତ କାରଖାନାର ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ ଅନ୍ତର୍ଗତ ବର୍ନ ସେଣ୍ଟର୍‌ର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଅନୁଷ୍ଠିତ




ରାଉରକେଲା, ୨୩/୪ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ଅନ୍ତର୍ଗତ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)ର ବର୍ନ ସେଣ୍ଟର୍ ଏପ୍ରିଲ୍ ୨୨ ତାରିଖରେ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ ସହିତ ଚିକିତ୍ସା ଓ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ୫୦ ବର୍ଷର ଉତ୍ସର୍ଗୀକୃତ ସେବାକୁ ସ୍ମରଣ କରୁଛି। ଆରଏସପି ର ଭରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ଏହି ଅବସରରେ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ। ସିଏମଓ ଇନଚାର୍ଜ (ଏମଆଣ୍ଡଏଚଏସ) ଡକ୍ଟର ଜେ କେ ଆଚାର୍ଯ୍ୟ ସମ୍ମାନିତ ଅତିଥି ଥିବାବେଳେ ସି ଏମ ଓ (ଏମଆଣ୍ଡଏଚଏସ) ଡକ୍ଟର ପ୍ରତିଭା ଷଡ଼ଙ୍ଗୀଙ୍କ ସମେତ ଅନେକ ବରିଷ୍ଠ ଡାକ୍ତର ଏବଂ ବହୁ ସଂଖ୍ୟକ ହସ୍ପିଟାଲ୍ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ।

ଏହି ଅବସରରେ ଶ୍ରୀ ବର୍ମା ବର୍ଣ୍ଣ ୟୁନିଟ ର ଉତ୍କୃଷ୍ଟ ସ୍ୱାସ୍ଥ୍ୟ ସେବା ପ୍ରଦାନ ରେ ହର୍ଷ ପ୍ରକଟ କରି ଏଥିରେ ନିତ୍ୟ ନୂତନ ଉନ୍ନତି ଆଣିବାକୁ ପରାମର୍ଶ ଦେଇଥିଲେ। ବର୍ଣ୍ଣ ୟୁନିଟରେ ରକ୍ଷଣାବେକ୍ଷଣ ପାଇଁ ସ୍ୱଚ୍ଛତା ପ୍ରତି ଅଗ୍ରାଧିକାର ଦେଇ ଡିଆଇସି କହିଥିଲେ ଯେ 'ଅନେକ ବଡ଼ ହସ୍ପିଟାଲ ଉଚ୍ଚ ମୃତ୍ୟୁ ହାର ଯୋଗୁଁ ବର୍ଣ୍ଣ ୟୁନିଟ୍ ରକ୍ଷଣାବେକ୍ଷଣକୁ ପସନ୍ଦ କରନ୍ତି ନାହିଁ, କିନ୍ତୁ ଏକ ଥର୍ମୋ-ସେନ୍ସିଟିଭ୍ ପ୍ଲାଣ୍ଟ ଭାବରେ, ଆମକୁ କେବଳ ଏହି ୟୁନିଟ୍ ରକ୍ଷଣାବେକ୍ଷଣ କରିବା ଉଚିତ ନୁହେଁ ବରଂ ଭାରତର ସର୍ବୋତ୍ତମ ବର୍ଣ୍ଣ ୟୁନିଟ୍ ମଧ୍ୟରୁ ଗୋଟିଏ ହେବାକୁ ଚେଷ୍ଟା କରିବାକୁ ପଡିବ।' ଡକ୍ଟର ଜେ କେ ଆଚାର୍ଯ୍ୟ ତାଙ୍କ ଅଭିଭାଷଣରେ କହିଥିଲେ ଯେ ପାଞ୍ଚ ଦଶନ୍ଧିର ସେବା କରୁଣା ଏବଂ ସେବାର ଐତିହ୍ୟକୁ ଦର୍ଶାଏ। 'ଆଇଜିଏଚ୍ ପାଇଁ ଏକ ଆବଶ୍ୟକତା ଭାବରେ ଆରମ୍ଭ ହୋଇଥିବା ୟୁନିଟ୍ ଏବେ ଓଡ଼ିଶା ଲୋକଙ୍କ ଆଶା ପାଲଟିଛି,' ସେ ରାଜ୍ୟ ସାରା ଗୁରୁତର ବର୍ଣ୍ଣ ରୋଗୀଙ୍କ ପାଇଁ ଜୀବନରେଖା ଭାବରେ ବର୍ଣ୍ଣ ୟୁନିଟ୍ ର ବଢୁଥିବା ଭୂମିକା ଉପରେ ଆଲୋକପାତ କରିଥିଲେ। ଡକ୍ଟର ରୁବି ସିଂହ, ପରାମର୍ଶଦାତା (ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ) ୧୯୭୬ ମସିହାରେ ପ୍ରତିଷ୍ଠା ହେବା ପରଠାରୁ ବର୍ଣ୍ଣ ସେଣ୍ଟରର ଯାତ୍ରାର ଏକ ଉପସ୍ଥାପନା ପ୍ରଦାନ କରିଥିଲେ ଯେଉଁଥିରେ ଦାହ, ପ୍ଲାଷ୍ଟିକ୍ ସର୍ଜରୀ ଏବଂ ପୁନଃନିର୍ମାଣ ଅସ୍ତ୍ରୋପଚାରର ବିଭିନ୍ନ ସଫଳତା ଉପରେ ଆଲୋକପାତ କରାଯାଇଥିଲା। ରୋଗୀ ସେବା ଏବଂ ଅନୁଷ୍ଠାନର ଅଭିବୃଦ୍ଧିରେ ଅମୂଲ୍ୟ ଅବଦାନ ପାଇଁ ଏ ଅବସର ରେ ଡିଆଇସି ବିଭାଗର ଚୁକ୍ତିଭିତ୍ତିକ କର୍ମଚାରୀ ଏବଂ ନିୟମିତ କର୍ମଚାରୀମାନଙ୍କୁ ସମ୍ମାନିତ କରିଥିଲା। ଏହି ଅବସରରେ ଏକ ରୋଗୀ ଶିକ୍ଷା ମାନୁଆଲ୍ ମଧ୍ୟ ଉନ୍ମୋଚିତ ହୋଇଥିଲା। ପୂର୍ବରୁ, ଉତ୍ସବର ଶୁଭାରମ୍ଭ ଦୀପ ପ୍ରଜ୍ୱଳନ ସହିତ ହୋଇଥିଲା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରସ୍ତୁତ ବର୍ନ ୟୁନିଟ୍‌ର ଇତିହାସ ଏବଂ ଐତିହ୍ୟ ଉପରେ ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା। ଡକ୍ଟର ପି ଶ୍ରବଣ ଏସ୍ କୁମାର, ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ଡକ୍ଟର ସୀମା ଲାକ୍ରା, ଏସିଏମ୍‌ଓ (ଏମ୍ ଆଣ୍ଡ୍ ଏଚଏସ୍) ସମାରୋହର ସଂଚାଳନ କରିଥିଲେ। ଡକ୍ଟର ଜି ଏସ୍ ସାହୁ, (ପରାମର୍ଶଦାତା-ବର୍ଣ୍ଣ ଏବଂ ପ୍ଲାଷ୍ଟିକ୍ ସର୍ଜରୀ) ଏକ ଆନୁଷ୍ଠାନିକ ଧନ୍ୟବାଦ ପ୍ରସ୍ତାବ ଦେଇଥିଲେ। ଉଲ୍ଲେଖନୀୟ ଯେ, ବର୍ଣ୍ଣ ସେଣ୍ଟରର ଭିତ୍ତିପ୍ରସ୍ତର ୧୯୭୬ ମସିହା ମାର୍ଚ୍ଚ ୨୧ ରେ ତତ୍କାଳୀନ କେନ୍ଦ୍ର ଇସ୍ପାତ ଏବଂ ଖଣି ମନ୍ତ୍ରୀ ଶ୍ରୀ ଚନ୍ଦ୍ରଜିତ ଯାଦବଙ୍କ ଦ୍ୱାରା ସ୍ଥାପନ କରାଯାଇଥିଲା। ଗତ ପାଞ୍ଚ ଦଶନ୍ଧି ଧରି, ଆଇ ଜି ଏଚ ର ବର୍ନ ସେଣ୍ଟର ସମଗ୍ର ଅଞ୍ଚଳରେ ଆରୋଗ୍ୟ ଆଶାୟୀଙ୍କ ପାଇଁ ଆଶାର ଆଲୋକ ଭାବରେ ଉଭା ହୋଇଛି, ଯାହା ଜ୍ୱଳନଆରୋଗ୍ୟ ସେବା ପରିଚାଳନା କ୍ଷେତ୍ରରେ କରୁଣାପୂର୍ଣ୍ଣ ଯତ୍ନ, କ୍ଲିନିକାଲ୍ ଉତ୍କୃଷ୍ଟତା ଏବଂ ଅଭିନବ ଚିକିତ୍ସା ପ୍ରଦାନ କରିବାର ଏହାର ଯାତ୍ରା ଜାରି ରଖିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ତାମିଲନାଡୁ ଓ ପଶ୍ଚିମବଙ୍ଗରେ...

ମୁର୍ଶିଦାବାଦର ନୌଡାରେ, ଟିଏମସି ବ୍ଲକ ଅଧ୍ୟକ୍ଷ ହୁମାୟୁନ କବୀରଙ୍କ ସହ ପ୍ରବଳ ଯୁକ୍ତିତର୍କ କରିଥିଲେ। ଆମ ଜନତା ଉନ୍ନୟନ ପାର୍ଟିର ପ୍ରାର୍ଥୀ କବୀର ପୂର୍ବରୁ ଟିଏମସିରୁ ଇସ୍ତଫା ଦେଇଥିଲେ। କବୀରଙ୍କ ବିରୋଧରେ 'ଚୋର, ଚୋର' ସ୍ଲୋଗାନ ଦିଆଯାଇଥିଲା। ହୁମାୟୁନ୍ କବୀର ଟିଏମସି ବିରୋଧରେ ପରିବେଶ ବିଗାଡ଼ିବାର ଅଭିଯୋଗ ଆଣିଥିଲେ। ଏହାପରେ ଫଳରେ ଟିଏମସି ସମର୍ଥକମାନେ ସ୍ଲୋଗାନ ଦେଇ ପ୍ରତିବାଦ କରିଥିଲେ। ସୁରକ୍ଷା କର୍ମୀଙ୍କ ଉପସ୍ଥିତ ବୃଦ୍ଧି ଯୋଗୁଁ ପରିସ୍ଥିତି ଅଣାୟତ ହୋଇପାରିନଥିଲା। ଟିଏମସି କର୍ମୀମାନେ ହୁମାୟୁନ୍ କବୀରଙ୍କୁ ବିଜେପି ଏଜେଣ୍ଟ ବୋଲି କହିଛନ୍ତି। ରାଜନଗର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ହୁମାୟୁନ୍ କବୀର ତାଙ୍କ ନିର୍ବାଚନମଣ୍ଡଳୀର ବିଭିନ୍ନ ପୋଲିଂ ବୁଥ୍ ପରିଦର୍ଶନ କରୁଥିବା ସମୟରେ ତାଙ୍କୁ ଟିଏମସି ସମର୍ଥକଙ୍କ ବିରୋଧର ସମ୍ମୁଖୀନ ହେବାକୁ ପଡିଛି। ହୁମାୟୁନ୍ କବୀର ରାଜ୍ୟର ପ୍ରତ୍ୟେକ ଛୋଟ ବଡ଼ ଘଟଣା ପାଇଁ ସିଧାସଳଖ ମମତା ବାନାର୍ଜୀଙ୍କୁ ଟାର୍ଗେଟ କରି ଆସୁଛନ୍ତି ଏବଂ ତାଙ୍କୁ ଦାୟୀ କରୁଛନ୍ତି, ଯାହା ଫଳରେ ଉତ୍ୟକ୍ତ ଟିଏମସି ସମର୍ଥକମାନେ ଏଭଳି କରିଥିବା କୁହାଯାଉଛି।

### ବାରମ୍ବାର ଆକ୍ରମଣ ପରେ ଜନଗଣନାକାରୀଙ୍କ...

ରାଜସ୍ୱ ବିଭାଗ ପକ୍ଷରୁ ଏନେଇ ଜିଲ୍ଲାପାଳ, ଏସ୍‌ପି ଓ ମୁଖ୍ୟ ଜନଗଣନା ଅଧିକାରୀଙ୍କୁ ଏନେଇ ଚିଠି ଲେଖି ଅବଗତ କରାଯାଇଛି। ସୁରକ୍ଷା ପାଇଁ ୮ ସୂତ୍ରୀ ଏସଓପି। ଜନଗଣନାକାରୀ ଓ ସୁପରଭାଇଜର ନିଜର ଆଇଡି କାର୍ଡ ଓ ନିଯୁକ୍ତି ପତ୍ର ସାଥୀରେ ନେବେ। ଗ୍ରୀଷ୍ମପ୍ରବାହ ପାଇଁ ଦିନ ୧୧ଟାରୁ ଅପରାହ୍ଣ ୩ଟା ଯାଏଁ ଜନଗଣନା ବନ୍ଦ ରହିବ। ଆବଶ୍ୟକୀୟ ସତର୍କତାମୂଳକ ପଦକ୍ଷେପ ନେବାକୁ ପରାମର୍ଶ। ସମ୍ବେଦନଶୀଳ ସ୍ଥାନକୁ ଏକାଠି ଯିବେ, ଜନଗଣନାକାରୀଙ୍କ ସ୍ଥିତି ବାବଦରେ ପ୍ରତି ଘଣ୍ଟାରେ ତଥ୍ୟ ନେବେ ସୁପରଭାଇଜର। ଅପ୍ରୀତିକର ପରିସ୍ଥିତି ଉପୁଜିଲେ ତୁରନ୍ତ ସ୍ଥାନ ଛାଡ଼ିବା ସହ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ଜନଗଣନାକାରୀ। ଜନଗଣନା କାରୀଙ୍କ ନାଁ ଓ ଫୋନ୍ ନମ୍ବର ସ୍ଥାନୀୟ ପୁଲିସକୁ ଦିଆଯିବ। ସମ୍ବେଦନଶୀଳ ସ୍ଥାନରେ ଜନଗଣନାକାରୀଙ୍କ ସହ ରହିବେ ପୁଲିସ। ସ୍ଥାନୀୟ ନେତୃତ୍ୱଙ୍କୁ ଅବଗତ କରିବା ସହ ତାଙ୍କ ଉପସ୍ଥିତିରେ ଜନଗଣନକାରୀ ନିଜ କାର୍ଯ୍ୟ କରିପାରିବେ। ଜନଗଣନା କାରୀଙ୍କ କାର୍ଯ୍ୟରେ ବାଧା ଉପୁଜାଇଲେ କିମ୍ବା ଆକ୍ରମଣ କଲେ କଡ଼ା କାର୍ଯ୍ୟାନୁଷ୍ଠାନ। ଜନଗଣନାକାରୀଙ୍କୁ ଆକ୍ରମଣ ଭିତରେ ବୈପାରୀଗୁଡାର କୁଲାବେଡାବାସୀ ଜନଗଣନାକୁ ବିରୋଧ କରିଛନ୍ତି। ହାତ ପାହାନ୍ତାରେ ସରକାରୀ ସୁବିଧା ସୁଯୋଗ ପାଇଁ କୋରାପୁଟ ଜିଲ୍ଲା ବଦଳରେ ମାଲକାନଗିରି ଜିଲ୍ଲାରେ କୁଲାବେଡା ଗ୍ରାମକୁ ଯୋଡ଼ିବା ପାଇଁ ଦାବି କରିଛନ୍ତି।

### ୪୦ ଡିଗ୍ରି ଉପରେ...

ଏହି କାରଣଗୁଡ଼ିକ ପାଇଁ ଆଭ୍ୟନ୍ତରୀଣ ଏବଂ ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ତୀବ୍ର ଗ୍ରୀଷ୍ମଲହରୀ ଦେଖିବାକୁ ମିଳୁଛି। ଯାହାର ପ୍ରଭାବରେ ଅସହ୍ୟ ହେଉଛି ଗ୍ରୀଷ୍ମଋତୁ। ଆଭ୍ୟନ୍ତରୀଣ ଓଡ଼ିଶାରେ ମଧ୍ୟ ଅଧିକ ତାତି ହେତୁ ଦେହ ହାତ ଜଳି ପୋଡ଼ି ଯିବା ଭଳି ଅନୁଭବ ହେଉଛି। ଉପକୂଳ ଓଡ଼ିଶାରେ ଆଦ୍ରତା ଯୋଗୁଁ ପ୍ରବଳ ଗୁଳୁଗୁଳି ଅନୁଭୂତ ହେଉଛି। ୨୪ଘଣ୍ଟା ପାଇଁ ବଲାଙ୍ଗୀର, ସମ୍ବଲପୁର, ଝାରସୁଗୁଡ଼ା ରେ ଗ୍ରୀଷ୍ମପ୍ରବାହ ନେଇ ଚେତାବନୀ ଜାରି ହୋଇଛି।

### ରତ୍ନଭଣ୍ଡାର ଚାବି ନେଇ...


ସରକାରଙ୍କ ସୂଚନା ଅନୁସାରେ, ରତ୍ନଭଣ୍ଡାରର ଅଳଙ୍କାର ଗଣତି ମଣତି ପ୍ରକ୍ରିୟା ସୁରୁଖୁରୁରେ ଚାଲିଛି। ୧୯୭୮ ମସିହାର ତାଲିକା ସହ ଏହାକୁ ମେଳ କରାଯାଉଛି। ଆସନ୍ତା ସ୍ନାନ ଯାତ୍ରା ପୂର୍ବରୁ ଏହି କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏଥିସହ ଚାବି ହଜିବା ଘଟଣାର ତଦନ୍ତ କମିସନ ରିପୋର୍ଟ ଖୁବଶୀଘ୍ର ବିଧାନସଭାରେ ଉପସ୍ଥାପନ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।

### ସାରା ବିଶ୍ୱକୁ ଇରାନ...

ଇରାନ ସହିତ ବଢୁଥିବା ଉତ୍ତେଜନା ମଧ୍ୟରେ ହୋର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା କମାଇବା ପାଇଁ ଇସ୍ରାଏଲ ଏହି ଭାରତୀୟ କରିଡର କାମକୁ ବେଶ୍ ତ୍ୱରାନ୍ୱିତ କରିଛି। ଇସ୍ରାଏଲ ଚାହୁଁଛି ଯେ ଏହି ବିକଳ୍ପ ମାର୍ଗ ଜରିଆରେ ବିଶ୍ୱ ବାଣିଜ୍ୟ ସୁରକ୍ଷିତ ରହୁ। ଅନ୍ୟପଟେ, ଏହି ପ୍ରକଳ୍ପର ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ସାଉଦି ଆରବ କାମକୁ ଆଗେଇ ନେବାରେ କିଛିଟା କୁଣ୍ଠାବୋଧ କରୁଥିବା ପରିଲକ୍ଷିତ ହେଉଛି। ଆଞ୍ଚଳିକ ରାଜନୀତି ଏବଂ ସୁରକ୍ଷା ସମ୍ବନ୍ଧୀୟ କାରଣରୁ ସାଉଦି ଏବେ 'ଅପେକ୍ଷା କର ଏବଂ ଦେଖ' ନୀତି ଆପଣେଇଛି। ତଥାପି, ଭାରତ ଏବଂ ଇସ୍ରାଏଲ ଏହି କରିଡରକୁ ବାସ୍ତବ ରୂପ ଦେବା ପାଇଁ ରଣନୈତିକ ସ୍ତରରେ ପ୍ରୟାସ ଜାରି ରଖିଛନ୍ତି, ଯାହା ଚୀନ୍‌ର 'ୱାନ ବେଲ୍ଟ ୱାନ ରୋଡ୍' ପ୍ରକଳ୍ପକୁ କଡ଼ା ଚ୍ୟାଲେଞ୍ଜ ଦେବ।

ନାମଲେଖା ଚାଲିଛି
"ସା ବିଦ୍ୟା ଯା ବିମୁକ୍ତୟେ"
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ମାତୃ ବିହାର, ମାନସିଂବଜାର, ବାଲେଶ୍ୱର-୨୦୨୬-୨୭
R.T.E. Act ଅନୁସାରେ ସମାଜରେ ଆର୍ଥିକ ଅନଗ୍ରସର, ଅବହେଳିତ, ଆଦିବାସୀ, ହରିଜନ ଓ ଗରିବ ପିଲାମାନଙ୍କ ପାଇଁ ୨୫% ନିଶୁଳ୍କ ଶିକ୍ଷାଦାନ ବ୍ୟବସ୍ଥା ରହିଛି।
ଭାରତୀୟ ସଂସ୍କୃତି ଓ ପରମ୍ପରା ଆଧାରିତ ଶିକ୍ଷାନୁଷ୍ଠାନ
ଯୋଗାଯୋଗ:- ୮୨୮୦୧୫୯୬୩୫ / ୯୪୩୯୧୯୦୯୫୦

ADMISSION OPEN    ADMISSION OPEN



Vivekananda Vedamatee School
Mirzapokhari chhak, Balasore
COR N0- VVSGBM/164/2022
Session- 2026-27
Pre Nursery to Class Viii.
New Admission Starts for the Session 2026-27 from dt.20/01/2026 to onwards.
Asper 12(i) (c) of Right to Children to free and compulsory Education Act 2009 aaplicants are invites from the children belonging to weaker section and disadvantaged groups for admission with 25% seats reserved in the said classes.
Principal
Vivekananda Vedamatee School, Balasore
Contact:- 9776359011, 9439190950

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ସବୁଜ ସାଥୀ ସାମ୍ମୁଖ୍ୟର କୃଷକ ସମ୍ବର୍ଦ୍ଧନା ଉତ୍ସବ

ଭଦ୍ରକ , ୨୩/୪ (ନି.ପ୍ର): ଭଦ୍ରକ ପ୍ରମୁଖ ସାମାଜିକ ଅନୁଷ୍ଠାନ ସବୁଜସାଥୀ ସାମ୍ମୁଖ୍ୟ ରାଜ୍ୟର କୃଷି କୃଷିଭିତ୍ତିକ ଗଣପର୍ବ ଅକ୍ଷୟ ତୃତୀୟା ପାଳନ ଅବସରରେ ଭଦ୍ରକ ବାଇପାସ୍ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ 'ଆମ ସଂସ୍କୃତିରେ ଅକ୍ଷୟ ତୃତୀୟା' ସମ୍ପର୍କିତ ଏକ ଆଲୋଚନା ଚକ୍ର ଓ କୃଷକ ସମ୍ବର୍ଦ୍ଧନା ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ସମ୍ମାନିତ ଅତିଥିଭାବେ ଡଃ ପ୍ରମୋଦ କୁମାର ନାୟକ ଓ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ଯୋଗଦେଇ ଆମ ଭାରତୀୟ ସଂସ୍କୃତି ସହିତ ଅକ୍ଷୟ ତୃତୀୟା ଦିବସର ତାତ୍ପର୍ଯ୍ୟ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଉତ୍ସବରେ ସାମ୍ମୁଖ୍ୟର ସଭାପତି ରମେଶ ଚନ୍ଦ୍ର ରାୟ ଅଧ୍ୟକ୍ଷତା କରିଥିବାବେଳେ ସଂପାଦକ ଦିଲ୍ଲୀପ କୁମାର ଖୁଣ୍ଟିଆ ସାମ୍ମୁଖ୍ୟର ସମ୍ପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଙ୍ଗୀତ ବିଦ୍ୟାଳୟର ଛାତ୍ରୀମାନେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ପରିବେଷଣ କରିଥିଲେ। କୃଷିକବି ଅରୁଣ କୁମାର ପାତ୍ରଙ୍କ ରଚିତ ଦୁଇଟି କୃଷି ପୁସ୍ତକ କୃଷି, କୃଷକ ଓ କୃଷି ଜୀବନ ଏବଂ ବିଲେ ବୋଲେ ଚଷା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଭଦ୍ରକ ଜିଲ୍ଲାର ୭ଗୋଟି ବ୍ଲକରୁ ୭ ଜଣ କୃଷକସାଥୀ ଓ ୭ ଜଣ ସଫଳ କୃଷକଙ୍କୁ ଉତ୍ତରୀୟ, ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା କରାଯାଇଥିଲା। ଭଦ୍ରକସ୍ଥିତ ମଦିରା ଏକାଡେମୀର ଛାତ୍ରୀମାନେ କୃଷିଭିତ୍ତିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ସାମ୍ମୁଖ୍ୟର ସଦସ୍ୟ ଉଦିତ କୁମାର ରାୟ, ଲକ୍ଷ୍ମୀଧର ସାହୁ, ଶ୍ରୀଧର ଦାସ, ପ୍ରଦୀପ କୁମାର ପାଢ଼ୀ, ନିର୍ମଳ ଚନ୍ଦ୍ର ସାହୁ, ପଙ୍କଜ କୁମାର ବାଇ କାର୍ଯ୍ୟକ୍ରମରେ ସହାୟତା ପ୍ରଦାନ କରିଥିଲେ। ଅରୁଣ କୁମାର ପାତ୍ର ସମସ୍ତ କାର୍ଯ୍ୟକ୍ରମକୁ ଉପସ୍ଥାପନା କରିଥିଲେ।

# ଲକ୍ଷ୍ମୀନାରାୟଣ ସେବା ସଙ୍ଗଠନ ତରଫରୁ ଦିବ୍ୟାଙ୍ଗଙ୍କୁ ନେଇ ଭଜନ ସନ୍ଧ୍ୟା

## ପାଞ୍ଚ ଦିନ ବ୍ୟାପୀ ଅନୁଷ୍ଠିତ ଲକ୍ଷ୍ମୀନାରାୟଣ ପୂଜା ଉଦ୍ଯାପିତ

ଭଦ୍ରକ , ୨୩/୪ (ନି.ପ୍ର): ଭଦ୍ରକ ବ୍ଲକର ବ୍ରହ୍ମପୁର ଗ୍ରାମ ପଂଚାୟତର ୱାର୍ଡ ନଂ-୩ରେ ଆନନ୍ଦ ଓ ଭକ୍ତିମୟ ପରିବେଶ ମଧ୍ୟରେ ୫ ଦିନ ବ୍ୟାପି ଲକ୍ଷ୍ମୀନାରାୟଣ ପୂଜା ଗତକାଲି ବୁଧବାର ଉଦଯାପିତ ହୋଇଯାଇଛି । ପ୍ରତିବର୍ଷର ନିୟମ ଅନୁସାରେ ଏହି ପୂଜା ଗ୍ରାମବାସୀଙ୍କ ମଧ୍ୟରେ ଧାର୍ମିକ ଭାବନାକୁ ଜାଗୃତ କରିବା ସହ ଏକତା ଓ ସମ୍ମିଳନର ବାର୍ତ୍ତା ପ୍ରସାର କରୁଛି । ଏହି ଅବସରରେ ଲକ୍ଷ୍ମୀନାରାୟଣ ସେବା ସଙ୍ଗଠନ ତରଫରୁ ଦିବ୍ୟାଙ୍ଗମାନଙ୍କୁ ନେଇ ଏକ ଭଜନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯାହା ଉପସ୍ଥିତ ସମସ୍ତଙ୍କ ମନକୁ ଛୁଇଁଥିଲା। ଭଜନର ମାଧ୍ୟମରେ ଦିବ୍ୟାଙ୍ଗମାନେ ନିଜର ପ୍ରତିଭା




ପ୍ରଦର୍ଶନ କରି ସମସ୍ତଙ୍କର ଭରପୂର ସ୍ତୁତି ଓ ପ୍ରଶଂସା ଲାଭ କରିଥିଲେ। ଏହି କାର୍ଯ୍ୟକ୍ରମକୁ ପଂଚାୟତର ସରପଞ୍ଚ ନରହରି ସାହୁ ମୁଖ୍ୟ ଅତିଥି ଭାବେ ଉପସ୍ଥିତ ରହି ଉଦ୍ଘାଟନ କରିଥିଲେ ଏବଂ ଏପରି ସମାଜସେବାମୂଳକ ପ୍ରୟାସକୁ ସ୍ୱାଗତ କରିଥିଲେ। ଅବସର ପ୍ରାପ୍ତ ଅଧ୍ୟାପକ ଶିବ ପ୍ରସାଦ ଖାମୁରାଇ ସ୍ୱାଗତ ଭାଷଣ ଦେଇ ସମସ୍ତ ଅତିଥି ଓ ଅଂଶଗ୍ରହଣକାରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ପୂଜା କମିଟିର ସମସ୍ତ ସଦସ୍ୟମାନେ ଏହି ଅବସରରେ ଉପସ୍ଥିତ ଥିଲେ ଏବଂ ଲକ୍ଷ୍ମୀନାରାୟଣ ସେବା ସଙ୍ଗଠନର ସଭ୍ୟମାନେ ସମଗ୍ର କାର୍ଯ୍ୟକ୍ରମକୁ ସୁଚାରୁ ଓ ଶୃଙ୍ଖଳାବଦ୍ଧ ଭାବେ ପରିଚାଳନା କରିଥିଲେ। ଉଲ୍ଲେଖ୍ୟ ଯେ, ଲକ୍ଷ୍ମୀନାରାୟଣ ସେବା ସଙ୍ଗଠନ ଦୀର୍ଘଦିନ ଧରି ଦିବ୍ୟାଙ୍ଗମାନଙ୍କ ସୁବିଧା, ପୁନର୍ବାସ ଓ ଜୀବିକା ଉନ୍ନତି ପାଇଁ ବିଭିନ୍ନ ପ୍ରକାରର ସେବାମୂଳକ କାର୍ଯ୍ୟକ୍ରମ, ଯଥା ଥେରାପି ସେବା, କୌଶଳ ବିକାଶ ପ୍ରଶିକ୍ଷଣ ଓ ସାମାଜିକ ସଚେତନତା କାର୍ଯ୍ୟକ୍ରମ ଆଦି ସଫଳତାର ସହ କରୁଆସୁଛି। ଏପରି ପ୍ରୟାସ ଦ୍ୱାରା ସମାଜରେ ଦିବ୍ୟାଙ୍ଗମାନଙ୍କ ପ୍ରତି ସମ୍ମାନ ଓ ସହାନୁଭୂତି ବୃଦ୍ଧି ପାଉଛି ବୋଲି ସ୍ଥାନୀୟ ଲୋକମାନେ ମତ ପ୍ରକାଶ କରିଛନ୍ତି।

# 'ମୁଖ୍ୟମନ୍ତ୍ରୀ ଶ୍ରମିକବନ୍ଧୁ ସମ୍ମାନ' ମନୋନୟନ କମିଟି ବୈଠକରେ ବିଧାୟକ ସନ୍ତୋଷ ଖଟୁଆଙ୍କ ଯୋଗଦାନ




ନୀଳଗିରି , ୨୩/୪ (ନି.ପ୍ର): ରାଜ୍ୟର ଶ୍ରମିକମାନଙ୍କ କଲ୍ୟାଣ ଏବଂ ସେମାନଙ୍କ ପାଇଁ କାର୍ଯ୍ୟକରୁଥିବା ଟ୍ରେଡ୍ ୟୁନିୟନଗୁଡ଼ିକୁ ପ୍ରୋତ୍ସାହିତକରିବା ଉଦ୍ଦେଶ୍ୟରେ ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଦ୍ୱାରା ଘୋଷିତ 'ମୁଖ୍ୟମନ୍ତ୍ରୀ ଶ୍ରମିକ ବନ୍ଧୁ ସମ୍ମାନ' ପ୍ରଦାନ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଆଜି ଓଡ଼ିଶା ଶ୍ରମକମିଶନରଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ମନୋନୟନ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ କମିଟିର ସଦସ୍ୟଭାବେ ନୀଳଗିରି ବିଧାୟକ ଶ୍ରୀ ସନ୍ତୋଷ ଖଟୁଆ ଯୋଗଦେଇ ଆଗାମୀ ମେ' ଦିବସ ଅବସରରେ ପ୍ରଦାନ କରାଯିବାକୁ ଥିବା ଏହି ସମ୍ମାନପାଇଁ ଯୋଗ୍ୟହିତାଧିକାରୀ ଚୟନ ଉପରେ ଗୁରୁତ୍ୱାରୋପ କରିଛନ୍ତି। ବିଧାୟକ ଶ୍ରୀ ଖଟୁଆ କହିଛନ୍ତି ଯେ, 'ଶ୍ରମିକମାନେ ହେଉଛନ୍ତି ଜାତିର ନିର୍ମାତା। ସେମାନଙ୍କ ସ୍ୱାର୍ଥରକ୍ଷା ପାଇଁ ନିରନ୍ତର କାର୍ଯ୍ୟକରୁଥିବା ସଂଗଠନଗୁଡ଼ିକୁ ସ୍ୱଚ୍ଛତା ଓ ନିରପେକ୍ଷତାର ସହ ଚୟନକରାଯିବ, ଯାହାଦ୍ୱାରା ପ୍ରକୃତ ସେବାକାରୀମାନେ ସମ୍ମାନିତ ହୋଇପାରିବେ।' ସୂଚନାଯୋଗ୍ୟ ଯେ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ପକ୍ଷରୁ ଗଠିତ ଏହି ୫ଜଣିଆ ମନୋନୟନ କମିଟିରେ ବିଧାୟକଙ୍କ ସମେତ ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀମାନେ ସାମିଲ ଅଛନ୍ତି। କୌଣସି ପକ୍ଷପାତିତା ନକରି ଶ୍ରମିକଙ୍କ ସ୍ୱାର୍ଥରେ ସମର୍ପିତ ଟ୍ରେଡ୍ ୟୁନିୟନଗୁଡ଼ିକୁ ଚୟନକରିବା ପାଇଁ ବୈଠକରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସରକାରଙ୍କ ଏହି ଅଭିନବ ପ୍ରୟାସ ଶ୍ରମିକଶ୍ରେଣୀର ସାମାଜିକ ପ୍ରତିଷ୍ଠା ବୃଦ୍ଧିକରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ବୈଠକରେ ମତପ୍ରକାଶ ପାଇଛି।

# ସମାଜସେବୀ ଦୈତାରୀ ବେହେରାଙ୍କ ବିୟୋଗ



ବାଲେଶ୍ୱର , ୨୩/୪ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ଗ୍ରାମ ପଞ୍ଚାୟତର ଜମ୍ବେଶ୍ୱର ପୁର ଗ୍ରାମର ଗ୍ରାମ୍ୟ କମିଟିର ପ୍ରାକ୍ତନ ସଭାପତି ତଥା ଅଞ୍ଚଳର ବିଶିଷ୍ଟ ସମାଜ ସ୍ୱେ ଦୈତାରୀ ବେହେରାଙ୍କ ବିୟୋଗରେ ଶୋକର ଛାୟା ଖେଳି ଯାଇଛି। ଶ୍ରୀ ବେହେରା ୯୨ବର୍ଷର ସଫଳ ଜୀବନ ଅତିବାହିତ କରିଥିଲେ । ଆଦର୍ଶ କୃଷକ ଭାବରେ ପାଖଆଖ ଅଞ୍ଚଳରେ ସେ ସର୍ବାଦୃତ ଥିଲେ। ସୟମ୍ଭୁ ବାବା ଜମ୍ବେଶ୍ୱରନାଥ ମନ୍ଦିର ନିର୍ମାଣରେ ପ୍ରମୁଖ ଯୋଗଦାନ ଥିଲା, ଅଞ୍ଚଳର ଶିକ୍ଷା ବିକାଶ ଆନ୍ଦୋଳନରେ ସାମିଲ ହୋଇ ବିଦ୍ୟାଳୟ ପ୍ରତିଷ୍ଠାରେ ଭାଗିଦାରୀ ରଖିଥିଲେ। ଗ୍ରାମ୍ୟରେ ଭଗବତ ଦର୍ଶନର ପ୍ରଚାର ପ୍ରସାର ପାଇଁ ନିର୍ମିତ ଭାଗବତ ଟୁଙ୍ଗୀର ନିର୍ମାଣ ବିକାଶ ପାଇଁ ତାଙ୍କ ସେବା ଅବିସ୍ମରଣୀୟ। ଭୋର ଚାରିଟା ବେଳେ ଇହଲୀଳା ସମ୍ବରଣ କରିଥିଲେ। ମୃତ୍ୟୁ ବେଳକୁ ତିନି ପୁତ୍ର ଲକ୍ଷ୍ମୀକାନ୍ତ ବେହେରା, ବୃନ୍ଦାବନ ବେହେରା , ଦୋଳଗୋବିନ୍ଦ ବେହେରା ଓ ପୁତ୍ରବଧୂ ନାତି ନାତୁଣୀ ଉପସ୍ଥିତ ଥିଲେ। ଖବରପାଇ ଅଞ୍ଚଳରେ ବହୁ ବିଶିଷ୍ଟ ବ୍ୟକ୍ତି ସମେତ ସମାଜ ସଂସ୍କାରକ ପୀତବାସ ଆଚାର୍ଯ୍ୟ, ଉମେଶକୁମାର ପାଣିଗ୍ରାହୀ, ବ୍ରଜେନ୍ଦ୍ରକୁମାର ମହାନ୍ତି, ଜିଲ୍ଲା ସିଭିଲ ଜଜର ହିସାବ ରକ୍ଷକ ମାନସ କୁମାର ନାୟକ, ମନବଧିକାର କର୍ମୀ ସୁଧାକର ସେଠୀ, ତୁଳସୀ କ୍ୱବଭହବଭ ବାରିକ ପ୍ରମୁଖ ଉପସ୍ଥିତ ରହି ଶେଷ ଦର୍ଶନ କରିଥିଲେ। ପୁତ୍ର ଦୋଳଗୋବିନ୍ଦ ବେହେରା ମୁଖାଗ୍ନି ପ୍ରଦାନ କରିଥିଲେ। ଶ୍ରୀ ବେହେରା ଜଣେ ଭଲ ମଣିଷ ଥିଲେ ତାଙ୍କ ତିରୋଧାନ ଆମ ଗାଁ ମୁରବୀ ହରାଇଲା ବୋଲି ପୂର୍ବତନ ଉପ ପଶୁ ନିର୍ଦ୍ଦେଶକ ଡାକ୍ତର ପରମାନନ୍ଦ ସେଠୀ ଜଣାଇଛନ୍ତି।

# ସଜନାଗଡ଼ଠାରେ ଶନିଶ୍ଚରଦେବଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ: ତିନିଦିନ ଧରି ଚାଲିବ ଭବ୍ୟ ଆୟୋଜନ

ନୀଳଗିରି, ୨୩/୪ (ନି.ପ୍ର): ନୀଳଗିରି ଗଡଜାତର ଅଧିଷ୍ଠାତ୍ରୀ ଦେବୀ ମା ଭୁଦାରଚଣ୍ଡୀଙ୍କ ପୀଠ ସଜନାଗଡ। ମହିମାମଣ୍ଡିତ ମା'ଙ୍କ ପୀଠର ଅନତିଦୂରରେ ବାବା ଶନିଦେବଙ୍କ ଆସ୍ଥାନ। ଅଗଷ୍ଟ ୧ତାରିଖ ୨୦୧୮ମସିହାରେ ଅଞ୍ଚଳର କିଛି ଧର୍ମପ୍ରାଣ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏକ ଛୋଟିଆ କୁଡିଆଘରେ ବାବା ଶନିଦେବଙ୍କ ବିଗ୍ରହ ସ୍ଥାପନ କରାଯାଇଥିଲା। କାଳକ୍ରମେ ଏକ ମନ୍ଦିର ଗଢିବାର ଅଭିଳାଷରଖି ନରେନ୍ଦ୍ର ବେହେରା, ଅଜୟ କୁମାର ପଣ୍ଡା, ଗଣେଶ୍ୱର ବେହେରା, ଭାବଗ୍ରାହୀ ନାୟକ, ସୁଶାନ୍ତ ନାୟକ, ବିଜୟ କୁମାର ସ୍ୱାଇଁ, ରତ୍ନାକର ସ, ସୁଦର୍ଶନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା, ଯୁଧିଷ୍ଠିର ପାତ୍ର କାନନ ବାଗ, ସୁମନ୍ତ ସ୍ୱାଇଁ ଭଳି ବହୁ ଉଦ୍ଯୋଗି ବଦାନ୍ୟବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ଏକ ଭବ୍ୟମନ୍ଦିର ଗଢି ଉଠିଛି। ତିନିଦିନ ଧରି ଏହି ନୂତନମନ୍ଦିରର



ପ୍ରତିଷ୍ଠାଉତ୍ସବ ପାଇଁ ଗୁରୁବାର ପ୍ରଥମଦିବସରେ ଘଟସ୍ଥାପନ ପାଇଁ ୩ଶହରୁ ଉର୍ଦ୍ଧ୍ୱ ମହିଳା ସ୍ଥାନୀୟପୋଖରୀ ରୁ ପୂର୍ଣ୍ଣଘଟ ବହନକରି ମନ୍ଦିର ସଂଲଗ୍ନ ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ହଜାର ହଜାର ସଂଖ୍ୟାରେ ଭକ୍ତ ଓ ଶ୍ରଦ୍ଧାଳୁ ଢୋଲ, ମହୁରୀ, ଶଙ୍ଖ, ଘଣ୍ଟ, ଖୋଳ ,କରତାଳ ଓ ସଙ୍କୀର୍ତ୍ତନ ସହ ଘଟଉତ୍ତୋଳନ ଯାତ୍ରାରେ ସାମିଲ ହୋଇଥିଲେ। ଆଜି ଦ୍ୱିତୀୟ ଦିବସରେ ମନ୍ଦିରପ୍ରତିଷ୍ଠା ସହ ଦଧିନଉତି ସ୍ଥାପନ କରାଯିବ। ପାଞ୍ଚଜଣ ବ୍ରାହ୍ମଣପଣ୍ଡିତଙ୍କ ଦ୍ୱାରା ଯଜ୍ଞ ଓ ପୂଜାପାଠ ହେବା ସହିତ ଅନ୍ତିମଦିବସରେ ପୂର୍ଣ୍ଣାହୁତି ସହିତ ବଡପୂଜା ନୀତି ସମ୍ପନ୍ନହେବ। ଏହି ତିନିଦିନ ଭଜନକୀର୍ତ୍ତନ ସହ ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ସବୁବର୍ଗର ଲୋକ ଉତ୍ସାହର ସହିତ ସାମିଲ ହୋଇଥିବା ଦେଖିବାକୁ ମିଳିଥିବା ବେଳେ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଏବଂ ଅନ୍ୟ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତରହି ଶନିଦେବଙ୍କ ଆଶିଷଭିକ୍ଷା କରିଥିବା ଦେଖାଯାଇଥିଲା।

# ଜଳେଶ୍ୱରରେ ବେଆଇନ ବାଲି ମାଫିଆଙ୍କ ଉପରେ ପୋଲିସର ସର୍ଜିକାଲ ଷ୍ଟ୍ରାଇକ

## ୧୦ ଟ୍ରାକ୍ଟର ଓ ୩ ଜେସିବି ଜବତ,୧୦ ଜଣ ଅଟକ

ଜଳେଶ୍ୱର , ୨୩/୪ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଥାନା ଅଞ୍ଚଳରେ ଚୋରା ବାଲି କାରବାର ବିରୋଧରେ ପୋଲିସ ଏକ ବଡ଼ ଧରଣର ସଫଳତା ହାସଲ କରିଛି। ବିଳମ୍ବିତ ରାତିରେ ସ୍ପେଶାଲ ଟିମ୍ ପକ୍ଷରୁ କରାଯାଇଥିବା ଏହି ଅତର୍କିତ ଚଢ଼ାଉରେ ୧୦ଟି ବାଲି ବୋଝେଇ ଟ୍ରାକ୍ଟର ଓ ୩ଟି ଜେସିବି ମେସିନ ଜବତ କରାଯିବା ସହ ୧୦ ଜଣ ଚାଳକଙ୍କୁ ଅଟକ ରଖାଯାଇଛି। ସୂଚନା ଅନୁଯାୟୀ, ଜଳେଶ୍ୱର ଅଞ୍ଚଳରେ ଦୀର୍ଘ ଦିନ ଧରି ରାତିଅଧିଆ ଚୋରା ବାଲି ପରିବହନ ଚାଲିଥିବା ନେଇ ଅଭିଯୋଗ ହୋଇଆସୁଥିଲା। ଏହାକୁ ଗୁରୁତ୍ୱର ସହ ନେଇ ବାଲେଶ୍ୱର ଡିଏସପି ଶୁଭ୍ରାଂଶୁ ନାୟକଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଥିଲା। ଜଳେଶ୍ୱର ଥାନା ସମେତ ମୋଟ ୬ଟି ଟିମ୍ ଏହି ଚଢ଼ାଉରେ ସାମିଲ ହୋଇଥିଲେ। ରାଜନଗର, ଚାଲନ୍ତି,ଶିଖରପୁର,



ମହମ୍ମଦ ନଗର ପାଟଣା,ଏକତାଳି ଏବଂ ଶେଖସରାଇ ଭଳି ବିଭିନ୍ନ ପ୍ରମୁଖ ବାଲି ଖାଦାନ ଉପରେ ଏକକାଳୀନ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ବେଆଇନ ଭାବେ ବାଲି ଉତ୍ତୋଳନ ଓ ପରିବହନରେ ନିୟୋଜିତ ୧୦ଟି ଟ୍ରାକ୍ଟର ଏବଂ ୩ଟି ଜେସିବି ମେସିନକୁ ପୋଲିସ ଜବତ କରିଛି। ଏହି ସଫଳ ଅପରେସନ ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଜଳେଶ୍ୱର ଥାନା ଆଇଆଇସି ଅଶୋକ କୁମାର ବାରିକ।ସେ କହିଛନ୍ତି ଯେ,ଅଟକ ଥିବା ୧୦ ଜଣ ଚାଳକଙ୍କୁ ପୋଲିସ ଜେରା କରୁଛି ଏବଂ ଏହି ବେଆଇନ କାରବାର ପଛରେ ଥିବା ଅନ୍ୟ ମୁଖ୍ୟ ଅଭିଯୁକ୍ତଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆହୁରି ମଧ୍ୟ କହିଛନ୍ତି ଯେ ବେଆଇନ ବାଲି ଚୋରା ଚାଲାଣକୁ କୌଣସି ପରିସ୍ଥିତିରେ ବରଦାସ୍ତ କରାଯିବ ନାହିଁ।ଆଗକୁ ମଧ୍ୟ ଏଭଳି ଚଢ଼ାଉ ଜାରି ରହିବ। ଅନ୍ୟପଟେ, ପୋଲିସର ଏହି ରାତିଅଧିଆ କାର୍ଯ୍ୟାନୁଷ୍ଠାନକୁ ନେଇ କିଛି ସ୍ଥାନୀୟ ଲୋକ ଓ ଲିଜ୍ ଧାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖା ଦେଇଛି। ଚୋରା ଖାଦାନ ସହିତ କିଛି ବୈଧ ଲିଜ୍ ଖାଦାନ ଉପରେ ମଧ୍ୟ ଚଢ଼ାଉ କରାଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି।

# ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ଛାତ୍ର ଛାତ୍ରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଉଦଳା, ୨୩/୪ (ନି.ପ୍ର): ମେଘାସନ ମହାବିଦ୍ୟାଳୟରେ ଅଧ୍ୟୟନରତ +୩ ଶେଷ ବର୍ଷ ପଦାର୍ଥ ବିଜ୍ଞାନ ଓ ରସାୟନ ବିଜ୍ଞାନ ବିଭାଗର ଛାତ୍ର ଛାତ୍ରୀ ମାନଙ୍କର ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇ ଯାଇଛି । ଉଭୟ ବିଭାଗର ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ର ଛାତ୍ରୀ ମିଳିତ ଭାବରେ ଏହି ଉତ୍ସବ ଆୟୋଜନର ନେତୃତ୍ୱ ନେଇଥିଲେ । ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉତ୍ସବକୁ ଉଦ୍ଘାଟନ କରିବା ସହ ସହପାଠୀର ସ୍ଥାନ ଅନ୍ୟ କେହି ନେଇପାରିବେ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ଛାତ୍ର ଛାତ୍ରୀ ମାନେ ଜଣ ଜଣ କରି ନିଜର ଅନୁଭବ ବ୍ୟକ୍ତ କରିଥିଲେ । ରସାୟନ ବିଭାଗର ଅଧ୍ୟାପିକା ତନ୍ମୟି ମହାନ୍ତ ଓ ପଦାର୍ଥ ବିଜ୍ଞାନର ଅଧ୍ୟାପକ ପ୍ରଦୀପ କୁମାର ବିଶ୍ୱାଳ ବିଦାୟ ନେଉଥିବା ଛାତ୍ରଛାତ୍ରୀଙ୍କ ମାହୋଲ କିପରି ଥିଲା ଏହାର ଏକ ନିଖୁଣ ଚିତ୍ର ଉପସ୍ଥାପନ କରିଥିଲେ । ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ଡ଼କ୍ଟର ନିରଂଜନ ପାଠୀ, ସହପାଠୀ ଜଣେ ଭଲ ବନ୍ଧୁ ଅଟନ୍ତି । ପାଠପଢ଼ା କ୍ଷେତ୍ରରେ ତାଙ୍କର ସହଯୋଗ ଓ ପ୍ରେରଣା ସାରାଜୀବନ ଭୁଲିହୁଏ ନାହିଁ ବୋଲି କହିଥିଲେ । ପରେ ବିଦାୟ ନେଉଥିବା ଛାତ୍ର ଛାତ୍ରୀଙ୍କୁ ଉତରୀୟ, ପୁଷ୍ପଗୁଚ୍ଛ ଓ ଉପହାର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଛାତ୍ର ଲକ୍ଷ୍ମୀଧର ସାହୁ ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିବା ସହ କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ ।

# ବାଲେଶ୍ୱର ସଦର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରସଲପୁର ପଂଚାୟତରେ ବିଜେପି ପକ୍ଷରୁ ମହା ମିଶ୍ରଣ ପର୍ବ ଅନୁଷ୍ଠିତ

ବାଲେଶ୍ୱର, ୨୩/୪ (ନି.ପ୍ର): ବିଶ୍ୱର ସବୁଠାରୁ ଲୋକପ୍ରିୟ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଓ ଆଦର୍ଶ ଏବଂ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ରାଜ୍ୟରେ ଚାଲିଥିବା ଲୋକଙ୍କ ସରକାରଙ୍କ କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରସଲପୁର ପଂଚାୟତର ସଂଖ୍ୟାଧିକ ବିଜେଡ଼ି ନେତା ଓ କର୍ମୀ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟିରେ ସାମିଲ ହୋଇଛନ୍ତି । ଏହି ପରିପ୍ରେକ୍ଷୀରେ ବଡଧନାଡି ଠାରେ ଆୟୋଜିତ ମିଶ୍ରଣ ପର୍ବ କାର୍ଯ୍ୟକ୍ରମରେ ବିଜେପି ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ନବାଗତ ସଦସ୍ୟଙ୍କୁ ସ୍ୱାଗତ




କରିଥିଲେ । ବିଗତ ୧୨ବର୍ଷ ଧରି ଦେଶର ବିକାଶଧାରାକୁ ଶୀର୍ଷରେ ପହଂଚାଇଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତ୍ୟେକ ଲୋକକଲ୍ୟାଣ ଯୋଜନା ଆଜି ଗ୍ରାମାଂଚଳର ଘରେ ଘରେ ପହଂଚିପାରିଛି । ସେହିପରି ୨୪ବର୍ଷର କୁଶାସନକୁ ହଟାଇ ରାଜ୍ୟରେ ଜନସେବାର ପ୍ରତୀକ ସାଜିଥିବା ଲୋକଙ୍କ ସରକାର ୨ବର୍ଷ ମଧ୍ୟରେ ଗ୍ରାମାଂଚଳରେ ବିକାଶର ନୂଆ ଦିଗ ଦେଖାଇଛି । ଏହି ବିକାଶ ଧାରାରେ ନିଜକୁ ସାମିଲ କରିବା ପାଇଁ ଗ୍ରାମ୍ୟ ରାଜନୀତିର ଧୂରୀଣ ନେତା ଓ ତାଙ୍କ ସମର୍ଥକମାନେ ବିଜୁ ଜନତା ଦଳ ଛାଡି ବିଜେପିରେ ସାମିଲ ହୋଇଥିବା ବିଧାୟକ ଶ୍ରୀ ଦତ୍ତ ଏହି ଅବସରରେ ସୂଚନା ଦେଇଥିଲେ । ଆଗାମୀ ଦିନରେ ବ୍ୟାପକ ଭାବେ ଏହିଭଳି ମିଶ୍ରଣ କାର୍ଯ୍ୟକ୍ରମ ମାଧ୍ୟମରେ ଅନ୍ୟ ଦଳର ହଜାର ହଜାର କର୍ମୀ ଓ ସମର୍ଥକ ବଜେପିରେ ଯୋଗଦେବେ ବୋଲି ଶ୍ରୀ ଦତ୍ତ ଦୃଢୋକ୍ତି ପ୍ରକାଶ କରିଥିଲେ । ଏହି ମିଶ୍ରଣ ପର୍ବରେ ଉଦୟନାଥ ତରାଇ, ଅରୁପାନନ୍ଦ ବେହେରା, ଭୀମ ଚରଣ ବେହେରା, ପୂର୍ଣ ଚନ୍ଦ୍ର ମାଝୀ, ବାଞ୍ଛାନିଧି ମାଝୀ, ଚିତ୍ତରଞ୍ଜନ ବେହେରା, ଗୌତମ ବେହେରା, ଶଶିକାନ୍ତ ବେହେରା, ରମେଶ ମାଝୀ, ନବକାନ୍ତ ବେହେରା, ରତିକାନ୍ତ ବେହେରା, ରାକେଶ ମାଝୀ, ଆଦିକନ୍ଦ ବେହେରା, ବଳରାମ ମାଝୀ, ସୁକେତ ମାଝୀ, ହିମାଂଶୁ ମାଝୀ, ସୁଧାଂଶୁ ମାଝୀ ପ୍ରମୁଖ ଯୋଗଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଶୁଭେଶ ନାୟକ, ଗୋକୁଳାନନ୍ଦ ପାଣି, ଧନଞ୍ଜୟ ମହାନ୍ତି, ଚନ୍ଦନ ବେହେରା, ଅରୁପାନନ୍ଦ ବଢ଼େଇ, ବାଇଧର ବେହେରା, ବିରେନ୍ଦ୍ର ମାଝୀ, ଉମାକାନ୍ତ ବେହେରା, ହରି ମହତା ପ୍ରମୁଖଙ୍କ ସମେତ ରସଲପୁର ପଂଚାୟତର ବିଜେପି କାର୍ଯ୍ୟକର୍ତ୍ତା ଏହି ମହା ମିଶ୍ରଣ ପର୍ବରେ ଉପସ୍ଥିତ ଥିଲେ ।

# ଜମି ଓ ଘର ପାଇଁ ଗୁହାରି ଜଣାଇଲେ 'ମେଘାଲ'

ଉଦଳା, ୨୩/୪ (ନି.ପ୍ର): ଉଦଳା ବ୍ଲକର ପାଟଣାଣିପୁର ପଂଚାୟତ ଅନ୍ତର୍ଗତ ଚନ୍ଦ୍ରପୁର ଗ୍ରାମର ଝରଣାସାହି ଠାରେ ବସବାସ କରୁଥିବା ଲୋଧା ଜନଜାତିର ସ୍ୱର୍ଗତଃ ଶ୍ରୀହରି ମଲିକଙ୍କର ୬୫ ବର୍ଷ ବୟସର ପୁତ୍ର 'ମେଘାଲ' ସମ୍ପୂର୍ଣ୍ଣ ଭୂମିହୀନ ହୋଇଥିବାରୁ ମୁଣ୍ଡଗୁଂଜିବା ପାଇଁ ତାଙ୍କୁ ୪ଡ଼େ.ମି. ଜମି ସରକାର ଯୋଗାଇ ଦିଅନ୍ତୁ ବୋଲି ଅନୁରୋଧ ଜଣାଇଛନ୍ତି । ସେହିପରି ଆବାସ ଯୋଜନାରେ ଘରଟିଏ ପାଇବା ପାଇଁ ସେ ଗୁହାରି କରିଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା 'ମେଘାଲ' ଙ୍କର ବୟସ ବର୍ତ୍ତମାନ ୬୫ବର୍ଷ ଛୁଇଁଯାଇଥିବାରୁ ସେ ଆଉ ଆଗଭଳି କାମ କରିପାରୁ ନାହାଁନ୍ତି । ରୋଜଗାର ନଥିବାରୁ ପରିବାର ଚଳାଇବା ତାଙ୍କପକ୍ଷେ ଖୁବ କଷ୍ଟକର ହୋଇପଡ଼ିଛି ବୋଲି 'ମେଘାଲ' କହିଛନ୍ତି । ବିଭାଗୀୟ କତୃପକ୍ଷ 'ମେଘାଲ'ଙ୍କ ଦୁଃଖ ବୁଝି ତାଙ୍କୁ ସହଯୋଗର ହାତ ବଢ଼ାଇବାକୁ ସ୍ୱେଚ୍ଛାସେବି ରାମଚନ୍ଦ୍ର ସିଂ ଅନୁରୋଧ ଜଣାଇଛନ୍ତି ।

# ବିକାଜୀ ଗ୍ରୁପର ପ୍ରତିଷ୍ଠାତା ଫନ୍ନା ବାବୁଙ୍କ ପରଲୋକ

ନୂଆଦିଲ୍ଲୀ, ୨୩/୪ : ବିକାନେରୀ ଭୁଜିଆକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନ କରିଥିବା ବିକାଜୀ ଗ୍ରୁପର ପ୍ରତିଷ୍ଠାତା ଶିବରତନ ଅଗ୍ରୱାଲ 'ଫନ୍ନା ବାବୁ'ଙ୍କ ଗୁରୁବାର ଚେନ୍ନାଇରେ ପରଲୋକ ଘଟିଛି। ସେ ତାଙ୍କ ପତ୍ନୀଙ୍କ ହୃଦଘାତ ଅସ୍ତ୍ରୋପଚାର ପାଇଁ ସେଠାରେ ଥିଲେ। ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମା, କେନ୍ଦ୍ର ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଏବଂ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟଙ୍କ ସମେତ ଅନ୍ୟମାନେ ଶୋକ ପ୍ରକାଶ କରିଛନ୍ତି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida